

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୧ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 21 August 2026
Vol.No. 36 ■ No.219 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଛାତ୍ର ଆନ୍ଦୋଳନ ବେଳେ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ: ତଦନ୍ତ ପାଇଁ ଗଠନ ହେଲା କମିଟି




ନୂଆଦିଲ୍ଲୀ,୨୦/୮ : ନିଟ୍ ପରୀକ୍ଷା ଅନିୟମିତତା ବିରୋଧରେ ଚାଲିଥିବା ଛାତ୍ର ଆନ୍ଦୋଳନ ବେଳେ ପୁଲିସ୍‌ର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଓ ହିଂସାକାଣ୍ଡ ଘଟଣାର ହେବ ତଦନ୍ତ। ଏଥିପାଇଁ ସୁପ୍ରିମକୋର୍ଟ ବଧିବଦ୍ଧ ଭାବେ ଗଠନ କରିଛନ୍ତି ଗୋଟିଏ ଉଚ୍ଚ କ୍ଷମତା ସମ୍ପନ୍ନ କମିଶନ ବା ଏଚପିସି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଆର ସୁଭାଷ ରେଡ୍ଡୀ ଏହି କମିଟିର ନେତୃତ୍ୱ ନେବେ। ଆନ୍ଦୋଳନକାରୀମାନେ ହିଂସାକାଣ୍ଡ ଘଟାଇଥିଲେ କି ନାହିଁ, ବେଆଇନ ଭାବେ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ କି ନାହିଁ ଓ ଏହା ସହ ଜଡ଼ିତ ସମସ୍ତ ଅଭିଯୋଗର ତଦନ୍ତ କମିଟି ପକ୍ଷରୁ କରାଯିବ। ଜଷ୍ଟିସ ରେଡ୍ଡୀ ଏହାର ନେତୃତ୍ୱ ନେବାକୁ ଥିବା ବେଳେ କମିଟି ପଞ୍ଜାବ ଓ ହରିୟାଣା ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ରବି ଶଙ୍କର ଝା, ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଶୈଳେନ୍ଦ୍ର କୌର, ସିବିଆଇର ପୂର୍ବତନ ନିର୍ଦ୍ଦେଶକ ଋଷି କୁମାର ଶୁକ୍ଲା ଓ ମେଘାଳୟର ପୂର୍ବତନ ପୁଲିସ୍ ମହା ନିର୍ଦ୍ଦେଶକ ଏଲଆର ବିଷ୍ଣୋଇ ରହିଛନ୍ତି। ସଦସ୍ୟମାନଙ୍କ ଅଭିଜ୍ଞତା, ଦକ୍ଷତା ଓ ବିବିଧତାକୁ ଦୃଷ୍ଟିରେ ରଖି ଏପରି ଏକ କମିଟି ଗଠନ କରାଯାଇଥିବା ସୁପ୍ରିମକୋର୍ଟ କହିଛନ୍ତି। ପୂରା ଘଟଣାରେ ନିର୍ଣ୍ଣୟ ନେବାରେ କମିଟି ଉପଯୁକ୍ତ ସୁପାରିସ କରିବ ବୋଲି ମଧ୍ୟ ସୁପ୍ରିମକୋର୍ଟ ଆଶା ରଖିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ତଦନ୍ତ କେବଳ ଗୋଟିଏ ଟାସ୍କ ନୁହେଁ। କମିଟି ନିୟମିତ ଓ ପର୍ଯ୍ୟାୟକ୍ରମେ ଘଟଣାର ଯାଞ୍ଚ କରିବ। ଏଥିସହ ଅନ୍ତରୀଣ ରିପୋର୍ଟ ମଧ୍ୟ କୋର୍ଟରେ ଦାଖଲ କରିବ। ଏହାଦ୍ୱାରା ଉପଯୁକ୍ତ ନିର୍ଦ୍ଦେଶ ଜାରି କରାଯାଇ ପାରିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ମହିଳା ବିକ୍ଷୋଭକାରୀଙ୍କୁ ଟାର୍ଗେଟ୍ କରି ହୋଇଥିବା ହିଂସା, ଦୁର୍ବ୍ୟବହାର ଓ ଆପତ୍ତିଜନକ ବ୍ୟବହାର ଅଭିଯୋଗକୁ ପ୍ରାଥମିକତାର ସହ ଯାଞ୍ଚ କରିବାକୁ ସୁପ୍ରିମକୋର୍ଟ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ ପୁଲିସ ଓ ସୁରକ୍ଷାକର୍ମୀଙ୍କ ଆକ୍ରମଣରେ ବିକ୍ଷୋଭକାରୀ ଗୁରୁତର ଆହତ ହେବା ଅଭିଯୋଗକୁ ମଧ୍ୟ ପ୍ୟାନେଲ ଯାଞ୍ଚ କରିବ। କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମିଳିଥିବା ନିର୍ଦ୍ଦେଶର ମୂଳରେ କିଏ ରହିଥିଲେ, ସେକଥା ଖୋଜି ବାହାର କରିବ କମିଟି। ବିକ୍ଷୋଭକାରୀଙ୍କ ବିରୋଧରେ ଅତ୍ୟଧିକ ବଳ ପ୍ରୟୋଗ, ପେଲେଟ୍ ଗନ୍ ବ୍ୟବହାର, ବିଦ୍ୟୁତ୍ ବ୍ୟାଟନ୍, ଲାଠିଚାର୍ଜ ଓ ପର୍ଯ୍ୟାପ୍ତ ଚେତାବନୀ ନଦେଇ ଲୁହବୁହା ଗ୍ୟାସ୍ ପ୍ରୟୋଗ ଭଳି ଅଭିଯୋଗର ମଧ୍ୟ ଯାଞ୍ଚ ହେବ। ଆନ୍ଦୋଳନ ସମୟରେ ବିକ୍ଷୋଭକାରୀଙ୍କୁ ଗିରଫ, ସେମାନଙ୍କ ବିରୋଧରେ ବଳ ପ୍ରୟୋଗ କରିବା ସମୟରେ ପୁଲିସ ଓ ଅନ୍ୟ ସୁରକ୍ଷାକର୍ମୀମାନେ ଉପଯୁକ୍ତ ୟୁନିଫର୍ମ ଓ ନାମଫଳକ ପିନ୍ଧିଥିଲେ କି ନାହିଁ, ତା'ର ମଧ୍ୟ ତଦନ୍ତ କରିବ କମିଟି।

## ଭିଜିଲାନ୍ସ ଜାଲରେ ତହସିଲଦାର: ୫ ଲକ୍ଷ ଟଙ୍କା ନେଲାବେଳେ ଧରାପଡ଼ିଲେ



ସୁନ୍ଦରଗଡ଼, ୨୦/୮ (ନି.ପ୍ର): ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ତହସିଲଦାର-ତଥା-ସବ୍‌ରେଜିଷ୍ଟ୍ରାର ମୁରଲୀଧର ଉର୍ମାଲ। ତାଙ୍କଠାରୁ ୫ ଲକ୍ଷ ଟଙ୍କା ଜବତ କରିଛି ଭିଜିଲାନ୍ସ। ସେ ଅସାଧୁ ଉପାୟରେ ଏହି ଟଙ୍କା ହାତେଇ ଥିବା ସନ୍ଦେହ କରୁଛି ଭିଜିଲାନ୍ସ। ନିର୍ଭରଯୋଗ୍ୟ ସୂଚନା ଆଧାରରେ ଭିଜିଲାନ୍ସର ଏକ ଟିମ୍ ଲଠିକଟା ନିକଟସ୍ଥ ରାଜାବାସ ଛକରେ ଶ୍ରୀ ଉର୍ମାଲଙ୍କୁ ଅଟକାଇଥିଲା। ସେ ଲଠିକଟାସ୍ଥିତ ନିଜ କାର୍ଯ୍ୟାଳୟରୁ ସରକାରୀ ଗାଡ଼ିରେ ରାଉରକେଲାସ୍ଥିତ ବାସଭବନକୁ ଯାଉଥିଲେ। ଯାଞ୍ଚ ବେଳେ ତାଙ୍କ ଗାଡ଼ିରୁ ୫ ଲକ୍ଷ ଟଙ୍କା ମିଳିଥିଲା। ଏହି ଟଙ୍କା ସେ କେଉଁଠାରୁ ଓ କେଉଁ ଉଦ୍ଦେଶ୍ୟରେ ଆଣିଛନ୍ତି, ସେନେଇ କିଛି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଏହା ପରେ ଭିଜିଲାନ୍ସ ଟିମ୍ ଉକ୍ତ ଟଙ୍କା ସହିତ ସ୍କୋର୍ପିଓ ଗାଡ଼ିଟିକୁ ଜବତ କରିଥିଲା। ଏହା ସହିତ ତହସିଲଦାରଙ୍କୁ ଅଟକ ରଖି ପଚରାଉଚରା କରୁଛି ଭିଜିଲାନ୍ସ ଟିମ୍। ଆଣି ବେଳେ ତାଙ୍କ ପାଖରୁ ଏହି ଟଙ୍କା ଜବତ କରାଯାଇଛି। ୫ ଲକ୍ଷ ଟଙ୍କା ସହିତ ତହସିଲଦାର ଧରାପଡ଼ିବା ପରେ ଶ୍ରୀ ଉର୍ମାଲଙ୍କର ୩ଟି ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ତାଙ୍କ ଉକ୍ତ ଠିକଣାଗୁଡ଼ିକରେ ଏକକାଳୀନ ଚଢ଼ାଉ କରାଯାଇଛି।

## କଏଦୀ ଚମ୍ପଟ ପରେ ପ୍ରମାଣ ଗାଏବ୍: ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ନୂଆ ଟ୍ୱିଷ୍ଟ




ଭୁବନେଶ୍ୱର, ୨୦/୮ (ନି.ପ୍ର): ଚୌଦ୍ୱାର ଜେଲ୍‌ରୁ ଦୁଇ ବିହାରୀ କଏଦୀ ରାଜା ସାହାଣୀ ଓ ମଧୁକାନ୍ତ କୁମାର ଫେରାର୍ ହେବା ଘଟଣାକୁ ୧୦ ମାସ ବିତିଲାଣି। କିନ୍ତୁ ଥମୁନି ବିବାଦ। ଏବେ ଚୌଦ୍ୱାର ଜେଲ୍ ମିନିଟ୍ ବୁକ୍ ହଜିଯାଇଥିବା ନେଇ ଥାନାରେ ଏତଲା ହୋଇଛି। ଅନ୍ୟପଟେ ଜେଲ୍ ଅଧୀକ୍ଷକ ସୁଜିତ୍ ରାଉଳ ନିଜ ଆଡୁ ଚୌଦ୍ୱାର ଥାନାରେ ରିପୋର୍ଟ କରିବା ପରେ ସନ୍ଦେହ ବଢ଼ିଛି।

◆◆ପୃଷ୍ଠା ୭

## ଆଫଗାନିସ୍ତାନକୁ ଚିକିତ୍ସା ସହାୟତା ପଠାଇଲା ଭାରତ

ନୂଆଦିଲ୍ଲୀ,୨୦/୮ : ଭାରତ ଗୁରୁବାର ଦିନ ମାନବିକ ସହାୟତାର ଏକ ଅଂଶ ଭାବରେ ଆଫଗାନିସ୍ତାନକୁ ଅତ୍ୟାବଶ୍ୟକ ଔଷଧ ଏବଂ ଚିକିତ୍ସା ସାମଗ୍ରୀର ଏକ ନୂତନ ମାଲ ପଠାଇଛି। ଏହି ସହାୟତା କାବୁଲର ଏକ ସରକାରୀ ଡାକ୍ତରଖାନାକୁ ହସ୍ତାନ୍ତର କରାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଆଫଗାନିସ୍ତାନର ନାଗରିକମାନଙ୍କ ସହିତ ଦୀର୍ଘ ଦିନର ଏବଂ ଦୃଢ଼ ସ୍ୱାସ୍ଥ୍ୟ ଭାଗିଦାରୀକୁ ଦୋହରାଇ ଭାରତ ଏହି ପଦକ୍ଷେପ ନେଇଛି।

## ଡ୍ରାଇଭରଙ୍କ ଉପରେ ଆକ୍ସନ୍ ଆରମ୍ଭ : ୩୭୬ ଗାଡ଼ି ମାଲିକଙ୍କୁ ନୋଟିସ୍



ଭୁବନେଶ୍ୱର, ୨୦/୮ (ନି.ପ୍ର): ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନରେ ପୁଲିସ-ଅନ୍‌ଲାଇନ୍ ଗାଡ଼ି ଚାଳକ ସଂଘ ମୁହାଁମୁହିଁ ମାମଲାରେ ଆକ୍ସନରେ ପୁଲିସ। ଭଙ୍ଗାଯାଇଛି ବେଆଇନ ଅଟୋଷ୍ଟାଣ୍ଡ। ୩୭୬ ଗାଡି ମାଲିକଙ୍କୁ ଜାରି ହୋଇଛି କାରଣ ଦର୍ଶାଅ ନୋଟିସ୍। ସେପଟେ ମନ୍ତ୍ରୀ କହିଛନ୍ତି କ୍ଷତି ପୂରଣ ଭରିବେ ଅଟୋ ଡ୍ରାଇଭର। ସେମାନଙ୍କ ଲାଇସେନ୍ସ ରଦ୍ଦ ହେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜବତ ହୋଇଛି ଆନ୍ଦୋଳନରେ ସାମିଲ ହୋଇଥିବା ଶହ ଶହ ଅଟୋ। ଲୋୟର ପିଏମ୍‌ଜିରେ ଲଙ୍କାକାଣ୍ଡ ପରେ ଏସବୁକୁ ଜବତ କରି ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ରଖାଯାଇଛି। ଏହି ଘଟଣାରେ ଗିରଫ ହୋଇଛନ୍ତି ଏକାଧିକ ଡ୍ରାଇଭର। ଅନ୍‌ଲାଇନ୍ କ୍ୟାବ୍ ଡ୍ରାଇଭରଙ୍କ ଲଙ୍କାକାଣ୍ଡ ପରେ ଆକ୍ସନରେ କମିଶନରେଟ୍ ପୁଲିସ। ରେଳ ଷ୍ଟେସନ୍ ପାଖ ସରକାରୀ ଜାଗାରେ ଥିବା ଅଟୋଷ୍ଟାଣ୍ଡକୁ ଭଙ୍ଗାଯାଇଛି। ଷ୍ଟାଣ୍ଡ ଭିତରକୁ ଯିବା ରାସ୍ତାକୁ ମଧ୍ୟ ଜେସିବି ଲଗାଇ ଖୋଳି ଦିଆଯାଇଛି। ନଗର ଉନ୍ନୟନ ମନ୍ତ୍ରୀ କହିଛନ୍ତି, ଡ୍ରାଇଭରମାନେ ଯେଉଁ କାଣ୍ଡ କରିଛନ୍ତି ତାହା ଅମାନବୀୟ। ସାଧାରଣ ଲୋକଙ୍କ ଉପରେ ଆକ୍ରମଣ କରିଛନ୍ତି। ସରକାରୀ ଗାଡ଼ି ଭାଙ୍ଗିଛନ୍ତି। ଲାଇସେନ୍ସ ରଦ୍ଦ ହେବ, କାର୍ଯ୍ୟାନୁଷ୍ଠାନ ନିଆଯିବ। ଫିଟନେସ୍, ପରମିଟ ଓ ଲାଇସେନ୍ସ ରଦ୍ଦ ପାଇଁ ଆରଟିଓଙ୍କୁ ଜଣାଇଛନ୍ତି ଡିସିପି। ୩ ଦିନ ଭିତରେ ହାଜର ହୋଇ ତଥ୍ୟ ରଖିବେ ଗାଡ଼ି ମାଲିକ।

◆◆ପୃଷ୍ଠା ୭

## ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜୀକରଣ ଅବଧି ଅଗଷ୍ଟ ୩୧ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୨୦/୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରେ ଖରିଫ୍ ଋତୁ ପାଇଁ ପଞ୍ଜୀକରଣ ଅବଧି ପୁନର୍ବାର ବୃଦ୍ଧି କରାଯାଇଛି । ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ଅନୁରୋଧ କ୍ରମେ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଖରିଫ ୨୦୨୬ ପାଇଁ ପଞ୍ଜୀକରଣ ଅବଧି ତାରିଖକୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଅନିଶ୍ଚିତତା ହେତୁ ହେଉଥିବା ଫସଲ ହାନିରୁ ସୁରକ୍ଷା ତଥା ଅଧିକରୁ ଅଧିକ ଯୋଗ୍ୟ ଚାଷୀଙ୍କୁ ଏହି ବୀମା ଯୋଜନାରେ ସାମିଲ କରିବା ଉଦ୍ଦେଶ୍ୟରେ ଏହି ତାରିଖକୁ ବୃଦ୍ଧି କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ବର୍ଦ୍ଧିତ ଅବଧିରେ ଫସଲ ବୀମା ପଞ୍ଜୀକରଣ ଗଞ୍ଜାମ,

◆◆ପୃଷ୍ଠା ୭

## ଗାଁରେ ମିଳିବ ସହରୀ ସୁବିଧା: ସରକାରଙ୍କ ୩ କୋଟିର ପ୍ଲାନ୍




ଭୁବନେଶ୍ୱର, ୨୦/୮ (ନି.ପ୍ର): ମୋହନ ସରକରାଙ୍କୁ ଦୁଇ ବର୍ଷ ପୂରି ତୃତୀୟ ବର୍ଷ ଚାଲିଲାଣି । ହେଲେ ଗାଁ ଭୋଟରଙ୍କ ମନ ଜିଣିବାକୁ ଆଗକୁ ଏକ ବଡ଼ କାର୍ଯ୍ୟକ୍ରମ ହାତକୁ ନେବାକୁ ଯାଉଛନ୍ତି ସରକାର । ଗ୍ରାମାଂଚଳ ଲୋକଙ୍କ ପାଇଁ ଭଣ୍ଡାର ଖୋଲି ବର୍ଷକୁ ବିଭିନ୍ନ ଯୋଜନା ପାଇଁ ୩ କୋଟି ଟଙ୍କା ଦେବ ପଂଚାୟତିରାଜ ବିଭାଗ ।

◆◆ପୃଷ୍ଠା ୭

## ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ




ବାଲେଶ୍ୱର, ୨୦/୮ (ନି.ପ୍ର): ହେଲଦି ଲାଇଫ୍ ଯୋଗ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଧ୍ୱନୀପ୍ରତିଧ୍ୱନିର ମୁଖ୍ୟ ସୃଷ୍ଟିଧରି ପରିଡ଼ା ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଯୋଗ ଶିକ୍ଷାର ପ୍ରଚାର ପ୍ରସାରରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ, ଆଧୁନିକ ଯୁଗରେ ଯେଉଁଳି ମାନସିକ ଅଶାନ୍ତି, ଦୁଃଖ, କ୍ୟାନସର ଡାଇବେଟିସ୍, ବ୍ଲଡପ୍ରେସର ଆଦି ରୋଗକୁ ନିୟନ୍ତ୍ରଣ କରିବା ଦିଗରେ ମାଷ୍ଟର ଡିଗ୍ରୀ, ପି.ଜି ଡିପ୍ଲୋମା, ନେଚରପାଥି, ଡାଟଣ୍ଟେ ନିଉଟ୍ରିସନ୍ ଶିକ୍ଷା ମାଧ୍ୟମରେ ନିରୋଗ ଶରୀର ସାଙ୍ଗକୁ ମାନସିକ ଓ ଶାରୀରିକ ସମନ୍ୱୟ ରକ୍ଷାରେ ଯୋଗ, ଆସନ ପ୍ରାଣାୟାମର

◆◆ପୃଷ୍ଠା ୭

## ବନ୍ୟା ପ୍ରଭାବିତଙ୍କ ପାଇଁ ୧ କୋଟି ଟଙ୍କା ଦେଲା ଇମ୍ପା

ଭୁବନେଶ୍ୱର, ୨୦/୮ (ନି.ପ୍ର): ଓଡ଼ିଶାର ବନ୍ୟା ପ୍ରଭାବିତ ଲୋକଙ୍କ ସହ ଏକତା ପ୍ରଦର୍ଶନ ସ୍ୱରୂପ ଇମ୍ପା ଗ୍ରୁପ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି କୁ ୧ କୋଟି ଟଙ୍କା ଦାନ କରିଛି। ଗୁରୁବାର ଲୋକ ସେବା ଭବନରେ ଇମ୍ପା ଗ୍ରୁପ୍ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶୁଭ୍ରକାନ୍ତ ପଣ୍ଡା ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଚେକ୍ ପ୍ରଦାନ କରିଛନ୍ତି।


## ଚିନି ଦରରେ ଲାଗିଲା ନିଆଁ: ମାସକରେ ଚିନି ୨୦ ଟଙ୍କା ମହଙ୍ଗା



ଭୁବନେଶ୍ୱର, ୨୦/୮ (ନି.ପ୍ର): ପାଟିକୁ ମିଠା, ପକେଟ୍‌କୁ ପିତା । ଆମେ କହୁଛୁ ମାସେ ଭିତରେ କିଲୋ ପିଛା ୨୦ ଟଙ୍କା ବଢ଼ିଥିବା ଚିନି କଥା । ରୋଷେଇ ଘରର ଏହି ଅତ୍ୟାବଶ୍ୟକ ସଉଦା ଏବେ ଖାଉଟିଙ୍କ ଚିନ୍ତା ବଢ଼ାଇଲାଣି । ତେବେ କାହିଁକି ବଢୁଛି ଚିନି ଦର ବିବାଦୀୟ ଇଥାନଲ୍ ଆଡ଼କୁ ଇସାରା କରିଛନ୍ତି ବ୍ୟବସାୟୀ । ଏସବୁ ଭିତରେ ହୋର୍ଡିଂ ରୋକିବାକୁ କେନ୍ଦ୍ର ଲଗାଇଛି ବଡ଼ କଟକଣା । ବଜାରରେ ଚିନିଦର ମାସେ ଭିତରେ ୨୦ ଟଙ୍କା ବଢ଼ିଛି। ମାସେ ତଳେ ଚିନି କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ଥିବା ବେଳେ, ଏବେ କୁଇଣ୍ଟାଲ ୬୧ଶହ ଟଙ୍କା ହୋଇଛି । ଖୁଚୁରାରେ ସେହି ଅନୁପାତରେ ଦର ବଢ଼ିଛି । ବ୍ୟବସାୟୀ ସଂଘର ସୂଚନା ଅନୁସାରେ, ଓଡ଼ିଶାରେ ଯେତିକି ଚିନିର ଆବଶ୍ୟକତା ଅଛି ତାର ମାତ୍ର ୨ ପ୍ରତିଶତ ରାଜ୍ୟରେ ଉତ୍ପାଦନ ହେଉଛି ।

◆◆ପୃଷ୍ଠା ୭

## ପରୀକ୍ଷା ବାତିଲ୍ କରିଥିଲେ ସରକାର: ରୋକ୍ ଲଗାଇଲେ ହାଇକୋର୍ଟ ! ପ୍ରାର୍ଥୀଙ୍କୁ ବଡ଼ ଆଶ୍ୱସ୍ତି



ନୂଆଦିଲ୍ଲୀ,୨୦/୮ : ଝାଡ଼ଖଣ୍ଡରେ ନିଯୁକ୍ତି ପରୀକ୍ଷାକୁ ନେଇ ଆସିଛି ବଡ଼ ଖବର । ୨୨ଟି ନିଯୁକ୍ତି ପରୀକ୍ଷା ବାତିଲ କରିବାକୁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତି ଉପରେ ରୋକ୍ ଲଗାଇଛନ୍ତି ଝାଡ଼ଖଣ୍ଡ ହାଇକୋର୍ଟ । ଆଜି ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ହଜାର ହଜାର ପ୍ରାର୍ଥୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ତେବେ ଏହି ମାମଲାରେ ଆଗକୁ କ'ଣ ହେବ, ତା' ଉପରେ ଏବେ ସମସ୍ତଙ୍କ ନଜର । ଝାଡ଼ଖଣ୍ଡ ସରକାର ଜେପିଏସ୍‌ସି ଏବଂ ଜେଏସ୍ଏସ୍‌ସି ଦ୍ୱାରା ଆୟୋଜିତ ଏବଂ ଟିଡିପିଏଲ୍ ମାଧ୍ୟମରେ ପରିଚାଳିତ ହୋଇଥିବା ୨୨ଟି ନିଯୁକ୍ତି ପରୀକ୍ଷାକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ । ପରୀକ୍ଷାରେ ଅନିୟମିତତା ନେଇ ଅଭିଯୋଗ ଏବଂ ସିଆଇଡି ତଦନ୍ତ ସମୟରେ ସାମ୍ନାକୁ ଆସିଥିବା ତଥ୍ୟକୁ ଆଧାର କରି ସରକାର ଏହି ପଦକ୍ଷେପ ନେଇଥିବା କହିଥିଲେ । ବାତିଲ ହୋଇଥିବା ପରୀକ୍ଷା ମଧ୍ୟରେ ଡ୍ରଗ୍ସ ଇନ୍ସପେକ୍ଟର, ସହକାରୀ ପ୍ରଫେସର, ଡେପୁଟି କଲେକ୍ଟର, ଡେଣ୍ଟାଲ ଡାକ୍ତର ଏବଂ ସହକାରୀ ଇଞ୍ଜିନିୟର ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀର ନିଯୁକ୍ତି ପରୀକ୍ଷା ରହିଛି । ଏହା ସହ ଜେପିଏସ୍‌ସିର ୧୧ତମରୁ ୧୩ତମ କମ୍ବାଇନ୍ ସିଭିଲ୍ ସର୍ଭିସେସ୍ ପରୀକ୍ଷା ଏବଂ ଜେଏସ୍ଏସ୍‌ସି-ସିଜିଏଲ୍ ପରୀକ୍ଷା ମଧ୍ୟ ଏହି ବିବାଦର ଅଂଶ ହୋଇଛି । ସରକାରଙ୍କ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ୪ଟି ଆବେଦନ ଦାଖଲ ହୋଇଥିଲା । ଏଥିରେ ସଫଳ ପ୍ରାର୍ଥୀ ଅବଧେଶ କୁମାର, ଦୀପମାଳା, ସୋନମ କୁମାରୀ ଏବଂ ସୌରଭ ସିଂହଙ୍କ ସମେତ ଅନ୍ୟ ପ୍ରାର୍ଥୀମାନେ ଆଇନର ଆଶ୍ରୟ ନେଇଥିଲେ । ଆବେଦନକାରୀଙ୍କ ମୁଖ୍ୟ ଯୁକ୍ତି

◆◆ପୃଷ୍ଠା ୭

# କଳାହାଣ୍ଡି ଜିଲ୍ଲା ଯୋଜନା କମିଟିର ବୈଠକ ଅନୁଷ୍ଠିତ

ଭବାନୀପାଟଣା,୨୦/୦୮ (ନି.ପ୍ର): ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଜିଲ୍ଲାର ଚଳିତ ବର୍ଷର ପ୍ରଥମ ଜିଲ୍ଲା ଯୋଜନା କମିଟିର ବୈଠକ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ତଥା ଧର୍ମଗଡ ବିଧାୟକ ଶ୍ରୀ ସୁଧୀର ରଞ୍ଜନ ପାଟଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଓ ଏହି ସଭାରେ ମାନନୀୟଓ ନର୍ଲା ବିଧଓୟିକଓ ଶ୍ରୀମତୀ ମନୋରମା ମହାନ୍ତି, ଜିଲ୍ଲା ପରିଷଦ ସଭାପତି ମାନ୍ୟବର ପୁଷ୍ପେନ୍ଦ୍ର ସିଂଦେଓ, ଜିଲ୍ଲା ପରିଷଦ ଉପ ସଭାପତି ଓ ସୁଧୀରା ମେହେର, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୌମ୍ୟରଂଜନ ପ୍ରଧାନ, ଜିଲ୍ଲା ଯୋଜନା କମିଟିର ସଭ୍ୟ ଓ ସଭ୍ୟା, ସଂସଦ ଏବଂ ବିଧାୟକଙ୍କର ମନୋନୀତ ସଦସ୍ୟ ତଥା ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ ଓ ସଭା ଆରମ୍ଭରେ ଦରୱାନ ସମସ୍ତ ମଂଚାସୀନ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଓ ଜିଲ୍ଲା ଯୋଜନା କମିଟିର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ଓ ଜିଲ୍ଲା ଯୋଜନା କାର୍ଯ୍ୟାଳୟ ର ଉପ ନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ ୨୦୨ ୬-୨୦୨୭ ଯୋଜନା ଆର୍ଥିକ ବର୍ଷ ପାଇଁ ସର୍ବମୋଟ ୪୩୧୮.୬୫ କୋଟି ଟଙ୍କାର ବିଦ୍ୱିୟ ବିବରଣୀର ମଂଜୁରୀ ପାଇଁ ସଭାରେ ଉପସ୍ଥାପନ କରିଥିଲେ। ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ମାନ୍ୟବର ଶ୍ରୀ ପାଟଯୋଶୀ ଜିଲ୍ଲାର ଜଳ ସେଚନ, ରାସ୍ତା, ପାନୀୟ ଜଳ, ଗମନା ଗମନ, ସ୍ୱାସ୍ଥ୍ୟ, ଶିକ୍ଷା ଓ ମୌଳିକ ଭିତିଭୂମିର ବିକାଶ ଉପରେ ବିଭାଗୀୟ ଅଧିକାରୀ ମାନଙ୍କୁ ସରକାରଙ୍କ ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ପରାମର୍ଶ ଦେଇଥିଲେ ଓ ଜିଲ୍ଲା ପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ବିଭାଗୀୟ ଅଧିକାରୀମାନଙ୍କୁ ଠିକ ସମୟରେ ଓ ସଠିକ ଭାବରେ ଲୋକଙ୍କ ଅସୁବିଧାକୁ ସୁଚାରୁ ରୂପେ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ । ନର୍ଲା ବିଧଓୟିକ ମନୋରମା ମହାନ୍ତି ଜିଲ୍ଲାରେ ଥିବା ଆର. ଡି. ଏବଂ ଆର.ଆଣ୍ଡ.ବି ର ସମସ୍ତ ରାସ୍ତାର ସଠିକ ରକ୍ଷଣା ବେକ୍ଷଣ କରିବା ପାଇଁ ବିଭାଗୀୟ ମୁଖ୍ୟଙ୍କୁ ପରାମର୍ଶ ଦେଇଥିଲେ। ଉପସ୍ଥିତ ଜିଲ୍ଲା ଯୋଜନା କମିଟିର ସଦସ୍ୟ ଓ ସଦସ୍ୟା ନିଜ ନିର୍ବାଚିତ ମଣ୍ଡଳୀର ସମସ୍ୟାର ସୁଚାରୁରୂପେ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ଓ ସଭା ଶେଷରେ ଅଧ୍ୟକ୍ଷ ଶ୍ରୀ ପାଟଯୋଶୀ ଆର୍ଥିକ ବର୍ଷ-୨୦୨୬-୨୦୨୭ ସମଗ୍ର ଜିଲ୍ଲାର ବାର୍ଷିକ ଖସଡ଼ା ସର୍ବମୋଟ ୪୩୧୮.୬୫ କୋଟି ସର୍ବସମ୍ମତିରେ ଅନୁମୋଦନ କରିଥିଲେ ଓ ସଭା ଶେଷରେ ଶ୍ରୀ ଦଳେଇ ଉପସ୍ଥିତ ମଂଚାସୀନ ଅତିଥିବୃନ୍ଦ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ, ସଦସ୍ୟ, ସଦସ୍ୟା, ବିଭାଗୀୟ ସମସ୍ତ ଅଧିକାରୀ, ଗଣମାଧମର ପ୍ରତିନିଧି ମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଭୀମ ପାହାଡରେ ସହିଦ ଧରମ ସିଂ ମାଝୀ ମାନଧାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

ବଲାଙ୍ଗିର,୨୦/୦୮ (ନି.ପ୍ର): ବଲାଙ୍ଗୀର ଜିଲ୍ଲାର ପ୍ରଥମସହିଦ ଆଠଗାଁ ଜମିଦାର ସହିଦ ଧରମସିଂମାଝୀ ମାନଧାତାଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟଟନସ୍ଥଳୀ ଭୀମଡୁଙ୍ଗୁରୀଠାରେ ସ୍ଥାପନ ଦାବି ଯୋରଧରିଲା । ଅଗଷ୍ଟ ୧୫ରେ ବଲାଙ୍ଗୀର ଜିଲ୍ଲାକୁ ମୁଖ୍ୟଅତିଥି ଭାବରେ ଆସିଥିବା ଉଚ୍ଚଶିକ୍ଷା,ଓଡିଆ ଭାଷାସାହିତ୍ୟ, ସଂସ୍କୃତି ତଥା କ୍ରୀଡା ଓ ଯୁବବ୍ୟାପାରମନ୍ତ୍ରୀ ସୁର୍ଯ୍ୟବଂଶୀ ସୁରଜଙ୍କୁ ଭୀମପାହାଡ ମହୋତ୍ସବ କମିଟିର ଏକ ପ୍ରତିନିଧିଦଳ ଭେଟି ପ୍ରତିମୂର୍ତ୍ତି ସ୍ଥାପନର ଦୃଢଦାବି କରାଯାଇଛି । ପ୍ରକାଶ ଯେ,ଭାରତୀୟମୁକ୍ତି ସଂଗ୍ରାମରେ ହୋଇଥିବା କନ୍ଧମେଳିରେ ପ୍ରମୁଖ ଥିବା ଚକରା ବିଶୋଇ, ରେଣ୍ଡୋ ମାଝୀଙ୍କ ସହ ଧରମସିଂମାଝି ମାନଧାତାଙ୍କ ମୁଖ୍ୟଭୂମିକା ରହିଛି। ଆଠଗାଁ ଓ ନିକଟସ୍ଥ ଭୀମଡୁଙ୍ଗୁରୀ ହେଉଛି ଏହାର ମୁକସାକ୍ଷୀ । ଭୀମଡୁଙ୍ଗୁରୀକୁ ରାଜ୍ୟସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇ ଉନ୍ନତିକରଣ କରାଯାଇଛି । ଏଠାରେ ସହିଦ ଧରମସିଂ ମାଝୀ ମାନଧାତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଭୀମପାହାଡ ମହୋତ୍ସବ କମିଟି ପକ୍ଷରୁ ରାଜ୍ୟସରକାରଙ୍କ ପାଖରେ ଦାବି ହୋଇଥିଲା । ଗତ ୨୦୨୩-୨୪ ଆର୍ଥିକବର୍ଷରେ ରାଜ୍ୟସରକାର ଏହାକୁ ଅନୁମୋଦନ କରିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ସେହି ପ୍ରତିମୂର୍ତ୍ତି ସ୍ଥାପନ ହୋଇ ପାରିନାହିଁ। ସେଥିପାଇଁ ଅଂଚଳରେ ଜନଅସନ୍ତୋଷ ଦେଖା ଦେଉଛି। ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓ ମଧ ବର୍ତ୍ତମାନର ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ପତ୍ରଲେଖି ଦାବି ରଖିଛନ୍ତି। ଭୀମଡୁଙ୍ଗୁରୀରେ ସହିଦ ଧରମସିଂ ମାଝୀ ମାନଧାତାଙ୍କର ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସହ ଏକ ଆଦିବାସୀ ମ୍ୟୁଜିୟମ ସ୍ଥାପନ କରିବାକୁ ଦାବି କରାଯାଇଛି । ଭୀମପାହାଡ ମହୋତ୍ସବ କମିଟି ପକ୍ଷରୁ ଅଧ୍ୟକ୍ଷ ଲକ୍ଷ୍ମଣକୁମାର ମେହେରଙ୍କ ନେତୃତ୍ୱରେ ସଭାପତି ପ୍ରମୋଦକୁମାର ବହିଦାର, ସଂପାଦକ ଗୋବର୍ଦ୍ଧନ ସାହୁ,କୋଷାଧକ୍ଷ ତଥା ମକୁନ୍ଦପୁର ସମିତିସଭ୍ୟ ଅଭିମନ୍ୟୁ ମାଝୀ,ବିଧାୟକଙ୍କ ବ୍ଲକପ୍ରତିନିଧି ସୁଶିଳକୁମାର ଚାନ୍ଦ, ରାଜୁ ମେହେର ପ୍ରମୁଖ ମନ୍ତ୍ରୀ ସୂର୍ଯ୍ୟବଂଶୀ ଙ୍କୁ ଭେଟି ଦାବିପତ୍ର ଦେଇ ଆଲୋଚନା କରିଛନ୍ତି। ତୁରନ୍ତ ଏନେଇ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ସୂରଜ ପ୍ରତିନିଧିଦଳଙ୍କୁ ପ୍ରତିଶୃତି ଦେଇଥିବା ସୂଚନା ମିଳିଛି।

# ମାଳିଡିହିରେ ଅଜଣା କାର ଧକ୍କାରେ ୨ ବାଇକ ଆରୋହୀ ଗୁରୁତର

ଝାରସୁଗୁଡ଼ା,୨୦/୦୮ (ନି.ପ୍ର): କୋଲାବିରା ଥାନା ଅଧିନସ୍ଥ ଜାତୀୟ ରାଜପଥ ୪୯ର ମାଳିଡିହି ଗାଁ ମୁଣ୍ଡରେ ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୮ଟା ରେ ଗୋଟିଏ ଅଜଣା କାର ଗୋଟିଏ ବାଇକକୁ ଧକ୍କା ଦେବାରୁ ବାଇକ ରେ ବସିଥିବା ଦୁଇ ଯୁବକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ଆହତ ଯୁବକ ଦ୍ୱୟ ହେଲେ ଦୀପକ ସାହୁ (୩୦) ଓ ବିଜୁ ସାହୁ (୪୦) । ଦୀପକ ଓ ବିଜୁ ଏକ ବାଇକ ରେ କୁଚିଣ୍ଡା ପଟୁ ଘରକୁ ଆସୁଥିବା ବେଳେ କୁଚିଣ୍ଡା ରୁ ଝାରସୁଗୁଡ଼ା ଆସୁଥିବା ଏକ କାର ଦ୍ରୁତ ଗତିରେ ପଛପଟୁ ବାଇକ୍ କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଗୁରୁତର ଆହତ ଅବସ୍ଥାରେ କୋଲାବିରା ପୋଲିସ ଓ ଗ୍ରାମବାସୀ ଆହତଙ୍କୁ ଝାରସୁଗୁଡ଼ା ଜିଲ୍ଲା ଚିକିତ୍ସାଳୟକୁ ନେଇଥିଲେ ।

# ଧାମନଗର କଲେଜରେ ପି.ଏମ୍. ଉଷା ତରଫରୁ କର୍ମଶାଳା

ଭଦ୍ରକ,୨୦/୦୮ (ନି.ପ୍ର): ଭଦ୍ରକ ଜିଲା ଧାମନଗର ମହାବିଦ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ (ପି.ଏମ୍. ଉଷା) ତରଫରୁ "ଗାର୍ଲ୍ ଚାଇଲ୍ଡ ଏଜୁକେସନ୍" ଶୀର୍ଷକ ତ୍ରିଦିବସୀୟ କର୍ମଶାଳା ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ବେଜ ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ଭଦ୍ରକର ଏ.ଏସ୍.ପି. ଗାୟତ୍ରୀ ପ୍ରଧାନ, ଧାମନଗର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ତଥା ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଏବଂ ରାଜଧାନୀ ମହାବିଦ୍ୟାଳୟର ସମାଜବିଜ୍ଞାନର ସହକାରୀ ପ୍ରାଧାପିକା ଡ. ଅରୁନ୍ଧତୀ ମହାନ୍ତି ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ।ଦ୍ୱିତୀୟ ଦିବସରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ମୁଖ୍ୟ ତଥା ସହକାରୀ ପ୍ରାଧାପକ ପ୍ର. ଡ. ପାର୍ଥସାରଥୀ ମଲ୍ଲିକ୍, ଭଦ୍ରକ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା ସୁପ୍ରିତି ପାଣିଗ୍ରାହୀ ଏବଂ ଆଇ.ଟି. ଇଞ୍ଜିନିୟର ତଥା କଟକର ସମାଜସେବୀ ସାହିଦା ସୁଲତାନା ରିସୋର୍ସ ପର୍ସନ ଭାବେ ଯୋଗଦେଇଥିଲେ।ଉଦ୍‌ଯାପନୀ ଦିବସ ବୁଧବାର ଦିନ ମୁଖ୍ୟଅତିଥି ଭାବେ ଧାମନଗର ଆଇ.ଆଇ.ସି. ଶୁଭଜିତ ଦାସ, ଧାମନଗର ଏସ୍.ଡି.ପି.ଓ. ବିଷ୍ଣୁ ଚରଣ ବାରିକ, ଭଦ୍ରକ ସାଇବର ଆଇ.ଆଇ.ସି. ଦୟାନିଧି ଦାସ ଏବଂ କେନ୍ଦୁଝର ପ୍ରକଳ୍ପ ଅଧିକାରୀ ବିପ୍ଳବ ମିଶ୍ର ରିସୋର୍ସ ପର୍ସନ ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଶିକ୍ଷାର ଅଧିକାର, ନାରୀ ଶିକ୍ଷାର ପ୍ରତିବଦ୍ଧତା, ନାରୀ ନିର୍ଯାତନା ପ୍ରତିରୋଧ ଏବଂ ସର୍ବୋପରି ଶିକ୍ଷା ମାଧମରେ ମହିଳାଙ୍କ ସଶକ୍ତିକରଣ ତଥା ସ୍ୱାବଲମ୍ବନ କରିବା ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ।ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନର ମୁଖ୍ୟ ସଂଯୋଜକ ପ୍ରାଧାପକ ପ୍ରଦୀପ କୁମାର ରାୟ କାର୍ଯ୍ୟକ୍ରମର ବିଷୟ ଆଭିମୁଖ୍ୟ ଉପସ୍ଥାପନ କରିଥିବାବେଳେ, ଅଧକ୍ଷ ଅଜୟ କୁମାର ବେଜ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଅଧାପକ ଆଶୀର୍ବାଦ ମହାନ୍ତି ଅତିଥିଙ୍କୁ ମଂଚ ଆମନ୍ତ୍ରଣ, ଅଧାପିକା ସ୍ୱାଗତିକା ରାୟ ଅତିଥି ପରିଚୟ ପ୍ରଦାନ, ଏବଂ ଅଧାପିକା ବାସ୍ତବିକା ଦାସ ଓ ଅଧାପିକା ଡ. ସାଜିଆ ତମକିନ୍ ମଂଚ ସଂଚାଳନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସମସ୍ତ ଅଧାପକ-ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅଧାପକ ସତ୍ୟମ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ସମାଜସେବୀ ରୁଦ୍ରାଣୀ ନନ୍ଦଙ୍କୁ ଶିଳ୍ପୀକା ସମ୍ମାନ

ଭଦ୍ରକ,୨୦/୦୮ (ନି.ପ୍ର): ଭୁବନେଶ୍ୱରର ରବିନ୍ଦ୍ର ମଣ୍ଡପ ଠାରେ ଶିଳ୍ପିକା ନୃତ୍ୟାନୁଷ୍ଠାନ ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଉତ୍ସବରେ ଶିଳ୍ପୀଗୁରୁ ବିଜୟ କୁମାର ପରିଡା, ନୟାଗଡ ବିଧାୟକ ଡଃ.ଅରୁଣ କୁମାର ସାହୁ, ଖଦି ବୋର୍ଡର ପୂର୍ବତନ ଅଧକ୍ଷ ସଂଗ୍ରାମ କେଶରୀ ପାଇକରାୟ, ପ୍ରତିଭା ଗ୍ରୁପ ଅଫ୍ କଲେଜର ଚେୟାରମ୍ୟାନ ଅନିଲ କୁମାର ରାଉତ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସହ ନିର୍ଦ୍ଦେଶକ ଅକ୍ଷୟ କୁମାର ସେଠୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଓଡିଶାରୁ ବିଭିନ୍ନ ସ୍ଥାନରୁ ଆସିଥିବା ନକ୍ଷତ୍ର ଗୁରୁକୁଳ ପକ୍ଷରୁ ଗୋଟିପୁଅ ନୃତ୍ୟ, ଆଦୃତ ଅନୁଷ୍ଠାନ ପକ୍ଷରୁ ଓଡିଶୀ ନୃତ୍ୟ, ଆଦି ନୃତ୍ୟକଳା ଏକାଡେମୀ ପକ୍ଷରୁ ଝୁମର ନୃତ୍ୟ, ନୂତନ କଳା ସଂସଦ ଫୁଲବାଣୀ ପକ୍ଷରୁ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା ।

# ବିକ୍ରମ ଦେବ ବିଶ୍ୱବିଦ୍ୟାଳୟରେ ତୃତୀୟ ଫ୍ୟାକଲ୍ଟି ଡେଭଲପମେଂଟ ପ୍ରୋଗ୍ରାମ୍ ଅନୁଷ୍ଠିତ

ଜୟପୁର,୨୦/୦୮ (ନି.ପ୍ର): ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁରରେ ମାନ୍ୟବର କୁଳପତି ପ୍ରଫେସର ହୃଷୀକେଶ ସେନାପତିଙ୍କ ସଭାପତିତ୍ୱରେ ସାପ୍ତାହିକ ଏକାଡେମିଇକ ଫ୍ୟୁକେଲେଟି ଡେଭେଲପମେଂଟ ପ୍ରୋଗ୍ରାମ ଅନ୍ତର୍ଗତ ତୃତୀୟ ଫ୍ୟାକଲ୍ଟି ଡେଭଲପମେଂଟ କାର୍ଯ୍ୟକ୍ରମ ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କକ୍ଷ ନଂ-ଏଲ ୨ ରେ ଅପରାହ୍ନ ୪ଟା ୧୫ ମିନିଟ୍ ସମୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ସିପିଜିସି ଡ଼. ପ୍ରଶାନ୍ତ କୁମାର ପାତ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଏକ ପରିଚୟାତ୍ମକ ଅଭିଭାଷଣ ପ୍ରଦାନ କରିଥିଲେ। ସେ କହିଥିଲେ ଯେ, ଏଭଳି ସାପ୍ତାହିକ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ଶିକ୍ଷକମାନଙ୍କ ମଧ୍ୟରେ ଜ୍ଞାନର ଆଦାନ-ପ୍ରଦାନ, ଗବେଷଣାମୂଳକ ଚିନ୍ତନ ଏବଂ ଆନ୍ତଃବିଷୟକ ଆଲୋଚନାକୁ ପ୍ରୋତ୍ସାହିତ କରିବ। ଏହି ଅବସରରେ ଦର୍ଶନ ବିଭାଗର କ୍ୟାପଟେନ ଡ଼. ଲକ୍ଷ୍ମଣ ପାତ୍ର "ରେଭିସିଟିଙ୍ଗ ଦୀ କ୍ଲସିକଲ ଇଣ୍ଡିଆନ କଂସେପ୍ଟ କ୍ଟଲ ପୁରୁଷରଠାସ ଆଣ୍ଡ ଏକ୍ସପ୍ଲୋରିଙ୍ଗ ଇଟ୍ସ ରେଲେଭାନ୍ସ ଫୋର ଦି ରେକନ୍ସ୍ଟ୍ରକ୍ସନ ଅଫ କଂଟେମ୍ପୋରରୀ ସୋସାଇଟି " ଶୀର୍ଷକ ବିଷୟ ଉପରେ ଏକ ସାରଗର୍ଭକ ଏବଂ ଗବେଷଣାମୂଳକ ଉପସ୍ଥାପନା କରିଥିଲେ। ଡ଼. ପାତ୍ର ତାଙ୍କ ଉପସ୍ଥାପନାରେ ଭାରତୀୟ ଦର୍ଶନର ଚାରି ପୁରୁଷାର୍ଥ-ଧର୍ମ, ଅର୍ଥ, କାମ ଓ ମୋକ୍ଷ-ର ତାତ୍ତ୍ୱିକ ଏବଂ ବ୍ୟବହାରିକ ଗୁରୁତ୍ୱ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ସମକାଳୀନ ସମାଜରେ ନୈତିକ ମୂଲ୍ୟବୋଧର ଅବକ୍ଷୟ, ଅତ୍ୟଧିକ ଭୌତିକବାଦ ଏବଂ ଜୀବନରେ ସନ୍ତୁଳନହୀନତା ଭଳି ସମସ୍ୟାର ସମାଧାନ ପାଇଁ ପୁରୁଷାର୍ଥର ସନ୍ତୁଳିତ ଧାରଣା କିପରି ପଥପ୍ରଦର୍ଶକ ହୋଇପାରିବ, ସେ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ସଭାପତି ତଥା ମାନ୍ୟବର କୁଳପତି ପ୍ରଫେସର ହୃଷୀକେଶ ସେନାପତି ତାଙ୍କ ସଭାପତିଙ୍କ ଅଭିଭାଷଣରେ ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା ଏବଂ ସମକାଳୀନ ସମାଜ ଗଠନରେ ଭାରତୀୟ ଦାର୍ଶନିକ ଚିନ୍ତାଧାରାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଶିକ୍ଷକମାନଙ୍କୁ କେବଳ ପାଠଦାନରେ ସୀମିତ ନ ରହି ଗବେଷଣା, ଚିନ୍ତନ ଏବଂ ଜ୍ଞାନର ନୂତନ ଦିଗ ପ୍ରତି ନିଜକୁ ନିୟୋଜିତ କରିବାକୁ ଆହ୍ୱାନ ଦେଇଥିଲେ। ଏଭଳି ଫ୍ୟାକଲ୍ଟି ଡେଭଲପମେଂଟ ପ୍ରୋଗ୍ରାମ୍ ଶିକ୍ଷକମାନଙ୍କ ବୌଦ୍ଧିକ ଓ ଶୈକ୍ଷିକ ବିକାଶରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଶିକ୍ଷକ ଓ ଶିକ୍ଷାବିଦ୍ମାନେ ଉପସ୍ଥିତ ରହି ବିଷୟ ଉପରେ ମତବିନିମୟ କରିଥିଲେ।

## ବ୍ଲକ ପରିସରରେ ଜମୁଛି ବର୍ଷା ପାଣି: ଅଧିକାରୀ ନୟାନ୍ତ

ନୂଆପଡ଼ା,୨୦/୦୮ (ନି.ପ୍ର): ଲଗାଣ ବର୍ଷା ଯୋଗୁଁ ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ପରିସରରେ ବର୍ଷା ପାଣି ଜମି ରହୁଥିବାରୁ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ କାମରେ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ହେଲେ ବ୍ଲକ ପରିସରର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ଫଳରେ କାଦୁଅ ଓ ଦୂଷିତ ପାଣି ମଧ୍ୟରେ ଯାତାୟାତ କରିବାକୁ ପଡୁଛି। ଦୀର୍ଘ ସମୟ ଧରି ଜଳ ନିଷ୍କାସନ ନହେବାରୁ ପରିସରର ପରିବେଶ ମଧ ଅସ୍ୱାସ୍ଥ୍ୟକର ହେବାର ଆଶଙ୍କା ରହିଛି। ବ୍ଲକ କାର୍ଯ୍ୟାଳୟ ଭଳି ଏକ ପ୍ରମୁଖ ସରକାରୀ ପରିସରରେ ଏଭଳି ଅବ୍ୟବସ୍ଥାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପରିସରରେ ଜମି ରହୁଥିବା ବର୍ଷା ପାଣିର ସ୍ଥାୟୀ ନିଷ୍କାସନ ପାଇଁ ଆବଶ୍ୟକ ନାଳୀ ବ୍ୟବସ୍ଥା କରିବା ସହ ତୁରନ୍ତ ଜମିଥିବା ପାଣି ନିଷ୍କାସନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି। ଏନେଇ ବିଡ଼ିଓ ମିଳନ କୁମାର ଝାଙ୍କରଙ୍କୁ ପଚାରିବାରୁ ଡ୍ରେନେଜ ସୁବିଧା ନଥିବାରୁ ଏଭଳି ଅସୁବିଧା ହେଉଥିବା ବେଳେ ତୁରନ୍ତ ମରାମତି କରାଯିବ ବୋଲି ସୂଚନା ଦେଇଛନ୍ତି।

# କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି: ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରି

କେନ୍ଦ୍ରାପଡ଼ା,୨୦/୦୮ (ନି.ପ୍ର): ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଅଂଚଳରେ ଉଦ୍ଧାର, ସ୍ଥାନାନ୍ତରଣ, ରିଲିଫ୍ ଓ ଚିକିତ୍ସା ସେବା ନିରନ୍ତର ଭାବେ ଜାରି ରହିଛି।ବର୍ତ୍ତମାନ ଜିଲ୍ଲାର ୬ଟି ବ୍ଲକ୍—ଆଳି, ଡେରାବିଶ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ରାଜନଗର ଓ ରାଜକନିକା— ବନ୍ୟା ପ୍ରଭାବିତ ହୋଇଛି। ମୋଟ ୬୮ଟି ଗ୍ରାମ ପଂଚାୟତ ଓ ୧୫୫ଟି ଗ୍ରାମ ପ୍ରଭାବିତ ହୋଇଥିବା ବେଳେ ପଟ୍ଟାମୁଣ୍ଡାଇ ପୌରାଂଚଳର ୧୧ଟି ୱାର୍ଡ ମଧ ପ୍ରଭାବିତ ହୋଇଛି। ମୋଟ ୨,୪୦,୪୬୦ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି।ବନ୍ୟା ପ୍ରଭାବିତ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତରଣ ପାଇଁ ଏପର୍ଯ୍ୟନ୍ତ ୨୮ଟି ଆଶ୍ରୟ କେନ୍ଦ୍ରକୁ ମୋଟ ୫,୦୯୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଆଜି ୧୦ଟି କେନ୍ଦ୍ରରେ ୧,୭୩୫ ଜଣ ଆଶ୍ରୟ ନେଇଛନ୍ତି। ମୋଟ ୨୨ଟି ମାଗଣା ରନ୍ଧନ କେନ୍ଦ୍ର/ରିଲିଫ୍ କେନ୍ଦ୍ର ଖୋଲାଯାଇଥିବା ବେଳେ ଆଜି ୧୦ଟି କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି।ଆଜି ପର୍ଯ୍ୟନ୍ତ ରିଲିଫ୍ କାର୍ଯ୍ୟରେ ୪୧୯.୯୮ କ୍ୱିଣ୍ଟାଲ ଚାଉଳ, ୨୧୪.୫ କ୍ୱିଣ୍ଟାଲ ଚୁଡ଼ା, ୨୯.୭୫ କ୍ୱିଣ୍ଟାଲ ଗୁଡ଼/ଚିନି ଓ ୫୦ ପିସ୍ ପଲିଥିନ୍ ବଣ୍ଟନ କରାଯାଇଛି। ଏହାସହିତ ବିସ୍କୁଟ, ପାଣି ବୋତଲ ଓ ପାଣି ପାଉଚ୍ ମଧ ବଣ୍ଟନ କରାଯାଇଛି।ବନ୍ୟା ପ୍ରଭାବିତ ଅଂଚଳରେ ୧୨ଟି ମେଡିକାଲ୍ ଟିମ୍ ନିୟୋଜିତ ଅଛନ୍ତି। ଏହାମଧ୍ୟରୁ ଆଳିରେ ୨ଟି, ପଟ୍ଟାମୁଣ୍ଡାଇରେ ୩ଟି, ଇନ୍ଦୁପୁରରେ ୧ଟି, ରାଜନଗରରେ ୩ଟି ଓ ରାଜକନିକାରେ ୨ଟି ଟିମ୍ କାର୍ଯ୍ୟରତ ଅଛନ୍ତି। ଏହାସହିତ ୬ଟି ଭେଟେରିନାରୀ ଟିମ୍ ମଧ ନିୟୋଜିତ ଅଛନ୍ତି।ପ୍ରାଥମିକ ଆକଳନ ଅନୁଯାୟୀ ପ୍ରାୟ ୧୪,୨୬୮ ହେକ୍ଟର ଫସଲ ଅଂଚଳ ପ୍ରଭାବିତ ହୋଇଛି। ବନ୍ୟାଜଳ ହ୍ରାସ ପାଇବା ପରେ ଘରବାଡ଼ି ଓ ଅନ୍ୟାନ୍ୟ କ୍ଷୟକ୍ଷତିର ବିସ୍ତୃତ ଆକଳନ କରାଯିବ। ଏପର୍ଯ୍ୟନ୍ତ କୌଣସି ପଶୁସମ୍ପଦ ମୃତ୍ୟୁ ରିପୋର୍ଟ ହୋଇନାହିଁ।ବନ୍ୟା ଯୋଗୁଁ ୧୨୭ଟି ରାସ୍ତା ଜଳମଗ୍ନ ହୋଇ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ବିଦ୍ୟୁତ୍, ଜଳଯୋଗାଣ ଓ ଅନ୍ୟାନ୍ୟ ଭିତ୍ତିଭୂମିରେ ଗୁରୁତର ବାଧା ସମ୍ପର୍କିତ କୌଣସି କ୍ଷୟକ୍ଷତି ରିପୋର୍ଟ ହୋଇନାହିଁ।ଉଦ୍ଧାର ଓ ସ୍ଥାନାନ୍ତରଣ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ୭ଟି ଫଜଉ ପାୱାର ବୋଟ୍, ୧୨୧ଟି ଦେଶୀ ଡଙ୍ଗା ଓ ୧୨ଟି ଯାନ୍ତ୍ରିକ ଦେଶୀ ଡଙ୍ଗା ନିୟୋଜିତ କରାଯାଇଛି।ବ୍ରାହ୍ମଣୀ ନଦୀ ଅଳଭା ରେ ବିପଦ ସଙ୍କେତ ୪.୮୮ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୬.୦୦ ମିଟର ରହିଛି। ଗୋପାଳପୁରରେ ବିପଦ ସଙ୍କେତ ୧୦.୦୫ ମିଟର ଓ ବର୍ତ୍ତମାନ ଜଳସ୍ତର ୧୦.୬୯ ମିଟର। ଜେନାପୁର ଆନିକଟ୍ରେ ବିପଦ ସଙ୍କେତ ୬୭ ଫୁଟ୍ ଓ ବର୍ତ୍ତମାନ ଜଳସ୍ତର ୬୫.୪୦ ଫୁଟ୍ ରହିଛି।ବୈତରଣୀ ନଦୀ ଆଖୁଆପଦାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବା ବେଳେ ବର୍ତ୍ତମାନ ଜଳସ୍ତର ୧୮.୫୦ ମିଟର ରହିଛି। ମୁଣ୍ଡଳୀଠାରେ ୨,୦୯,୫୨୬ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକଙ୍କୁ ସତର୍କ ରହିବା ସହିତ ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶନାମା ପାଳନ କରିବାକୁ ଅନୁରୋଧ କରାଯାଇଛି। ରିଲିଫ୍, ଉଦ୍ଧାର, ସ୍ୱାସ୍ଥ୍ୟସେବା ଓ ଆବଶ୍ୟକ ସେବା ଯୋଗାଣ ଉପରେ ଜିଲ୍ଲା ପ୍ରଶାସନ ନିରନ୍ତର ନଜର ରଖିଛି।

# ଭଦ୍ରକ ମହିଳା ମହାବିଦ୍ୟାଳୟର ଦକ୍ଷତା ବିକାଶ ପ୍ରଶିକ୍ଷଣ

ଭଦ୍ରକ,୨୦/୦୮ (ନି.ପ୍ର): ନାରୀଟିଏ ଦକ୍ଷ ଓ ଆତ୍ମ ନିର୍ଭରଶୀଳ ହେଲେ ପରିବାର ଓ ସମାଜ ସୁନ୍ଦର ହୋଇଥାଏ । ଶକ୍ତିଶ୍ରୀ ଏମ୍ପାୱାରମେଂଟ ସେଲ ଜରିଆରେ ଭଦ୍ରକ ମହିଳା ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ନେଇ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା କଳ୍ପନା ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସଭାରେ ମନସ୍ତତ୍ତ୍ୱ ବିଭାଗର ପ୍ରାଧାପିକା ତଥା ଭଦ୍ରକ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷା କବି ସୁଚିତ୍ରା ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପିଲାମାନଙ୍କ ଭବିଷ୍ୟତ ଗଠନ ଦିଗରେ ଉପାଦେୟ ପରାମର୍ଶ ପ୍ରଦାନ କରିଥିବା ବେଳେ ଓଡ଼ିଆ ବିଭାଗର ମୁଖ୍ୟ ଅଧାପକ ଡ ଅଭୟ କୁମାର ଦାସ ମୁଖ୍ୟବକ୍ତା ଭାବରେ ଯୋଗଦେଇ ନିଜ ଭିତରର ପ୍ରତିଭାକୁ ଆବିଷ୍କାର କରି ପାରିଲେ ଲକ୍ଷ୍ୟ ହାସଲ ହୋଇ ପାରିବ ବୋଲି ଅଭିବ୍ୟକ୍ତି ରଖିଥିଲେ । ଇତିହାସ ବିଭାଗର ମୁଖ୍ୟ ଅଧାପକ ମନୋଜ କୁମାର ସାହୁ ବର୍ତ୍ତମାନ ସ୍ଥିତିରେ ପିଲାମାନେ କିପରି ନିଜକୁ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବେ, ସେ ସଂପର୍କରେ ଆଲୋଚନା ରଖିଥିଲେ। ଶକ୍ତିଶ୍ରୀ ସଂଯଜିକା ଅଧାପିକା ଜ୍ୟୋସ୍ନାରାଣୀ ଲେଙ୍କା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ ସହିତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅନ୍ୟତମ ସଂଯୋଜିକା ଅଧାପିକା ଡ ବସୁମତୀ ପଣ୍ଡା ସଫଳ ହେବା ଦିଗରେ ଛାତ୍ରୀ ମାନଙ୍କ ନିଷ୍ଠା ଓ ଏକାଗ୍ରତାକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିଥିଲେ। ଅଧାପିକା ପ୍ରିୟ ଦର୍ଶିନୀ ସାହୁ ଧନ୍ୟବାଦ ଅର୍ପଣ କରିବା ସହିତ ମଂଚ ପରିଚାଳନା କରିଥିଲେ । ଅଧାପିକା ଆଭାମୟୀ ମହାପାତ୍ର, ସୁବାସିନୀ ସେଠୀ, ଆରତୀ ଜେନା ମଧୁବ୍ରତା ମଲ୍ଲିକ, ଅମୃତା ମହାନ୍ତି, ଅର୍ପିତା ନାୟକ, ଭବେଶ ସ୍ୱାଇଁ, ସ୍ନିଗ୍ଧାରାଣୀ ଖୁଂଟିଆ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଲଗାଣ ବର୍ଷାରେ ଭାଙ୍ଗିଲା ପୋଲ: ଯୋଗାଯୋଗ ବିଚ୍ଛିନ୍ନ, ଚିନ୍ତାରେ ଦୁଇ ପଂଚାୟତର ଜନସାଧାରଣ

ଚମ୍ପୁଆ,୨୦/୦୮ (ନି.ପ୍ର): କ୍ରମାଗତ ଲଗାଣ ବର୍ଷା ଯୋଗୁଁ ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ପଂଚାୟତରୁ ପଡୁଆ ଏବଂ ଭୀମପୁର ପଂଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ପୋଲଟି ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ପୋଲର ଏହି ଶୋଚନୀୟ ଅବସ୍ଥା ଯୋଗୁଁ ଦୁଇଟି ଯାକ ପଂଚାୟତର ହଜାର ହଜାର ଲୋକ ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ରୂପେ ବିଚ୍ଛିନ୍ନ ହୋଇପଡ଼ିଛନ୍ତି। ସ୍ଥାନୀୟ ଅଂଚଳବାସୀ ସେମାନଙ୍କର ଦୈନନ୍ଦିନ ଆବଶ୍ୟକତା ଯେପରିକି ସାପ୍ତାହିକ ହାଟ, ବ୍ୟାଙ୍କ, ହସ୍ପିଟାଲ ଏବଂ ସ୍କୁଲ-କଲେଜ ପାଇଁ ସମ୍ପୂର୍ଣ୍ଣ ଭାବେ ଭଣ୍ଡା ଉପରେ ନିର୍ଭର କରନ୍ତି। ମାତ୍ର ପୋଲଟି ଭାଙ୍ଗିଯିବା ପରେ ସେମାନଙ୍କ ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି, ଗ୍ରାମକୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ଆମ୍ବୁଲାନ୍ସଟିଏ ଆସିବା ମଧ ଏବେ ଅସମ୍ଭବ ହୋଇପଡ଼ିଛି। ଏହି ସମସ୍ୟା ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଆଶଙ୍କା ସୃଷ୍ଟି କରିଛି। ପରିସ୍ଥିତିର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରଶାସନ ଏବଂ ଜନପ୍ରତିନିଧିଙ୍କ ପକ୍ଷରୁ ଜନସାଧାରଣଙ୍କ ସୁରକ୍ଷା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। କ୍ଷତିଗ୍ରସ୍ତ ପୋଲ ଉପର ଦେଇ ଯାତାୟାତ କରିବା ଅତ୍ୟନ୍ତ ବିପଜ୍ଜନକ। ଯେପରି କୌଣସି ବଡ଼ ଦୁର୍ଘଟଣା ନଘଟେ, ସେଥିପାଇଁ ଏହି ରାସ୍ତା ବ୍ୟବହାର ନକରିବାକୁ ବାରଣ କରାଯାଇଛି। ସମସ୍ତ ଗ୍ରାମବାସୀ ଏବଂ ପଥଚାରୀଙ୍କୁ ସୁରକ୍ଷିତ ରହିବା ପାଇଁ କେବଳ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ସ୍ଥାନୀୟ ବାସିନ୍ଦା ପ୍ରଶାସନକୁ ପୋଲର ତୁରନ୍ତ ମରାମତି କିମ୍ବା ଏକ ଅସ୍ଥାୟୀ ବିକଳ୍ପ ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି, ଯେପରି ଯୋଗାଯୋଗ ପୁଣି ସ୍ୱାଭାବିକ ହୋଇପାରିବ।

# ନୂଆପଡ଼ାରେ ମତ୍ସ୍ୟ ବିଭାଗ ସମୀକ୍ଷା ବୈଠକ: ସଫଳ ମତ୍ସ୍ୟଚାଷୀଙ୍କୁ ମିଳିବ 'ମତ୍ସ୍ୟ ମିତ୍ର' ପୁରସ୍କାର

ନୂଆପଡ଼ା,୨୦/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲାରେ ମତ୍ସ୍ୟ ଚାଷର ବିକାଶ, ମତ୍ସ୍ୟଜୀବୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କ ଆୟ ବୃଦ୍ଧି ତଥା ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ନେଇ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ବିଭାଗ ସମୀକ୍ଷା ବୈଠକ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଭିନ୍ନ ଯୋଜନାର ଅଗ୍ରଗତି ସମୀକ୍ଷା ସହ ଜିଲ୍ଲାରେ ମତ୍ସ୍ୟ ଚାଷର ସମ୍ଭାବନାକୁ ଅଧିକ ଉପଯୋଗ କରିବା ଉପରେ ଆଲୋଚନା କରାଯାଇଥିଲା। ମତ୍ସ୍ୟ ପୋଖରୀ ଯୋଜନା-୧'ରେ ୬୦ଟି ପ୍ରକଳ୍ପକୁ ଅନୁମତି ମିଳିଥିବା ବେଳେ ୨୫ଟି ପ୍ରକଳ୍ପରେ ୯.୦୯ ହେକ୍ଟର ଜମିରେ ଅଗ୍ରଗତି ହାସଲ ହୋଇଛି। ସେହିପରି, 'ମତ୍ସ୍ୟ ପୋଖରୀ ଯୋଜନା-୨'ରେ ୪୯ଟି ପ୍ରକଳ୍ପକୁ ଗୋ-ଅହେଡ୍ ଦିଆଯାଇଥିବା ବେଳେ ୨୯ଟି ପ୍ରକଳ୍ପରେ ୨୬.୦୨ ହେକ୍ଟର ଜମିରେ କାମ ସମ୍ପୂର୍ଣ୍ଣ ହୋଇଛି। ବାୟୋଫ୍ଲକ୍ ଯୋଜନାରେ ୮ଟି ପ୍ରକଳ୍ପର ୪୬ଟି ଟ୍ୟାଙ୍କ କାମକ୍ଷମ ହୋଇଛି। 'ନେଟୱର୍କ ଅଫ୍ ଫିସ୍ ସିଡ୍ ଗ୍ରୋଅର' ଯୋଜନାରେ ୪୬ଟି ପ୍ରକଳ୍ପକୁ ଗୋ-ଅହେଡ୍ ଦିଆଯାଇଥିବା ବେଳେ ୪୧ ଜଣ ହିତାଧିକାରୀଙ୍କ ୯୫.୨୬ ଏକର ଜମିରେ କାମ ସମ୍ପୂର୍ଣ୍ଣ ହୋଇଛି। ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ମତ୍ସ୍ୟ ଚାଷ ସହ ଯୋଡ଼ି ଆୟ ବୃଦ୍ଧି କରିବା ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା। ଜିଲ୍ଲାପାଳ ଯୋଜନାଗୁଡ଼ିକର ସଠିକ୍ ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ମତ୍ସ୍ୟ ଚାଷ ସହ ଯୋଡ଼ିବା ସହ ଉତ୍ପାଦନ ଓ ଆୟ ବୃଦ୍ଧି ଦିଗରେ ଠୋସ୍ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ଏହି ଅବସରରେ ସଫଳ ମତ୍ସ୍ୟ ଚାଷୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଦେବା ପାଇଁ ଜିଲ୍ଲାପାଳ 'ମତ୍ସ୍ୟ ମିତ୍ର ପୁରସ୍କାର' ଘୋଷଣା କରିଥିଲେ। 'ଜିପି ଟ୍ୟାଙ୍କରେ ମତ୍ସ୍ୟ ଚାଷକୁ ଇନ୍ପୁଟ୍ ସହାୟତା' ଯୋଜନାରେ ସଫଳତା ପାଇଁ ନୂଆପଡ଼ା ବ୍ଲକ ଲାଙ୍ଗିମାର ଗୋସ୍ୱାମୀ ନେଟୱର୍କ ଅଫ୍ ଫିସ୍ ସିଡ୍ ଗ୍ରୋଅର' ଯୋଜନାରେ ସଫଳତା ପାଇଁ ସିଲ୍ଦାର ନିର୍ମଳାବାଇ ପାଣ୍ଡେଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ସଫଳତା ଅନ୍ୟ ମତ୍ସ୍ୟ ଚାଷୀଙ୍କ ପାଇଁ ପ୍ରେରଣାଦାୟକ ବୋଲି ଜିଲ୍ଲାପାଳ କହିଥିଲେ। ବୈଠକରେ ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲା ମତ୍ସ୍ୟ ଅଧିକାରୀ ତୁଷାର ଦୀପ, ଡିପିସି (ମିଶନ ଶକ୍ତି) ସୁନୀଲ କୁମାର ମଲ୍ଲିକ, ସହକାରୀ ମତ୍ସ୍ୟ ଅଧିକାରୀ ସନ୍ତୋଷୀ ସାହୁଙ୍କ ସମେତ ସମସ୍ତ ବ୍ଲକସ୍ତରୀୟ ମତ୍ସ୍ୟ ଅଧିକାରୀ ଉପସ୍ଥିତ ଥିଲେ।

ଘରେ ଦୁର୍ଗନ୍ଧ ଦୂର କରିବା ସହ ପରିବେଶକୁ ସୁଗନ୍ଧିତ କରିବା ପାଇଁ ରୁମ୍ ଫ୍ରେସନର ଏବେ ପ୍ରାୟ ସବୁ ଘରେ ବ୍ୟବହାର ହେଉଛି । ସ୍ପ୍ରେ, ପ୍ଲଗ୍-ଇନ୍, ଅଟୋମେଟିକ୍ ସ୍ପ୍ରେ, ରିଡ୍ ଡିଫ୍ୟୁଜର, ଜେଲ୍ ଓ ଫ୍ରେଗ୍ରାନ୍ସ ବିଡ୍ସ ଭଳି ଅନେକ ବିକଳ୍ପ ବଜାରରେ ଉପଲବ୍ଧ । କିନ୍ତୁ ଏହାକୁ ଦୀର୍ଘ ସମୟ ଧରି ଓ ଅଧିକ ପରିମାଣରେ ବ୍ୟବହାର କରିବା ସବୁବେଳେ ନିରାପଦ ନୁହେଁ । ଫ୍ରେଶନରର ପ୍ରକାର, ଏଥିରେ ଥିବା ରାସାୟନିକ ପଦାର୍ଥ ଓ ବ୍ୟବହାର ପ୍ରଣାଳୀ ଉପରେ ଏହାର ପ୍ରଭାବ ନିର୍ଭର କରେ । ରୁମ୍ ଫ୍ରେସନରରେ ସୁଗନ୍ଧ ଦେବା ପାଇଁ ବିଭିନ୍ନ ଫ୍ରେଗ୍ରାନ୍ସ କେମିକାଲ୍, ଏସେନ୍ସିଆଲ୍ ଅଏଲ୍ ଓ ସଲଭେଣ୍ଟ ବ୍ୟବହାର ହୋଇଥାଏ । କେତେକ ଲିକ୍ୱିଡ୍ ଫ୍ରେଶନରରେ ଆଲକୋହଲ୍ ଭଳି ସଲଭେଣ୍ଟ ଥାଏ । ଏରୋସଲ୍ ସ୍ପ୍ରେରେ ପ୍ରୋପେଲାଣ୍ଟ ଗ୍ୟାସ୍ ମଧ ବ୍ୟବହାର ହୋଇପାରେ । ଏହି ପ୍ରଡକ୍ଟ ବ୍ୟବହାର ସମୟରେ ହାୱାରେ **VOCs (Volatile Organic Compounds)** ମିଶିପାରେ । ଏହି ରାସାୟନିକ ପଦାର୍ଥ ବାଷ୍ପ ଆକାରରେ ବାୟୁରେ ବ୍ୟାପିଥାଏ । ବନ୍ଦ ଘରେ ଅଧିକ ସମୟ ଧରି ଏହାର ସଂସ୍ପର୍ଶରେ ରହିଲେ କିଛି ଲୋକଙ୍କଠାରେ ଅସୁବିଧା ହୋଇପାରେ । ସମସ୍ତଙ୍କ ଉପରେ ରୁମ୍ ଫ୍ରେସନରର ପ୍ରଭାବ ସମାନ ହୋଇନଥାଏ । କିଛି ଲୋକଙ୍କଠାରେ ଏହାର ତୀବ୍ର ସୁଗନ୍ଧ ଯୋଗୁଁ କାଶ, ଗଳା ଜଳିବା, ମୁଣ୍ଡବିନ୍ଧା କିମ୍ବା ଆଲର୍ଜି ଭଳି ସମସ୍ୟା ହୋଇପାରେ । ଫ୍ରେସନର ବ୍ୟବହାର ପରେ ଶ୍ୱାସ ନେବାରେ ଅସୁବିଧା ହେଲେ ତୁରନ୍ତ ତାଜା ପବନ ଥିବା ସ୍ଥାନକୁ ଯିବା ଉଚିତ ।




## ପିଲାଙ୍କଠାରୁ ଦୂରେ ରଖନ୍ତୁ

ଲିକ୍ୱିଡ୍ ରିଫିଲ୍, ରିଡ୍ ଡିଫ୍ୟୁଜର, ଜେଲ୍ ଓ ଫ୍ରେଗ୍ରାନ୍ସ ବିଡ୍ସ ପିଲାଙ୍କ ପାଇଁ ବିପଦଜନକ ହୋଇପାରେ । ଛୋଟ ପିଲାମାନେ ଏଗୁଡ଼ିକୁ ଭୁଲ୍‌ରେ ପାଟିରେ ଦେଇପାରନ୍ତି । ଫ୍ରେସନର ଗିଳିଦେଲେ ମୁହଁ ଓ ପେଟରେ ଜଳାପୋଡ଼ା, ବାନ୍ତି ଭଳି ସମସ୍ୟା ହୋଇପାରେ । ଏପରି ଘଟଣା ଘଟିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ ।

## ଅଗ୍ନିକାଣ୍ଡର ଆଶଙ୍କା ବି ରହିଛି

ଏରୋସଲ୍ ଓ ଅଟୋମେଟିକ୍ ସ୍ପ୍ରେରେ ଜ୍ୱଳନଶୀଳ ପଦାର୍ଥ ରହିପାରେ । ତେଣୁ ମାଚିସ୍, ମହମବତୀ, ସିଗାରେଟ୍ କିମ୍ବା ଖୋଲା ନିଆଁ ପାଖରେ ଏହାର ବ୍ୟବହାର କରନ୍ତୁ ନାହିଁ । ପ୍ଲଗ୍-ଇନ୍ ଫ୍ରେଶନରକୁ ମଧ ପିଲା ଓ ପୋଷା ପଶୁଙ୍କ ପହଞ୍ଚଠାରୁ ଦୂରରେ ରଖିବା ଭଲ ।

## ଚର୍ମ କିମ୍ବା ଆଖିରେ ପଡ଼ିଲେ

ରୁମ୍ ଫ୍ରେସନର ଚର୍ମରେ ପଡ଼ିଲେ ଲାଲ୍ ହେବା, ଜଳାପୋଡ଼ା କିମ୍ବା ଆଲର୍ଜି ହୋଇପାରେ । ଏପରି ହେଲେ ପ୍ରଭାବିତ ସ୍ଥାନକୁ ସାବୁନ ଓ ପାଣିରେ ଧୋଇଦିଅନ୍ତୁ । ଆଖିରେ ପଡ଼ିଲେ ସଫା ପାଣିରେ ଭଲ ଭାବେ ଧୁଅନ୍ତୁ । ସମସ୍ୟା ନକମିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

## ସୁଗନ୍ଧ ପାଇଁ ସତର୍କତା ଜରୁରୀ

ରୁମ୍ ଫ୍ରେସନରକୁ ଆବଶ୍ୟକତା ଅନୁସାରେ କମ୍ ପରିମାଣରେ ବ୍ୟବହାର କରନ୍ତୁ । ବନ୍ଦ ଘରେ ବାରମ୍ବାର ସ୍ପ୍ରେ ନକରି ଝରକା ଖୋଲି ଭଲ ବାୟୁ ଚଳାଚଳ କରାନ୍ତୁ । କେବଳ ଫ୍ରେସନର ଦ୍ୱାରା ଦୁର୍ଗନ୍ଧ ଲୁଚାଇବା ବଦଳରେ ଦୁର୍ଗନ୍ଧର ମୂଳ କାରଣକୁ ସଫା କରିବା ଅଧିକ ଭଲ । ଫ୍ରେସନର ବ୍ୟବହାର ପରେ ବାରମ୍ବାର କାଶ, ମୁଣ୍ଡବିନ୍ଧା କିମ୍ବା ଆଲର୍ଜି ହେଉଥିଲେ ଏହାର ବ୍ୟବହାର କମାଇବା କିମ୍ବା ବନ୍ଦ କରିବା ଉଚିତ ।

ଭାରତୀୟ ଘରଗୁଡ଼ିକରେ ପିତ୍ତଳ ଓ ତମ୍ବା ବାସନର ବ୍ୟବହାର ବହୁ ପୁରୁଣା । ପୂଜା ଥାଳି ହେଉ କିମ୍ବା ରୋଷେଇ ଘରର ବାସନକୁସନ, ଏହି ଧାତୁର ବାସନକୁ ବହୁଳ ବ୍ୟବହାର କରାଯାଏ । ମାତ୍ର ସମୟ ବିତିବା ସହ ବାୟୁ ସଂସ୍ପର୍ଶରେ ଆସି ଏହି ବାସନଗୁଡ଼ିକର ରଙ୍ଗ ଧୀରେ ଧୀରେ କଳା ପଡ଼ିଯାଏ ଏବଂ ଏହାର ଚମକ ହଜିଯାଏ । ଯଦି ଆପଣଙ୍କ ଘରେ ମଧ ଏପରି କଳା ପଡ଼ିଯାଇଥିବା ବାସନ ରହିଛି, ଏବଂ ଆପଣ ସେଗୁଡ଼ିକୁ ଅଧିକ କଷ୍ଟ ନକରି କମ୍ ସମୟରେ ଚମକାଇବାକୁ ଚାହୁଁଛନ୍ତି, ତେବେ ଏହି ଘରୋଇ ଓ ସହଜ ଉପାୟ ଆପଣଙ୍କ କାମରେ ଆସିପାରିବ ।




*କାହିଁକି କଳା ପଡ଼ିଯାଏ ତମ୍ବା ଓ ପିତ୍ତଳ ବାସନ ?*

ବାୟୁରେ ଥିବା ଅମ୍ଳଜାନ (ଅକ୍ସିଜେନ୍) ଏବଂ ଆର୍ଦ୍ରତା ସହ ପ୍ରତିକ୍ରିୟା କରିବା ଯୋଗୁଁ ତମ୍ବା ଓ ପିତ୍ତଳ ଉପରେ ଏକ କଳା କିମ୍ବା ମଳିନ ଆସ୍ତରଣ ଜମିଯାଏ, ଯାହାକୁ ଅକ୍ସିଡେସନ୍ କୁହାଯାଏ । ଏହା ବ୍ୟତୀତ ରୋଷେଇ ସମୟରେ ତେଲ-ମସଲା ସଂସ୍ପର୍ଶରେ ଆସିବା, ଧୋଇବା ପରେ ବାସନ ଓଦା ରହିଯିବା ଏବଂ ବହୁ ଦିନ ଧରି ବ୍ୟବହାର ନକରି ରଖିବା ଦ୍ୱାରା ମଧ ଏହାର ଚମକ କମିଯାଏ ।

ସହଜରେ ଚମକାଇବାର ସଠିକ୍ ଉପାୟ

*୧. କ୍ଲିନିଂ ପାଉଡରର ବ୍ୟବହାର:*

ବଜାରରେ ବିଶେଷ କରି ତମ୍ବା ଓ ପିତ୍ତଳ ସଫା କରିବା ପାଇଁ ଶାଇନିଂ ପାଉଡର୍ ମିଳିଥାଏ । କିଛି ପାଉଡରରେ ଅଳ୍ପ ପାଣି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ । ଏହି ପେଷ୍ଟକୁ ବାସନର ସମସ୍ତ ଅଂଶରେ ଭଲଭାବେ ଲଗାଇ ଦିଅନ୍ତୁ ।

ସ୍ପଞ୍ଜ, ନରମ କପଡ଼ା କିମ୍ବା ଆଙ୍ଗୁଠି ସାହାଯ୍ୟରେ ହାଲୁକା ଭାବେ ଗୋଲ ଗୋଲ କରି ଘଷନ୍ତୁ । ଯଦି ଦାଗ ଅଧିକ ଥାଏ, ତେବେ ପେଷ୍ଟକୁ ୧-୨ ମିନିଟ୍ ପାଇଁ ଲଗାଇ ରଖିଦିଅନ୍ତୁ । ଏହାପରେ ବାସନକୁ ସଫା ପାଣିରେ ଧୋଇ ତୁରନ୍ତ ଏକ ଶୁଖିଲା କପଡ଼ାରେ ପୋଛି ଦିଅନ୍ତୁ ।

*୨. ଲେମ୍ବୁ, ଲୁଣ ଓ ତେନ୍ତୁଳିର ବ୍ୟବହାର*

ଅନେକ ଘରେ ପାରମ୍ପରିକ ଭାବେ ଲେମ୍ବୁ-ଲୁଣ କିମ୍ବା ତେନ୍ତୁଳି ପେଷ୍ଟ ବ୍ୟବହାର କରି ବାସନ ସଫା କରାଯାଏ । ଏହାର ଅମ୍ଳୀୟ ଗୁଣ ଯୋଗୁଁ ମଳି ଶୀଘ୍ର ଛାଡ଼ିଥାଏ, ମାତ୍ର ଅତି ପୁରୁଣା କଳା ଦାଗ ପାଇଁ ଏଥିରେ ଅଧିକ ସମୟ ଓ ଶ୍ରମ ଦେବାକୁ ପଡ଼ିଥାଏ ।

ହଁ, ମନେ ରଖନ୍ତୁ ଯେ, ସଫା କରିବା ସମୟରେ ଷ୍ଟିଲ୍ ସ୍କ୍ରବର ବ୍ୟବହାର କରନ୍ତୁ ନାହିଁ, ନଚେତ୍ ବାସନ ଉପରେ ଦାଗ (ସ୍କ୍ରାଚ୍) ପଡ଼ିଯାଇପାରେ । ବାସନ ଧୋଇବା ପରେ ତାହାକୁ ଓଦା ଛାଡ଼ନ୍ତୁ ନାହିଁ । ଶୁଖିଲା କପଡ଼ାରେ ନ ପୋଛିଲେ ପୁଣି ଥରେ ପାଣି ଦାଗ ବସିଯିବାର ସମ୍ଭାବନା ଥାଏ । ପୁରୁଣା ବାସନଗୁଡ଼ିକୁ ଫିଙ୍ଗିବା କିମ୍ବା ନୂଆ କିଣିବା ପରିବର୍ତ୍ତେ ଏହି ସହଜ ଉପାୟ ଆପଣାଇ ଆପଣ ନିଜ ଘରର ପିତ୍ତଳ ଓ ତମ୍ବା ବାସନକୁ ପୁଣିଥରେ ନୂଆ ପରି ଚମକାଇ ପାରିବେ ।




ଅନେକ ଲୋକ ଆଚାର ଖାଇବାକୁ ବହୁତ ପସନ୍ଦ କରିଥାନ୍ତି । କିନ୍ତୁ ବର୍ଷା ଦିନେ ଆଚାରକୁ ସୁରକ୍ଷିତ ରଖିବା ଟିକିଏ କଷ୍ଟକର ହୋଇପଡ଼ିଥାଏ । ଅନେକ ସମୟରେ ମାସ ମାସ ଧରି ରଖାଯାଇଥିବା ଆଚାର ଉପରେ ଧଳା କିମ୍ବା ସବୁଜ ରଙ୍ଗର ଫିମ୍ପି ଲାଗିଯାଏ । ଏଭଳି ପରିସ୍ଥିତିରେ ଅନେକ ଲୋକ ଆଚାରର ଉପର ପରସ୍ତକୁ କାଢ଼ିଦେଇ ବାକି ଆଚାର ବ୍ୟବହାର କରିବାକୁ ଚେଷ୍ଟା କରନ୍ତି । କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଫଙ୍ଗସ୍ ଲାଗିଥିବା ଆଚାରର କେବଳ ଉପର ଭାଗ ହଟାଇ ବାକି ଅଂଶ ଖାଇବା ନିରାପଦ ନୁହେଁ । ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି ପାଇବା ଏବଂ ଓଦା ଚାମଚ ବ୍ୟବହାର କରିବା ଦ୍ୱାରା ଆଚାରରେ ଫିମ୍ପି ଲାଗିଥାଏ । ଆଚାରକୁ ବର୍ଷା ଦିନେ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ଆଜି ଆମେ ଆପଣଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ଟିପ୍ସ ଦେବୁ । ଏହାକୁ ଆପଣ ଆପଣାଇଲେ ଆଚାରରେ ଜମା ବି ଫିମ୍ପି ଲାଗିବ ନାହିଁ ।

### ୧. ଶୁଖିଲା ଚାମଚର ବ୍ୟବହାର

ଆଚାର କାଢ଼ିବା ସମୟରେ ସବୁବେଳେ ସମ୍ପୂର୍ଣ୍ଣ ଶୁଖିଲା ଏବଂ ସଫା ଚାମଚ ବ୍ୟବହାର କରନ୍ତୁ । ଓଦା ଚାମଚରୁ ଗୋଟିଏ କି ଦୁଇ ବୁନ୍ଦା ପାଣି ମଧ ଆଚାରରେ ଜୀବାଣୁ ବୃଦ୍ଧି କରିପାରେ, ଯାହାଫଳରେ ଆଚାର ଶୀଘ୍ର ଖରାପ ହୋଇଯାଏ ।

### ୨. ଆଚାର ଖଣ୍ଡଗୁଡ଼ିକୁ ତେଲରେ ବୁଡ଼ାଇ ରଖନ୍ତୁ

ପାରମ୍ପରିକ ତେଲ ଆଚାରରେ ସବୁବେଳେ ଲକ୍ଷ୍ୟ ରଖନ୍ତୁ ଯେପରି ଆଚାରର ଖଣ୍ଡଗୁଡ଼ିକ ତେଲ ତଳେ ବୁଡ଼ି ରହିବ । ଯଦି ଆଚାର ଖଣ୍ଡ ତେଲ ଉପରକୁ ରହିଯାଏ, ତେବେ ସେଥିରେ ବାୟୁ ଓ ଓଦା ଭାବ ବାଜି ଫଙ୍ଗସ୍ ସୃଷ୍ଟି ହେବାର ସମ୍ଭାବନା ବଢ଼ିଯାଏ । ଆବଶ୍ୟକ ପଡ଼ିଲେ ଗରମ କରି ଥଣ୍ଡା କରାଯାଇଥିବା ତେଲ ଅଳ୍ପ ମିଶାଇ ପାରିବେ ।

### ୩. କାଚ ଜାର୍ ବ୍ୟବହାର କରନ୍ତୁ

ଆଚାର ରଖିବା ପାଇଁ ସଫା ଓ ଶୁଖିଲା କାଚ ବୋତଲ/ଜାର୍ ସବୁଠାରୁ ଉତ୍ତମ । କାଚ ବାହାରର ଆର୍ଦ୍ରତାକୁ ଶୋଷଣ କରେନାହିଁ । ପ୍ରତିଥର ଆଚାର କାଢ଼ିବା ପରେ ଢାଙ୍କୁଣିକୁ ଭଲ ଭାବରେ ବନ୍ଦ କରନ୍ତୁ ।

### ୪. ସଠିକ୍ ସ୍ଥାନରେ ରଖନ୍ତୁ

ଆଚାର ବୋତଲକୁ ଗ୍ୟାସ୍ ଷ୍ଟୋଭ୍ କିମ୍ବା ଅଧିକ ଉତ୍ତାପ ହେଉଥିବା ସ୍ଥାନରେ ରଖନ୍ତୁ ନାହିଁ । ଏହାକୁ ଥଣ୍ଡା ଓ ଶୁଖିଲା ସ୍ଥାନରେ ରଖିବା ଉଚିତ୍ । ଜରୁରୀ ପଡ଼ିଲେ କମ୍ ଲୁଣ ଥିବା ଆଚାରକୁ ବର୍ଷା ଦିନେ ଫ୍ରିଜ୍ ଭିତରେ ମଧ ରଖିପାରିବେ ।

### ୫. ଆଚାର କମିଗଲେ ଛୋଟ ଜାରକୁ ବଦଳାନ୍ତୁ

ବୋତଲରେ ଆଚାର କମିଗଲେ ଅଧିକ ଖାଲି ଜାଗା ରହେ, ଯେଉଁଥିରେ ବାୟୁ ଜମି ରହି ଆଚାର ଖରାପ କରିପାରେ । ତେଣୁ ଆଚାର କମିଗଲେ ଏହାକୁ ଏକ ଛୋଟ ଏୟାର-ଟାଇଟ୍ କାଚ ଜାରକୁ ସିଫ୍ଟ କରିଦିଅନ୍ତୁ ।

# ନିରାମିଷ ବନାମ ମାଂସାହାରୀ: କେଉଁ ଖାଦ୍ୟ ଖାଇଲେ ବଢ଼ିବ ଆୟୁଷ ?

ନିରାମିଷ ଭୋଜନ ଭଲ ନା ମାଂସାହାରୀ ଖାଦ୍ୟ ? ଏହି ପ୍ରଶ୍ନକୁ ନେଇ ପ୍ରାୟ ସବୁବେଳେ ଚର୍ଚ୍ଚା ହୋଇଥାଏ । କେହି ନିରାମିଷ ଖାଦ୍ୟକୁ ସୁସ୍ଥ ଓ ଦୀର୍ଘାୟୁର ଚାବିକାଠି ବୋଲି କରନ୍ତି । ଆଉ କେହି ମାଛ, ଅଣ୍ଡା, ମାଂସ ଓ ଦୁଗ୍ଧଜାତୀୟ ଖାଦ୍ୟରୁ ମିଳୁଥିବା ପ୍ରୋଟିନ୍ ଓ ଅନ୍ୟାନ୍ୟ ପୋଷକତତ୍ତ୍ୱ ଶରୀର ପାଇଁ ଜରୁରୀ ବୋଲି ମତ ଦିଅନ୍ତି । ତେବେ ଦୀର୍ଘ ଓ ସୁସ୍ଥ ଜୀବନ ପାଇଁ କେଉଁ ଖାଦ୍ୟ ଅଧିକ ଭଲ ? ଆସନ୍ତୁ ଜାଣିବା

### ନିରାମିଷ ଖାଦ୍ୟର ଫାଇଦା କ'ଣ ?

ରିପୋର୍ଟରୁ ଜଣାପଡ଼ିଛି ଯେ ଯେଉଁମାନେ ଅଧିକ ପରିମାଣରେ ଫଳ, ପନିପରିବା, ଡାଲି, ଶସ୍ୟ, ବାଦାମ ଓ ଅନ୍ୟାନ୍ୟ ଉଦ୍ଭିଦଭିତ୍ତିକ ଖାଦ୍ୟ ଖାଆନ୍ତି ସେମାନଙ୍କଠାରେ ହୃଦ୍ରୋଗ, ମଧୁମେହ ଓ ଅନ୍ୟ କେତେକ ରୋଗର ଆଶଙ୍କା କମ୍ ଦେଖା ଯାଇଥାଏ । ଏହି ଖାଦ୍ୟରେ ସାଧାରଣତଃ ଫାଇବର, ଭିଟାମିନ୍, ମିନେରାଲ୍ ଓ ଆଣ୍ଟିଅକ୍ସିଡାଣ୍ଟ ଅଧିକ ଥାଏ । ଫଳ ଓ ପନିପରିବାରୁ ମିଳୁଥିବା ବିଭିନ୍ନ ପୋଷକତତ୍ତ୍ୱ ଶରୀର ପାଇଁ ବହୁତ ଉପକାରୀ । କେବଳ ଯେ ନିରାମିଷ ଖାଇଲେ ହିଁ ଜଣେ ବ୍ୟକ୍ତି ଦୀର୍ଘାୟୁ ହେବେ ଏହି କଥାରେ କୌଣସି ସତ୍ୟତା ନାହିଁ ।



### ମାଂସାହାରୀ ଖାଦ୍ୟକୁ ନେଇ କ'ଣ କୁହନ୍ତି ଗବେଷକ ?

ନିକଟରେ ଚୀନ୍ ରେ ବୟସ୍କ ଲୋକଙ୍କୁ ନେଇ ହୋଇଥିବା ଏକ ଅଧ୍ୟୟନରେ ଭିନ୍ନ ତଥ୍ୟ ସାମ୍ନାକୁ ଆସିଛି । ଅଧ୍ୟୟନରେ ମାଛ ଓ ଦୁଗ୍ଧଜାତୀୟ ଖାଦ୍ୟ ଖାଉଥିବା ଲୋକଙ୍କ ଆୟୁଷରେ ନିରାମିଷ ଭୋଜନ କରୁଥିବା ଲୋକଙ୍କ ତୁଳନାରେ କୌଣସି ବଡ଼ ପାର୍ଥକ୍ୟ ଦେଖାଯାଇ ନଥିଲା ।

### ଦୀର୍ଘାୟୁ ପାଇଁ ଖାଦ୍ୟରେ ସନ୍ତୁଳନ ଜରୁରୀ

ବିଶେଷଜ୍ଞଙ୍କ ମତରେ ଦୀର୍ଘ ଓ ସୁସ୍ଥ ଜୀବନ ପାଇଁ ଖାଦ୍ୟରେ ସନ୍ତୁଳନ ରହିବା ସବୁଠାରୁ ଅଧିକ ଜରୁରୀ । ତେବେ ପ୍ରତ୍ୟେକ ବ୍ୟକ୍ତିଙ୍କ ପୋଷଣ ଆବଶ୍ୟକତା ସମାନ ନୁହେଁ । ବୟସ, ଶାରୀରିକ କାର୍ଯ୍ୟକଳାପ, ଲିଙ୍ଗ ଓ ସାମଗ୍ରିକସ୍ୱାସ୍ଥ୍ୟ ଅନୁସାରେ ଖାଦ୍ୟର ଆବଶ୍ୟକତା ବଦଳିଥାଏ । ସେହିପରି ଦୀର୍ଘାୟୁ ପାଇଁ କେବଳ ନିରାମିଷ କିମ୍ବା କେବଳ ମାଂସାହାରୀ ଖାଦ୍ୟକୁ ଦାୟୀ କରାଯାଇ ପାରିବ ନାହିଁ । ସନ୍ତୁଳିତ ଖାଦ୍ୟ ସହିତ ନିୟମିତ ଶାରୀରିକ କାର୍ଯ୍ୟକଳାପ, ଭଲ ଜୀବନଶୈଳୀ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର ଅଭ୍ୟାସ ମଧ ଦୀର୍ଘ ଓ ସୁସ୍ଥ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ ।

# ଘରେ ବନାନ୍ତୁ ଦେଶୀ ପ୍ରୋଟିନ୍ ପାଉଡର

ଆଜିକାଲି ଫିଟ୍ ରହିବା ଓ ମାଂସପେଶୀ ବୃଦ୍ଧି ପାଇଁ ପ୍ରୋଟିନ୍ ପାଉଡରର ବ୍ୟବହାର ବଢ଼ିଛି । ବଜାରରେ ମିଳୁଥିବା ପ୍ରୋଟିନ୍ ପାଉଡର ମହଙ୍ଗା ହୋଇଥାଏ । ଏହା ସହ ସେଥିରେ ଶୁଦ୍ଧତା ମଧ ଗ୍ୟାରେଣ୍ଟି ନଥାଏ । ତେଣୁ ଘରେ ଥିବା ବିଭିନ୍ନ ପୌଷ୍ଟିକ ଉପାଦାନରୁ ଶୁଦ୍ଧ ଏବଂ ସହଜରେ ଆପଣ ପ୍ରୋଟିନ୍ ପାଉଡର ପ୍ରସ୍ତୁତ କରିପାରିବେ । ଏଥିପାଇଁ ଭଜା ବୁଟ, ଚିନାବାଦାମ, ବାଦାମ, କାଜୁ, ଅଖରୋଟ, ଅଳସୀ ମଞ୍ଜି, କଖାରୁ ମଞ୍ଜି, କିସମିସ୍, ଶୁଖିଲା ଡିମ୍ବିରି ଓ ଅଳେଇଚ ଭଳି ସାମଗ୍ରୀ ବ୍ୟବହାର କରନ୍ତୁ ।



### କିପରି ପ୍ରସ୍ତୁତ କରିବେ ?

ପ୍ରଥମେ ଏକ ପାତ୍ରରେ ଅଳ୍ପ ଘିଅ ଗରମ କରି ସେଥିରେ କାଜୁ, ବାଦାମ, ଅଖରୋଟ ଓ ଚିନାବାଦାମକୁ ହାଲୁକା ଭାବେ ଭାଜନ୍ତୁ । ଏହାକୁ ଅଧିକ ବାଦାମୀ ନକରି ଥଣ୍ଡା ହେବାକୁ ରଖନ୍ତୁ । ଏହାପରେ ଭଜା ବୁଟ, ଅଳସୀ ମଞ୍ଜି, କଖାରୁ ମଞ୍ଜି, ଶୁଖିଲା ଡିମ୍ବିରି ଓ କିସମିସ୍‌କୁ ମିକ୍ସରରେ ଦେଇ ଭଲ ଭାବେ ଗ୍ରାଇଣ୍ଡ କରନ୍ତୁ । ପରେ ଭଜା ବାଦାମ ଓ ଅନ୍ୟାନ୍ୟ ଡ୍ରାଏ ଫ୍ରୁଟ୍ସ ମିଶାଇ ପୁଣି ହାଲୁକା ଭାବେ ଗ୍ରାଇଣ୍ଡ କରନ୍ତୁ । ଶେଷରେ ଅଳେଇଚ ଗୁଣ୍ଡ ମିଶାଇ ଭଲ ଭାବେ ମିଶାଇ ଦିଅନ୍ତୁ । ମିଶ୍ରଣକୁ କିଛି ସମୟ ଖୋଲାରେ ରଖି ଆର୍ଦ୍ରତା କମାଇବା ପରେ ଏକ ଏୟାରଟାଇଟ୍ କାଚ ପାତ୍ରରେ ସଂରକ୍ଷଣ କରନ୍ତୁ ।

### କିପରି ଖାଇବେ ?

ସକାଳ ଜଳଖିଆ ସମୟରେ ଉଷୁମ କ୍ଷୀରରେ ୧ରୁ ୨ ଚାମଚ ଏହି ମିଶ୍ରଣ ମିଶାଇ ଖାଇପାରିବେ । ଏହାକୁ ସେକ୍ ଏବଂ ଓଟସ୍‌ରେ ମଧ ମିଶାଇ ବ୍ୟବହାର କରିପାରିବେ । ତେବେ ଏହାକୁ ବଜାରର ପ୍ରୋଟିନ୍ ପାଉଡରର ସହ ସମାନ ବୋଲି ଧରିନେବା ଠିକ୍ ନୁହେଁ । ଏହି ଘରୋଇ ମିଶ୍ରଣର ପ୍ରୋଟିନ୍ ପରିମାଣ ଉପାଦାନ ଓ ପରିମାଣ ଉପରେ ନିର୍ଭର କରେ । ନିୟମିତ ଭାବେ ଅଧିକ ପ୍ରୋଟିନ୍ ଆବଶ୍ୟକ ଥିଲେ ଖାଦ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ ।

# ଆମେରିକାର ନୂଆ 'ପବ୍ଲିକ୍ ଚାର୍ଜ' ନିୟମ: ଭାରତୀୟ ଗ୍ରୀନ୍ କାର୍ଡ ଆଶାୟୀଙ୍କ ପାଇଁ ବଢ଼ିଲା ଅଡୁଆ

ଆମେରିକାରେ ସ୍ଥାୟୀ ବାସିନ୍ଦା ଭାବରେ ସ୍ୱୀକୃତି ପାଇବା ପାଇଁ ବା ଗ୍ରୀନ୍ କାର୍ଡ ହାସଲ କରିବା ପାଇଁ ଅପେକ୍ଷା କରିଥିବା ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ଏକ ଅତ୍ୟନ୍ତ ଚିନ୍ତାଜନକ ତଥା ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି । ଆସନ୍ତା ସେପ୍ଟେମ୍ବର ୧୮ ତାରିଖରୁ ଆମେରିକାର ନାଗରିକତ୍ୱ ଏବଂ ଦେଶାନ୍ତରଣ ସେବା ବା ୟୁଏସ୍ ସିଟିଜେନସିପ୍ ଆଣ୍ଡ ଇମିଗ୍ରେସନ୍ ସର୍ଭିସେସ୍ (ୟୁଏସସିଆଇଏସ୍) ପକ୍ଷରୁ ଗ୍ରୀନ୍ କାର୍ଡ ଆବେଦନକାରୀଙ୍କ ପାଇଁ ନୂତନ 'ପବ୍ଲିକ୍ ଚାର୍ଜ' ବା ସରକାରୀ ବୋଝ ନିୟମ ଲାଗୁ ହେବାକୁ ଯାଉଛି । ବର୍ତ୍ତମାନର ଟ୍ରମ୍ପ ପ୍ରଶାସନ ଦ୍ୱାରା ଅଣାଯାଇଥିବା ଏହି ନୂତନ ନିୟମ, ପୂର୍ବବର୍ତ୍ତୀ ବାଇଡେନ୍ ସମୟର ୨୦୨୨ ଢାଞ୍ଚାକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଏକ କଠୋର ଆଭିମୁଖ୍ୟ ଗ୍ରହଣ କରିଛି । ଏହି ନିୟମର ମୂଳ ଉଦ୍ଦେଶ୍ୟ ହେଉଛି ଆମେରିକାରେ ବସବାସ କରୁଥିବା ବିଦେଶୀ ନାଗରିକମାନେ ଯେପରି ସମ୍ପୂର୍ଣ୍ଣ ରୂପେ ଆତ୍ମନିର୍ଭରଶୀଳ ହେବେ ଏବଂ କୌଣସି ପରିସ୍ଥିତିରେ ମଧ୍ୟ ଆମେରିକୀୟ ଟିକସଦାତାଙ୍କ ଅର୍ଥରେ ପରିଚାଳିତ ସରକାରୀ ସୁବିଧା ଉପରେ ନିର୍ଭର କରିବେ ନାହିଁ । ଏହି ନୀତିଗତ ପରିବର୍ତ୍ତନ କେବଳ ଏକ ସାଧାରଣ ପ୍ରଶାସନିକ ନିଷ୍ପତ୍ତି ନୁହେଁ, ବରଂ ଏହା ଆମେରିକାର ଇମିଗ୍ରେସନ୍ ବ୍ୟବସ୍ଥାରେ ଏକ ବଡ଼ ଧରଣର ପରିବର୍ତ୍ତନକୁ ସୂଚାଉଛି ଯାହା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଲକ୍ଷ ଲକ୍ଷ ଭାରତୀୟ ପେସାଦାର, ସେମାନଙ୍କ ପରିବାର ଏବଂ ଆମେରିକାରେ ସେମାନଙ୍କର ଭବିଷ୍ୟତକୁ ଗଭୀର ଭାବରେ ପ୍ରଭାବିତ କରିବ । ଏହି ନିଷ୍ପତ୍ତି ପଛରେ ଥିବା ରାଜନୈତିକ ଏବଂ ଅର୍ଥନୈତିକ ଚିନ୍ତାଧାରାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଆମେରିକା ନିଜର ଆଭ୍ୟନ୍ତରୀଣ ସମ୍ବଳକୁ ସୁରକ୍ଷିତ ରଖିବା ପାଇଁ ପ୍ରବାସୀମାନଙ୍କ ଉପରେ ଅଧିକ ଚାପ ପକାଇବାକୁ ପ୍ରୟାସ କରୁଛି ।

ଆମେରିକାର ଇମିଗ୍ରେସନ୍ ଇତିହାସରେ 'ପବ୍ଲିକ୍ ଚାର୍ଜ' ବା ସରକାରୀ ବୋଝ ଧାରଣାଟି କିଛି ନୂଆ ନୁହେଁ, ବରଂ ଏହା ଊନବିଂଶ ଶତାବ୍ଦୀର ଶେଷ ଭାଗରୁ ରହିଆସିଛି । ତେବେ ସମୟ କ୍ରମେ ଏହାର ସଂଜ୍ଞା ଏବଂ ପ୍ରୟୋଗରେ ଅନେକ ପରିବର୍ତ୍ତନ ହୋଇଛି । ୧୯୯୯ ମସିହାର ମାର୍ଗଦର୍ଶିକା ଅନୁଯାୟୀ କେବଳ ନଗଦ ଆର୍ଥିକ ସହାୟତା ଏବଂ ଦୀର୍ଘକାଳୀନ ସରକାରୀ ଚିକିତ୍ସା ସୁବିଧାକୁ ବିଚାରକୁ ନିଆଯାଉଥିଲା । କିନ୍ତୁ ସେପ୍ଟେମ୍ବର ୧୮ ପରେ ଲାଗୁ ହେବାକୁ ଥିବା ନୂତନ ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ପରିସରକୁ ବହୁଗୁଣିତ କରାଯାଇଛି । ନୂତନ ନିୟମ ଅନୁଯାୟୀ ଆବେଦନକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଯେକୌଣସି ଆୟ ଭିତ୍ତିକ ସରକାରୀ ସୁବିଧା ଯେପରିକି ଖାଦ୍ୟ ସହାୟତା ବା ଫୁଡ୍ ଷ୍ଟାମ୍ପସ୍, ବାସଗୃହ ସହାୟତା, କଲେଜ ପାଇଁ ଆର୍ଥିକ ସହାୟତା ଏବଂ ମେଡିକେଡ୍ ଭଳି ସ୍ୱାସ୍ଥ୍ୟ ସୁବିଧାକୁ ଏବେ ପବ୍ଲିକ୍ ଚାର୍ଜ ନିର୍ଦ୍ଧାରଣ ପ୍ରକ୍ରିୟାରେ ସାମିଲ କରାଯିବ । କେବଳ ସେତିକି ନୁହେଁ, ଇମିଗ୍ରେସନ୍ ଅଧିକାରୀମାନଙ୍କୁ ବ୍ୟାପକ କ୍ଷମତା ପ୍ରଦାନ କରାଯାଇଛି ଯାହାଦ୍ୱାରା ସେମାନେ ଆବେଦନକାରୀଙ୍କ ବୟସ, ସ୍ୱାସ୍ଥ୍ୟ ଅବସ୍ଥା, ପାରିବାରିକ ସ୍ଥିତି, ସମ୍ପତ୍ତି, ଆର୍ଥିକ ସମ୍ବଳ ଏବଂ ଶିକ୍ଷା ଓ ଦକ୍ଷତା ଭଳି ପାଞ୍ଚଟି ପ୍ରମୁଖ ଦିଗକୁ ତନ୍ନ ତନ୍ନ କରି ତର୍ଜମା କରିବେ । ଉଦାହରଣ ସ୍ୱରୂପ, ଯଦି ଜଣେ ଆବେଦନକାରୀଙ୍କର ବୟସ ଅଧିକ ହୋଇଥାଏ କିମ୍ବା ତାଙ୍କର କୌଣସି ଦୀର୍ଘକାଳୀନ ରୋଗ ଥାଏ ଏବଂ ତାଙ୍କ ପାଖରେ ଉପଯୁକ୍ତ ଘରୋଇ ସ୍ୱାସ୍ଥ୍ୟ ବୀମା ନଥାଏ, ତେବେ ଅଧିକାରୀମାନେ ତାଙ୍କୁ ଭବିଷ୍ୟତରେ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ନିର୍ଭରଶୀଳ ହେବାର ଆଶଙ୍କା କରି ଆବେଦନ ଖାରଜ କରିପାରିବେ । ସେହିପରି ଇଂରାଜୀ ଭାଷାରେ ଦକ୍ଷତା ଏବଂ ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ନଥିଲେ ମଧ୍ୟ ଏହାକୁ ଏକ ନକାରାତ୍ମକ ଦିଗ ଭାବରେ ବିଚାର କରାଯିବ । ଯଦିଓ ନିୟମରେ କୁହାଯାଇଛି ଯେ କୌଣସି ଗୋଟିଏ କାରଣ ଆଧାରରେ ଆବେଦନକୁ ସମ୍ପୂର୍ଣ୍ଣ ରୂପେ ଖାରଜ କରାଯାଇପାରିବ ନାହିଁ, ତଥାପି ଏହି ସମସ୍ତ ବିଷୟର ସାମଗ୍ରିକ ମୂଲ୍ୟାୟନ ପ୍ରକ୍ରିୟା ଅଧିକାରୀମାନଙ୍କୁ ଆବେଦନ ପ୍ରତ୍ୟାଖ୍ୟାନ କରିବାର ଯଥେଷ୍ଟ ସୁଯୋଗ ଏବଂ କ୍ଷମତା ପ୍ରଦାନ କରିବ ।

ଭାରତୀୟ ଆବେଦନକାରୀଙ୍କ ପାଇଁ ଏହି ନିୟମର ପ୍ରଭାବ ଅତ୍ୟନ୍ତ ଗୁରୁତର ଏବଂ ନିରାଶାଜନକ ହେବାକୁ ଯାଉଛି, କାରଣ ଆମେରିକାରେ ନିଯୁକ୍ତି ଭିତ୍ତିକ ଗ୍ରୀନ୍ କାର୍ଡ ଆଶାୟୀଙ୍କ ମଧ୍ୟରେ ଭାରତୀୟମାନେ ସବୁଠାରୁ ଆଗରେ ଅଛନ୍ତି । ପ୍ରାପ୍ତ ତଥ୍ୟ ଅନୁଯାୟୀ, ୨୦୨୬ ମସିହା ମାର୍ଚ୍ଚ ମାସ ସୁଦ୍ଧା କେବଳ ଭାରତରୁ ୮ ଲକ୍ଷରୁ ଅଧିକ ନିଯୁକ୍ତି ଭିତ୍ତିକ ଗ୍ରୀନ୍ କାର୍ଡ ଆବେଦନ ମଞ୍ଜୁର ହୋଇସାରିଥିବା ବେଳେ ସେମାନେ ଭିସା ଉପଲବ୍ଧତା ପାଇଁ ବର୍ଷ ବର୍ଷ ଧରି ବ୍ୟାକଲଗ୍ ବା ବିଳମ୍ବିତ ପ୍ରକ୍ରିୟାରେ ଅପେକ୍ଷା କରି ରହିଛନ୍ତି । ଆମେରିକାର ଇମିଗ୍ରେସନ୍ ନିୟମ ଅନୁଯାୟୀ କୌଣସି ଗୋଟିଏ ଦେଶରୁ ବାର୍ଷିକ ମୋଟ ଗ୍ରୀନ୍ କାର୍ଡର ମାତ୍ର ୭ ପ୍ରତିଶତ ଲୋକଙ୍କୁ ସ୍ଥାୟୀ ବାସିନ୍ଦା ସ୍ୱୀକୃତି ଦିଆଯାଇପାରିବ, ଯାହା ଫଳରେ ଭାରତ ଭଳି ଦେଶରୁ ଯାଉଥିବା ଲକ୍ଷ ଲକ୍ଷ ଆବେଦନକାରୀଙ୍କୁ ଦଶନ୍ଧି ଦଶନ୍ଧି ଧରି ଅପେକ୍ଷା କରିବାକୁ ପଡୁଛି । ୨୦୨୬ ଆର୍ଥିକ ବର୍ଷ ପାଇଁ ୪୬,୦୦୦ ଅତିରିକ୍ତ ନିଯୁକ୍ତି ଭିତ୍ତିକ ଗ୍ରୀନ୍ କାର୍ଡ ଉପଲବ୍ଧ ହେବାର ସମ୍ଭାବନା ଥିଲେ ମଧ୍ୟ ଏହି ନୂତନ ପବ୍ଲିକ୍ ଚାର୍ଜ ନିୟମ ଅନେକ ଆଶାୟୀଙ୍କ ସ୍ୱପ୍ନ ଉପରେ ପାଣି ପକାଇଦେବ । ଯେତେବେଳେ ଏହି ଆବେଦନକାରୀମାନେ ନିଜର ସ୍ଥିତି ପରିବର୍ତ୍ତନ ପାଇଁ ଫର୍ମ ଆଇ-୪୮୫ ଦାଖଲ କରିବେ, ସେତେବେଳେ ସେମାନଙ୍କୁ ଏହି କଠୋର ପବ୍ଲିକ୍ ଚାର୍ଜ ପରୀକ୍ଷା ଦେଇ ଗତି କରିବାକୁ ପଡିବ । ଏଚ୍-୧ବି ଭିସାରେ ଯାଇ ଆମେରିକାର ଅର୍ଥନୀତିରେ ବହୁମୂଲ୍ୟ ଯୋଗଦାନ କରୁଥିବା ଏବଂ ନିୟମିତ ଟିକସ ପ୍ରଦାନ କରୁଥିବା ଭାରତୀୟ ପେସାଦାରମାନଙ୍କୁ ଏବେ ନିଜର ଆର୍ଥିକ ସ୍ଥିରତା ପ୍ରମାଣ କରିବାକୁ ପଡିବ । ୟୁଏସସିଆଇଏସ୍ ଅଧିକାରୀମାନେ ଏବେ ଆବେଦନକାରୀଙ୍କ ଭବିଷ୍ୟତ ନିଯୁକ୍ତିର ସମ୍ଭାବନା, ନୂତନ ଚାକିରିର ପ୍ରସ୍ତାବ ଏବଂ ପ୍ରତ୍ୟାଶିତ ଦରମା ସମ୍ପର୍କରେ ମଧ୍ୟ ପ୍ରମାଣ ମାଗିପାରିବେ । କେବଳ ନିଯୁକ୍ତି ଭିତ୍ତିକ ନୁହେଁ, ବରଂ ପରିବାର ଭିତ୍ତିକ ଆବେଦନକାରୀ ଯେପରିକି ଆମେରିକୀୟ ନାଗରିକଙ୍କ ସ୍ୱାମୀ ବା ସ୍ତ୍ରୀ, ପିଲା ଏବଂ ପିତାମାତା ମଧ୍ୟ ଏହି ନିୟମର ପରିସରଭୁକ୍ତ ହେବେ, ଯାହା ଆବେଦନ ପ୍ରକ୍ରିୟାକୁ ଆହୁରି ଜଟିଳ ଏବଂ ସନ୍ଦେହଘେରକୁ ଟାଣିଆଣିବ ।

ଏହି ନୂତନ ନିୟମର ସବୁଠାରୁ ଭୟାବହ ଏବଂ ହୃଦୟ ବିଦାରକ ଦିଗ ହେଉଛି ଏହାର ମାନସିକ ତଥା ସାମାଜିକ ପ୍ରଭାବ, ଯାହାକୁ ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକ 'ଚିଲିଙ୍ଗ୍ ଇଫେକ୍ଟ' ବା ଭୟର ବାତାବରଣ ବୋଲି ଅଭିହିତ କରୁଛନ୍ତି । ନିୟମ ଲାଗୁ ହେବା ପୂର୍ବରୁ ହିଁ ଆମେରିକାରେ ବସବାସ କରୁଥିବା ଅନେକ ପ୍ରବାସୀ ପରିବାର ନିଜର ତଥା ନିଜ ପିଲାମାନଙ୍କର ସ୍ୱାସ୍ଥ୍ୟ ଏବଂ ଖାଦ୍ୟ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜନାଗୁଡ଼ିକର ଲାଭ ଉଠାଇବା ବନ୍ଦ କରିଦେଲେଣି । ସେମାନଙ୍କ ମନରେ ଏକ ଦୃଢ଼ ଭୟ ସୃଷ୍ଟି ହୋଇଛି ଯେ କାଳେ ସାମାନ୍ୟ ସରକାରୀ ସହାୟତା ଗ୍ରହଣ କଲେ ଭବିଷ୍ୟତରେ ସେମାନଙ୍କର ଗ୍ରୀନ୍ କାର୍ଡ ଆବେଦନ ଖାରଜ ହୋଇଯିବ କିମ୍ବା ସେମାନଙ୍କୁ ନିଜ ପରିବାରଠାରୁ ଅଲଗା କରି ଦେଶରୁ ବିତାଡିତ କରାଯିବ । ବିଶେଷ କରି ଯେଉଁ ପରିବାରରେ ପିଲାମାନେ ଆମେରିକାରେ ଜନ୍ମଗ୍ରହଣ କରିଥିବାରୁ ସେଠାକାର ନାଗରିକ ଏବଂ ପିତାମାତା ପ୍ରବାସୀ, ସେହିଭଳି ମିଶ୍ରିତ ସ୍ଥିତି ଥିବା ପରିବାରଗୁଡ଼ିକରେ ଏହି ନିୟମର ପ୍ରଭାବ ଅଧିକ ଦେଖିବାକୁ ମିଳିବ । ଆମେରିକୀୟ ନାଗରିକ ଭାବରେ ପିଲାମାନେ ସରକାରୀ ସୁବିଧା ପାଇବାକୁ ଯୋଗ୍ୟ ଥିଲେ ମଧ୍ୟ ପିତାମାତାମାନେ ଭବିଷ୍ୟତର ଆଶଙ୍କା କରି ସେହି ସୁବିଧାରୁ ସେମାନଙ୍କୁ ବଞ୍ଚିତ କରୁଛନ୍ତି, ଯାହା ଫଳରେ ଶିଶୁମାନଙ୍କର ବିକାଶ ଏବଂ ସ୍ୱାସ୍ଥ୍ୟ ଉପରେ ଏକ ନକାରାତ୍ମକ ପ୍ରଭାବ ପଡୁଛି । ଆବେଦନକାରୀଙ୍କ ସାମଗ୍ରିକ ପରିସ୍ଥିତିକୁ ବିଚାର କରିବାର ଯେଉଁ ଅସୀମିତ କ୍ଷମତା ଇମିଗ୍ରେସନ୍ ଅଧିକାରୀଙ୍କୁ ଦିଆଯାଇଛି, ତାହା ସମ୍ପୂର୍ଣ୍ଣ ରୂପେ ସେମାନଙ୍କର ବ୍ୟକ୍ତିଗତ ବିଚାର ଏବଂ ମାନସିକତା ଉପରେ ନିର୍ଭରଶୀଳ । ଏହା ଫଳରେ ଉଦ୍ଦେଶ୍ୟମୂଳକ ଭାବରେ କିମ୍ବା ଭୁଲ୍ ବଶତଃ ଅନେକ ଯୋଗ୍ୟ ଏବଂ ପ୍ରତିଭାବାନ ଆବେଦନକାରୀଙ୍କୁ ଗ୍ରୀନ୍ କାର୍ଡରୁ ବଞ୍ଚିତ କରାଯିବାର ଯଥେଷ୍ଟ ଆଶଙ୍କା ରହିଛି । ଜଣେ ପ୍ରବାସୀ ଭାରତୀୟ ଯିଏକି ବର୍ଷ ବର୍ଷ ଧରି ଆମେରିକାର ଅର୍ଥନୀତିକୁ ସମୃଦ୍ଧ କରିଆସୁଛି, ସେ ଯଦି କୌଣସି ଅପ୍ରତ୍ୟାଶିତ ପରିସ୍ଥିତିରେ ଯେପରିକି ଚାକିରି ହରାଇବା କିମ୍ବା ଆର୍ଥିକ ମାନ୍ଦାବସ୍ଥା ସମୟରେ ସାମାନ୍ୟ ସରକାରୀ ସହାୟତା ଲୋଡେ, ତେବେ ତାହାକୁ ତାଙ୍କର ଦୁର୍ବଳତା ବୋଲି ଧରିନିଆଯିବ ଏବଂ ତାଙ୍କର ଗ୍ରୀନ୍ କାର୍ଡ ଆବେଦନକୁ ବିପଦରେ ପକାଇଦିଆଯିବ । ଏହି ନୀତି କେବଳ ଆମେରିକା ଯିବାକୁ ଇଚ୍ଛା ରଖିଥିବା ନୂତନ ପିଢ଼ିର ମେଧାବୀ ଛାତ୍ରଛାତ୍ରୀ ଏବଂ ପେସାଦାରମାନଙ୍କୁ ନିରୁତ୍ସାହିତ କରିବ ନାହିଁ, ବରଂ କାନାଡା, ଅଷ୍ଟ୍ରେଲିଆ କିମ୍ବା ୟୁରୋପୀୟ ଦେଶଗୁଡ଼ିକ ପ୍ରତି ସେମାନଙ୍କର ଆକର୍ଷଣ ବୃଦ୍ଧି କରିବ ଯେଉଁଠାରେ ଇମିଗ୍ରେସନ୍ ନୀତି ଅଧିକ ସରଳ ଏବଂ ପ୍ରବାସୀମାନଙ୍କ ପ୍ରତି ସମ୍ବେଦନଶୀଳ ଅଟେ ।

ପରିଶେଷରେ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ଆମେରିକାର ଅର୍ଥନୀତି, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତୀୟ ପେସାଦାରମାନଙ୍କର ଅବଦାନ ଅତୁଳନୀୟ ହୋଇଥିଲେ ସୁଦ୍ଧା, ସେମାନଙ୍କ ପାଇଁ ସେଠାରେ ସ୍ଥାୟୀ ବାସିନ୍ଦା ହେବାର ସ୍ୱପ୍ନ କ୍ରମଶଃ ଅଧିକ କଷ୍ଟସାଧ୍ୟ ଏବଂ ଦୁର୍ଲଭ ହୋଇପଡୁଛି । ସେପ୍ଟେମ୍ବର ୧୮ ରୁ ଲାଗୁ ହେବାକୁ ଥିବା ଏହି ନୂତନ ପବ୍ଲିକ୍ ଚାର୍ଜ ନିୟମ ଆମେରିକାର ଇମିଗ୍ରେସନ୍ ବ୍ୟବସ୍ଥାରେ ଥିବା ଜଟିଳତା ଏବଂ ଅନିଶ୍ଚିତତାକୁ ଆହୁରି ବଢ଼ାଇଦେବ । ଭାରତୀୟ ଆବେଦନକାରୀମାନେ ନିଜର ଆର୍ଥିକ ସ୍ଥିତି, ସମ୍ପତ୍ତିର ପରିଚାଳନା ଏବଂ ସରକାରୀ ସୁବିଧାର ବ୍ୟବହାରକୁ ନେଇ ଏବେଠାରୁ ଅତ୍ୟନ୍ତ ସତର୍କ ହେବା ଆବଶ୍ୟକ । ଯେହେତୁ ଗୋଟିଏ ଛୋଟ ଭୁଲ୍ ବା ଅଜାଣତରେ ନିଆଯାଇଥିବା ଗୋଟିଏ ପଦକ୍ଷେପ ସେମାନଙ୍କର ବର୍ଷ ବର୍ଷର କଠିନ ପରିଶ୍ରମ ଏବଂ ଆମେରିକାରେ ରହିବାର ଆଶାକୁ ସମ୍ପୂର୍ଣ୍ଣ ରୂପେ ଧୂଳିସାତ୍ କରିଦେଇପାରେ, ତେଣୁ ଆବେଦନ କରିବା ପୂର୍ବରୁ ଅଭିଜ୍ଞ ଇମିଗ୍ରେସନ୍ ବିଶେଷଜ୍ଞ କିମ୍ବା ଆଇନଜୀବୀମାନଙ୍କର ପରାମର୍ଶ ନେବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡିଛି । ଆଗାମୀ ଦିନରେ ଆମେରିକା ସରକାର ନିଜର ଏହି କଠୋର ନୀତିର ପୁନର୍ବିଚାର କରି ପ୍ରତିଭାବାନ ପ୍ରବାସୀମାନଙ୍କ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିବେ ବୋଲି ଆଶା କରାଯାଉଛି, ନଚେତ୍ ବିଶ୍ୱସ୍ତରୀୟ ମେଧା ପ୍ରତିଯୋଗିତାରେ ଆମେରିକା ନିଜର ଶୀର୍ଷ ସ୍ଥାନ ହରାଇବାର ଯଥେଷ୍ଟ ସମ୍ଭାବନା ରହିଛି ।

## ଧ୍ୱନି ପ୍ରତିଧ୍ୱନି

# ବିପଦ ବେଳେ ରାଜନୀତି ନୁହେଁ, ମଣିଷ ପାଖରେ ଠିଆ ହେବା ଦରକାର



## ସୌଭାଗ୍ୟ ରଂଜନ ମହାନ୍ତି

ବିପଦ ଯେତେବେଳେ ଦୁଆର ଭାଙ୍ଗି ଘର ଭିତରକୁ ପଶେ, ସେତେବେଳେ ଲୋକଙ୍କୁ ରାଜନୀତିର ଭାଷଣ ଦରକାର ହୁଏନାହିଁ, ଦରକାର ହୁଏ ଜଣେ ମଣିଷର ହାତ, ଜଣେ ଶାସକଙ୍କ ଆଶ୍ୱାସନା, ଜଣେ ପ୍ରଶାସକଙ୍କ ଉପସ୍ଥିତି ଏବଂ ଏହି ବିଶ୍ୱାସ ଯେ ସଙ୍କଟର ଏହି ଅନ୍ଧାର ସମୟରେ ସରକାର ତାଙ୍କ ପାଖରେ ଅଛି । ବନ୍ୟାର ପାଣି ଯେତେବେଳେ ରାସ୍ତାକୁ ଗିଳି ନିଏ, ଘର ଅଗଣାରେ ପାଣି ଭରିଯାଏ, ଜୀବନଯାପନର ସାଧାରଣ ଗତି ଅଟକିଯାଏ, ସେତେବେଳେ ଜଣେ ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱ କେବଳ କାର୍ଯ୍ୟାଳୟରେ ବସି ଆଦେଶ ଦେବାରେ ସୀମିତ ରହିପାରେ ନାହିଁ । ତାଙ୍କୁ ଲୋକଙ୍କ ଆଖିରେ ଆଖି ରଖି ଦୁଃଖ ଶୁଣିବାକୁ ହୁଏ, ପାଣି ଭିତରେ ପଶିଥିବା ଜୀବନର ବାସ୍ତବତା ଦେଖିବାକୁ ହୁଏ ଏବଂ ପ୍ରଶାସନକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ହୁଏ । ଏହି ମାନବିକ ମୁହୂର୍ତ୍ତରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଣି ଭିତରେ ଚାଲି ଲୋକଙ୍କ ପାଖକୁ ପହଂଚିବା ଘଟଣାକୁ ନେଇ ରାଜନୀତିର ଚଶମା ପିନ୍ଧି ଦେଖିବା ପୂର୍ବରୁ ଆମକୁ ଗୋଟିଏ ପ୍ରଶ୍ନ କରିବା ଦରକାର-ସେହି ସମୟରେ ଜଣେ ନିରାଶ୍ରୟ, ବିପଦଗ୍ରସ୍ତ ଓ ଭୟଭୀତ ନାଗରିକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସେଠାରେ ଉପସ୍ଥିତିର ମୂଲ୍ୟ କେତେ ? ଉତ୍ତରଟି ରାଜନୈତିକ ନୁହେଁ, ମାନବିକ । ବିପଦରେ ଥିବା ଜଣେ ପରିବାର ଯଦି ଦେଖେ ଯେ ରାଜ୍ୟର ମୁଖ୍ୟ ନିଜେ ପାଣି ଭିତରେ ଚାଲି ତାଙ୍କ ଘର ଦୁଆରକୁ ଆସିଛନ୍ତି, ତେବେ ସେହି ଦୃଶ୍ୟ ତାଙ୍କ ପାଇଁ କେବଳ ଏକ ଛବି ନୁହେଁ, ଏହା ଏକ ମାନସିକ ଆଶ୍ୱାସନା । ବିପଦରେ ମଣିଷ ପ୍ରଥମେ ଚାହେଁ ତାକୁ କେହି ଦେଖୁ, ତାର କଥା କେହି ଶୁଣୁ, ତାର ଯନ୍ତ୍ରଣାକୁ କେହି ଅନୁଭବ କରୁ । ମୁଖ୍ୟମନ୍ତ୍ରୀ ଯଦି ସେହି କାମ କରନ୍ତି, ତାହାକୁ ରାଜନୀତିକ ଚଶମାରେ ମାପିବା ଆମ ସାମାଜିକ ବିବେକ ପାଇଁ ମଧ୍ୟ ଏକ ପ୍ରଶ୍ନ । ଆଜି ଯେତେବେଳେ ବର୍ଷା ଓ ବନ୍ୟା ଅନେକ ଅଂଚଳରେ ଜନଜୀବନକୁ ପ୍ରଭାବିତ କରୁଛି, ସେତେବେଳେ ଆମର ପ୍ରଥମ ଚିନ୍ତା ହେବା ଉଚିତ ଉଦ୍ଧାର, ରିଲିଫ, ଖାଦ୍ୟ, ପାନୀୟ ଜଳ, ଚିକିତ୍ସା, ଆଶ୍ରୟ ଓ ସୁରକ୍ଷା କେଉଁ ଦଳ କଣ କହିଲା, କିଏ କାହାକୁ ଆଲୋଚନା କଲା, କାହାର ଛବି କେତେ ସୁନ୍ଦର ହେଲା-ଏସବୁ ପ୍ରଶ୍ନ ମଣିଷର ଜୀବନ ରକ୍ଷା ପରେ ଆସିବା ଉଚିତ । ଦୁଃଖର କଥା, ବିପଦର ଏହି ଗମ୍ଭୀର ସମୟରେ ମଧ୍ୟ ସାମାଜିକ ମାଧ୍ୟମରେ କିଛି ଲୋକ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡରେ ସୁରକ୍ଷା ଟୋପି ନଥିବା ଭଳି ଏକ ପ୍ରସଙ୍ଗକୁ ନେଇ ଆଲୋଚନା କରୁଛନ୍ତି, କେହି କେହି ବନ୍ୟା ପୀଡିତଙ୍କୁ ପାଣି ଦିଆଯାଇଥିବା ଘଟଣାକୁ ମଧ୍ୟ ଛବି ତୋଳିବାର ଆୟୋଜନ ବୋଲି ପ୍ରଶ୍ନ ଉଠାଉଛନ୍ତି । ନିଶ୍ଚିତ ଭାବରେ ସୁରକ୍ଷା ନିୟମ ଗୁରୁତ୍ୱପୂର୍ଣ୍ଣ ଜନସମ୍ମୁଖରେ ନିୟମ ପାଳନ ମଧ୍ୟ ଆବଶ୍ୟକ । କିନ୍ତୁ ଗୋଟିଏ ସୁରକ୍ଷା ନିୟମର ଆଲେଚନାକୁ ଆଧାର କରି ସମଗ୍ର ମାନବିକ ପ୍ରୟାସକୁ ଅସ୍ୱୀକାର କରିଦେବା କି ନ୍ୟାୟସଙ୍ଗତ ? ଏହା ହେଉଛି ଆଜିର ମୂଳ ପ୍ରଶ୍ନ । ଯଦି କେଉଁଠି ନିୟମ ଭଙ୍ଗ ହୋଇଥାଏ, ତାହାକୁ ନେଇ ନିଶ୍ଚିତ ଭାବରେ ପ୍ରଶ୍ନ ହୋଇପାରେ, ସୁଧାର ଦାବି ହୋଇପାରେ କିନ୍ତୁ ସେହି ପ୍ରସଙ୍ଗକୁ ନେଇ ଜଣେ ମୁଖ୍ୟମନ୍ତ୍ରୀ ବିପଦଗ୍ରସ୍ତ ଲୋକଙ୍କ ମଧ୍ୟରେ ପହଂଚିବାର ମୂଳ ଉଦ୍ଦେଶ୍ୟକୁ ଅବମୂଲ୍ୟାୟନ କରିବା ରାଜନୀତିର ଅତିରେକ ବୋଲି ମନେ ହୁଏ । ରାଜନୀତି ଲୋକତନ୍ତ୍ରର ଅବିଚ୍ଛିନ୍ନ ଅଂଶ । ସରକାରଙ୍କୁ ପ୍ରଶ୍ନ କରିବା ବିରୋଧୀ ଦଳର ଅଧିକାର । ଭୁଲ ଥିଲେ ତାହା ଦେଖାଇବା ଗଣତନ୍ତ୍ରର ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ । କିନ୍ତୁ ବିପଦରେ ଥିବା ମଣିଷର ଲୁହ ଉପରେ ରାଜନୈତିକ ବିବାଦର ରଙ୍ଗ ଲଗାଇବା ଠିକ୍ ନୁହେଁ । ମୁଖ୍ୟମନ୍ତ୍ରୀ ଯେତେବେଳେ ନିଜେ ପାଣି ଭିତରେ ଚାଲି ଲୋକଙ୍କ ପାଖକୁ ଯାଉଛନ୍ତି, ସେତେବେଳେ ସେହି ପଦକ୍ଷେପର ମୂଲ୍ୟାଙ୍କନ ତାଙ୍କ ପାଦରେ ପାଣି କେତେ ଲାଗିଲା ତାହାରେ ନୁହେଁ, ସେହି ଯାତ୍ରା ପରେ ପ୍ରଶାସନ କେତେ ଦ୍ରୁତ ଚାଲିଲା, କେତେ ପରିବାର ସାହାଯ୍ୟ ପାଇଲେ, କେତେ ଲୋକ ସୁରକ୍ଷିତ ହେଲେ, କେତେ ଅଂଚଳରେ ଖାଦ୍ୟ ଓ ପାଣି ପହଂଚିଲା-ତାହାରେ ହେବା ଉଚିତ । ଜଣେ ଶାସକଙ୍କ ଗୋଟିଏ ଦିନର ଛବି ନୁହେଁ, ସଙ୍କଟ ସମୟରେ ତାଙ୍କ ସରକାରର ସମଗ୍ର କାର୍ଯ୍ୟକୁ ଦେଖିବା ଦରକାର । ଆଜି ଓଡିଶା ଯେତେବେଳେ ପ୍ରକୃତିର ପରୀକ୍ଷା ମଧ୍ୟରେ ଅଛି, ସେତେବେଳେ ଶାସନ ବ୍ୟବସ୍ଥାକୁ ମଧ୍ୟ ପରୀକ୍ଷା ଦେବାକୁ ହୁଏ । ସେହି ପରୀକ୍ଷାରେ ସରକାରଙ୍କ ସଫଳତା ମାପିବାର ମାପକାଠି ହେଉଛି ମାନବିକ ସମ୍ବେଦନା, ଦ୍ରୁତ ନିଷ୍ପତି, ପ୍ରଶାସନିକ ସମନ୍ୱୟ ଓ ଲୋକଙ୍କ ଜୀବନ ସୁରକ୍ଷା ମୁଖ୍ୟମନ୍ତ୍ରୀଙ୍କ ବନ୍ୟାଚଂଳ ପରିଦର୍ଶନକୁ ଏହି ବଡ ପରିପ୍ରେକ୍ଷୀରେ ଦେଖିବା ଦରକାର । ପାଣି ଭିତରେ ଚାଲିବା କେବଳ ଏକ ଦୃଶ୍ୟ ନୁହେଁ, ଏହା ଶାସକଙ୍କ ମନରେ ଥିବା ଦାୟିତ୍ୱବୋଧର ଏକ ପ୍ରତୀକ ହୋଇପାରେ । ନିଶ୍ଚିତ ଭାବେ ଏକ ଛବି ଦେଖି ସରକାରର ସମସ୍ତ କାର୍ଯ୍ୟକୁ ସଫଳ ବୋଲି ଘୋଷଣା କରିହେବ ନାହିଁ । ସେହିପରି ଏକ ଛବିର ଗୋଟିଏ ଦିଗ ଦେଖି ସମଗ୍ର ଉଦ୍ୟମକୁ ନାଟକ ବୋଲି କହିଦେବା ମଧ୍ୟ ନ୍ୟାୟାସଙ୍ଗତ ନୁହେଁ । ସେମାନେ ମୁଖ୍ୟମନ୍ତ୍ରୀଙ୍କ ଲୋକଙ୍କ ସହ ମିଶିବାକୁ ନେଇ ପ୍ରଶ୍ନ କରୁଛନ୍ତି, ସେମାନେ ମଧ୍ୟ ନି ପ୍ରଶ୍ନ ରଖନ୍ତୁ, କିନ୍ତୁ ତାହା ସହିତ ଏହା ମଧ୍ୟ ଦେଖନ୍ତୁ ଯେ ଲୋକଙ୍କ ଦୁଃଖ କମିଲା କି ନାହିଁ । ଜଣେ ରାଜନୈତିକ ବିରୋଧୀଙ୍କ ପାଇଁ ସରକାରଙ୍କ ପ୍ରତ୍ୟେକ ପଦକ୍ଷେପକୁ ପ୍ରଶ୍ନ କରିବା ସହଜ , କିନ୍ତୁ ଜଣେ ବନ୍ୟାପିଡିତଙ୍କ ପାଇଁ ଏହା ସହଜ ନୁହେଁ । ତାଙ୍କ ପାଇଁ ଘରର ଭାଙ୍ଗିଥିବା କାନ୍ଥ, ଭାସିଯାଇଥିବା ସାମଗ୍ରୀ, ଭିଜିଯାଇଥିବା ଧାନ, ଅସୁସ୍ଥ ଶିଶୁ, ବୃଦ୍ଧ ବାପାମାଆ ଓ ଆଗାମୀ ଦିନର ଚିନ୍ତା ହିଁ ସତ୍ୟ । ସେହି ସତ୍ୟକୁ ବୁଝିବା ହେଉଛି ଶାସନର ପ୍ରଥମ ପାଠ । ମୁଖ୍ୟମନ୍ତ୍ରୀ ଯେତେବେଳେ ସେହି ଲୋକଙ୍କ ମଧ୍ୟରେ ଯାଆନ୍ତି, ତାଙ୍କ ଦୁଃଖ ଶୁଣନ୍ତି, ସ୍ଥିତି ଦେଖନ୍ତି ଏବଂ ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦିଅନ୍ତି, ସେତେବେଳେ ସେହି ପଦକ୍ଷେପକୁ ଅତି କମରେ ମାନବିକ ଦୃଷ୍ଟିରୁ ସ୍ୱୀକାର କରିବା ଦରକାର । କେହି ଯଦି କହନ୍ତି ଯେ କିଛି ଲୋକଙ୍କୁ ଖଣିଜ ଜଳ ଦିଆଗଲା, କିମ୍ବା କେହି ଛବି ପାଇଁ ଚୁଳ ସଜାଇଲେ, ତେବେ ଏହାର ସତ୍ୟତା ପ୍ରମାଣିତ ନହେବା ପର୍ଯ୍ୟନ୍ତ ତାହାକୁ ଅନ୍ତିମ ସତ୍ୟ ଭାବେ ପ୍ରଚାର କରିବାର ଉଚିତ ନୁହେଁ । ସାମାଜିକ ମାଧ୍ୟମର ଏକ ଅଭିଯୋଗ ଓ ପ୍ରମାଣିତ ତଥ୍ୟ ମଧ୍ୟରେ ଆକାଶପାତାଳ ତଫାତ ଅଛି । ଆଜି ଗୋଟିଏ ଛବି କିମ୍ବା ଛୋଟ ଚିତ୍ରାଂଶ ନେଇ ମତ ଗଢିବା ଅତ୍ୟନ୍ତ ସହଜ, କିନ୍ତୁ ଏହା ପଛର ସମଗ୍ର ପରିସ୍ଥିତି ବୁଝିବା କଠିନ । ତେଣୁ ଦାୟିତ୍ୱଶୀଳ ରାଜନୀତି ଓ ଦାୟିତ୍ୱଶୀଳ ସାମ୍ବାଦିକତା ଉଭୟଙ୍କୁ ସତର୍କ ହେବା ଦରକାର । ଲୋକଙ୍କୁ ଦୁଃଖକୁ ରାଜନୈତିକ ଅସ୍ତ୍ର କରିବା ଠାରୁ ଲୋକଙ୍କ ଦୁଃଖକୁ କମାଇବା ପାଇଁ ଏକାଠି ହେବା ଆଜିର ଆବଶ୍ୟକତା । ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା କରିବା ଅଧିକାର ଅଛି, କିନ୍ତୁ ବିପଦରେ ଲୋକଙ୍କ ପାଖରେ ଠିଆ ହେବାର ଚେଷ୍ଟାକୁ ଅସହ୍ୟ ଭାବିବା ରାଜନୀତିର ସ୍ୱାସ୍ଥ୍ୟ ପାଇଁ ଭଲ ସଙ୍କେତ ନୁହେଁ । ବିରୋଧୀ ଦଳର କାମ ସରକାରଙ୍କୁ ପ୍ରଶ୍ନ କରିବା, କିନ୍ତୁ ସେହି ପ୍ରଶ୍ନର ଲକ୍ଷ୍ୟ ହେବା ଉଚିତ ଲୋକଙ୍କ ସ୍ୱାର୍ଥ । ଯଦି ବନ୍ୟାପୀଡିତଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ ମିଳୁନାହିଁ, ପ୍ରଶ୍ନ କରନ୍ତୁ, ଯଦି ଚିକିତ୍ସା ପହଂଚୁନାହିଁ, ପ୍ରଶ୍ନ କରନ୍ତୁ, ଯଦି ଉଦ୍ଧାର କାର୍ଯ୍ୟରେ ଅବହେଳା ଅଛି, ପ୍ରଶ୍ନ କରନ୍ତୁ, ଯଦି କ୍ଷତିପୂରଣରେ ଅନିୟମ ଅଛି, ପ୍ରଶ୍ନ କରନ୍ତୁ, ଯଦି କୌଣସି ଅଂଚଳ ପ୍ରଶାସନ ନଜରରୁ ବାହାରେ ଅଛି, ସେଥିପାଇଁ ସରକାରଙ୍କୁ ଦାୟୀ କରନ୍ତୁ । କିନ୍ତୁ ଜଣେ ମୁଖ୍ୟମନ୍ତ୍ରୀ ପାଣି ଭିତରେ ଚାଲି ଲୋକଙ୍କ ପାଖକୁ ଗଲେ କି ନାହିଁ, ତାହାକୁ ମଧ୍ୟ ଯଦି ଦଳୀୟ ରାଜନୀତିର ଚକ୍ରରେ ପକାଇ ଦିଆଯାଏ, ତେବେ ପ୍ରଶ୍ନ ଉଠିବ-ଆମେ କାହା ପାଇଁ ରାଜନୀତି କରୁଛୁ ? ଲୋକଙ୍କ ପାଇଁ, ନାଁ ନିଜ ଦଳ ପାଇଁ ? ଏହି ପ୍ରଶ୍ନ ଆଜି ସମସ୍ତ ରାଜନୈତିକ ଦଳ ନିଜକୁ ପଚାରିବା ଦରକାର । ଓଡିଶା ପ୍ରକୃତିର ରୁଦ୍ର ରୂପକୁ ବହୁବାର ଦେଖିଛି । ବାତ୍ୟା, ବନ୍ୟା, ଅତିବୃଷ୍ଟି, ଭୂସ୍ଖଳନ-ପ୍ରତ୍ୟେକ ବିପଦ ଆମକୁ ଗୋଟିଏ କଥା ଶିଖାଇଛି ସଙ୍କଟ ସମୟରେ ଦଳ ନୁହେଁ, ମଣିଷ ବଡ । ଶାସକ ହେଉ କି ବିରୋଧୀ ସମସ୍ତଙ୍କ ପ୍ରଥମ ପରିଚୟ ହେଉଛି ସେମାନେ ଏହି ମାଟିର ଲୋକଙ୍କ ପ୍ରତିନିଧି । ଯେତେବେଳେ ଘରେ ପାଣି ପଶେ, ସେତେବେଳେ ଲୋକ ପଚାରେ ନାହିଁ କିଏ କେଉଁ ଦଳର । ସେ ପଚାରେ-ମୋତେ କିଏ ବଂଚାଇବ ? ଯେତେବେଳେ ଜଣେ ମାଆ ତାଙ୍କ ଶିଶୁକୁ କୋଳରେ ଧରି ପାଣି ମଧ୍ୟରେ ଠିଆ ହୋଇଥାଏ, ସେତେବେଳେ ତାଙ୍କ ପାଇଁ ଦଳୀୟ ପତାକାର ରଙ୍ଗର କୌଣସି ମୂଲ୍ୟ ନଥାଏ । ସେ ଚାହେଁ ଏକ ନିରାପଦ ଆଶ୍ରୟ । ଯେତେବେଳେ ଜଣେ ବୃଦ୍ଧ ନିଜ ଘରର ଚଉକି ଉପରେ ବସି ବାହାରକୁ ଚାହିଁ ରହିଥାଏ, ସେ ରାଜନୀତିର ତର୍କ ଶୁଣିବାକୁ ଚାହେଁନାହିଁ, ସେ ଚାହେଁ କେହି ତାଙ୍କ ପାଖକୁ ଆସି କହୁ-ଭୟ କରନ୍ତୁ ନାହିଁ ସରକାର ଆପଣଙ୍କ ସହ ଅଛି । ଏହି ମାନସିକ ଆଶ୍ୱାସନାର ମୂଲ୍ୟ କାଗଜରେ ମାପିହେବ ନାହିଁ । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତି ସେହି ଆଶ୍ୱାସନାର ଏକ ଅଂଶ ହୋଇପାରେ । ତାଙ୍କ ପାଣି ଭିତରେ ଚାଲିବାକୁ କେହି ରାଜନୈତିକ ନାଟକ ବୋଲି ପହିପାରନ୍ତି, କିନ୍ତୁ ଯେଉଁ ଲୋକ ତାଙ୍କ ସାମ୍ନାରେ ନିଜ ଦୁଃଖ କହିପାରିଲେ, ସେ ଲୋକଙ୍କ ପାଇଁ ସେହି ସାକ୍ଷାତକାରର ଅର୍ଥ ଅଲଗା । ଶାସନର ସବୁଠାରୁ ବଡ ଶକ୍ତି କେବଳ ଆଦେଶ ନୁହେଁ, ଲୋକଙ୍କ ମନରେ ବିଶ୍ୱାସ ସୃଷ୍ଟି କରିବା । ଏହି ବିଶ୍ୱାସ ଯେତେବେଳେ ସଙ୍କଟ ସମୟରେ ମିଳେ, ତାହା ଉଦ୍ଧାର କାର୍ଯ୍ୟକୁ ମଧ ଶକ୍ତି ଦିଏ । ଅଧିକାରୀମାନେ ମଧ ଯେତେବେଳେ ଦେଖନ୍ତି ଯେ ରାଜ୍ୟର ମୁଖ୍ୟ ନିଜେ ମାଟିରେ ଅଛନ୍ତି, ସେତେବେଳେ ପ୍ରଶାସନିକ ଯନ୍ତ୍ରଣାରେ ଦାୟିତ୍ୱବୋଧ ଅଧିକ ତୀବ୍ର ହେବାର ସମ୍ଭାବନା ରହେ । ସେହିପାଇଁ ମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନକ କେବଳ ଛବି ଭାବେ ଦେଖିବା ଦୃଷ୍ଟିର ସଂକୀର୍ଣ୍ଣତା । ଛବି ଇତିହାସର ଗୋଟିଏ ମୁହୂର୍ତ୍ତକୁ ଧରେ, କିନ୍ତୁ ସେହି ମୁହୂର୍ତ୍ତ ପଛରେ ଥିବା ମଣିଷର ଲୁହକୁ ଧରିପାରେ ନାହିଁ । (କ୍ରମଶଃ)

+ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯

# ଗାଁ ଗାଁରେ ମଦ ବନ୍ୟା



## କାଳୀ ଦାସ

ମଦ ଆମ ସମାଜ ପାଇଁ ବଡ ବିପଦ ଯେଉଁଥି ପାଇଁ ବିଭିନ ସମୟରେ ଭିର୍ଣ୍ଣ ଭିର୍ଣ୍ଣ ସ୍ଥାନରେ ଏହା ବିରୋଧରେ ସ୍ୱର ଉତ୍ତୋଳନ ହୋଇଛି ଏବଂ ପ୍ରତିବାଦ ମଧ୍ୟ କରାଯାଇଛି । ମଦ ଜନିତ ସମସ୍ୟା ଅନେକ ଥର ଦେଖିବା କୁ ମିଳୁଛି । ମଦ ପିଉଥିବା ବ୍ୟକ୍ତି ମାନେ ନିଶାସକ୍ତ ହୋଇ ସାଧାରଣ ଲୋକଙ୍କ ପାଇଁ, ଘରେ ରହିଥିବା ମହିଳାଙ୍କ ପାଇଁ ଏବଂ ସ୍କୁଲ ଯାଉଥିବା ଛାତ୍ର ଏବଂ ଛାତ୍ରୀଙ୍କ ପାଇଁ ସାମସ୍ୟା ସୃଷ୍ଟି କରୁଛନ୍ତି । ମଦ ଯୋଗୁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ରେଭିନ୍ୟୁ ମିଳୁଛି ଯାହା ଲାଗି ରାଜ୍ୟ ଏବଂ କେନ୍ଦ୍ର ସରକାର ଗାଁ ଏବଂ ସହରରେ, ମଦ ଦୋକାନ ଖୋଲି ଦେଇଛନ୍ତି । ନାବାଳକ ଏବଂ ନାବାଳିକା ମାନେ ମଧ୍ୟ ମଦ ପିଇବା ଦେଖିବାକୁ ମିଳୁଛି । ମଦକୁ ବନ୍ଦ କରିବାପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଆଗକୁ ଆସିବା କଥା କିନ୍ତୁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ମଦ କୁ ବନ୍ଦ କରିବାପାଇଁ କୌଣସି ପ୍ରକାର ପଦକ୍ଷେପ ଏବ ଯାଏଁ ନେଇ ନାହାନ୍ତି । କୋରୋନା ସମୟରେ ଦିଲ୍ଲୀସରକାର ମଦ ଦୋକାନକୁ ଠେକା ଦେବା ଖବର ବିଭିର୍ନ୍ନ ଗଣମାଧ୍ୟମରେ ଆସିଥିଲା ।କେନ୍ଦ୍ର ସରକାର ଦିଲ୍ଲୀ ସରକାରଙ୍କ ଉପରେ ସିବିଆଇ ତଦନ୍ତ ଲଗାଇଲେ । ଦିଲ୍ଲୀର ଉପାମୁଖ୍ୟମନ୍ତ୍ରୀ ମନିଷ ସିସୋଦିୟାଙ୍କ ଉପରେ ଭ୍ରଷ୍ଟାଚାରର ଆରୋପ ଲଗାଗଲା ଏବଂ ତାଙ୍କୁ ବିଜେପିର କର୍ମୀ ମାନେ ଚୋର ଏବଂ ଭ୍ରଷ୍ଟାଚାରୀ କହି ଗଣମାଧ୍ୟମରେ ଗାଳି ଗୁଲଜ ଏବଂ ଆକ୍ଷେପ ମଧ୍ୟ କଲେ କିନ୍ତୁ ମନିଷ ସିସୋଦିୟାଙ୍କ ବିରୋଧରେ କିଛି ହେଲେ ପ୍ରମାଣ ସିବିଆଇ ପକ୍ଷରୁ ଦିଆଯାଇ ପାରିଲାନାହି । ଭ୍ରଷ୍ଟାଚାର ଅଭିଯୋଗ ଆଣି ବିଜେପି ଏବଂ କଂଗ୍ରେସ ଦିଲ୍ଲୀ ସରକାରଙ୍କୁ ଘେରିଲେ କିନ୍ତୁ ଦୁଇଟି ଜାତୀୟ ଦଳ ଦିଲ୍ଲୀ ସରକାରଙ୍କ ଭ୍ରଷ୍ଟାଚାରକୁ ଦର୍ଶାଇ ପାରିନଥିଲେ ।

ମଦ, କେଉଁ ଆଦିମ କାଳରୁ ସମାଜ ରେ ପ୍ରଚଳନ ହୋଇ ଚାଲିଛି । ରାଜା ମାହାରାଜଠାରୁ ସାଧାରଣ ଜନତା ଯାଏଁ ଲୋକ ଏହାର ଗୋଲାମ ହୋଇଛନ୍ତି । କେତେ ପରିବାର ନଷ୍ଟ ହୋଇଛି ତଥାପି ସମାଜକୁ ଆମେ ମଦ ମୁକ୍ତ କରିପାରି ନାହୁଁ । ମଦ ନିଶାରେ ଅନେକ ସମୟରେ ଗାଡି ଚାଳକ ମାନେ ଦୁର୍ଘଟଣା କରିଛନ୍ତି । ମଦ ନ ପିଥିବା ଲୋକମାନେ ମଧ୍ୟ ଏହାର ଶିକାର ହୋଇଛନ୍ତି । ସରକାର ଏମିତି ଅନେକ ଘଟଣା ଘଟିବା ପରେ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି । **sec 185 motor vehicle ACT** ୧୯୮୮ରେ ଦର୍ଶାଇ ଦିଆଯାଇଛି ଯେ ଯଦି ଜଣେ ବ୍ୟକ୍ତି ନିଶାସକ୍ତ ହୋଇ ଗାଡିଚଲାଇବେ ତାହାହେଲେ ଏହାକୁ ଏକ ଦଣ୍ଡନୀୟ ଅପରାଧ ବୋଲି ଧରାଯିବ ଏବଂ ସେଥିପାଇଁ ସେହି ବ୍ୟକ୍ତିଙ୍କୁ ୬ ମାସ କାରାଦଣ୍ଡ ବା ଜୋରିମାନା ଦେବାକୁ ପଡିବ ।

ଅନେକ ସମୟରେ ଗୃହ କଳହର ମୁଖ୍ୟ କାରଣ ହୋଇଥାଏ ମଦ । ନିଶାସକ୍ତ ମଣିଷ ନିଜ ସ୍ତ୍ରୀ ଓ ଛୁଆ ମାନଙ୍କୁ ବିଭିର୍ନ୍ନ ପ୍ରକାର ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଥାନ୍ତି । ସେଥିପାଇଁ ମହିଳା ମାନେ ଏକାଠି ହୋଇ ମଦ ବିରୋଧରେ ଆନ୍ଦୋଳନ କରିଛନ୍ତି । ୪ ଜାନୁୟାରୀ ୨୦୧୯ ବିହାରରେ ମହିଳା ମାନେ ଏକାଠି ହୋଇ ମଦ ବିରୋଧ ରେ ଆନ୍ଦୋଳନ କରିଥିଲେ । ଆନ୍ଧ୍ର ପ୍ରଦେଶ ରେ ମହିଳା ମାନେ ଏକାଠି ହୋଇ ଏନ୍ଟି ଆରକ ଆନ୍ଦୋଳନ କରିଥିଲେ । ଏହା ଏକ ମହିଳାଙ୍କ ଦ୍ୱାରା ଆନ୍ଧ୍ର ସରକାରଙ୍କ ବିରୋଧ ରେ ଏକ ବିରାଟ ଆନ୍ଦୋଳନ ଥିଲା । ଏହି ଆନ୍ଦୋଳନ ୨୦୦୦ ମସିହାରେ ହୋଇଥିଲା । ମହିଳା ମାନେ ଆନ୍ଧ୍ର ପ୍ରଦେଶକୁ ମଦ ମୁକ୍ତ କରିବା ପାଇଁ ଚାହିଁଥିଲେ । ଭାରତର ବିହାର,ଗୁଜରାଟ, ନାଗାଲେଣ୍ଡ ଏବଂ ମିଜୋରାମକୁ ମଦ ମୁକ୍ତ ରାଜ୍ୟ କୁହାଯାଏ । କେନ୍ଦ୍ର ଶାସିତ ଲାକ୍ଷାଦୀପ ମଧ୍ୟ ମଦ ମୁକ୍ତ ରାଜ୍ୟ କିନ୍ତୁ ଏହି ରାଜ୍ୟ ଗୁଡିକ ରେ ବେଳେ ବେଳେ ଲୁଚା ଛପାରେ ମଦ ବିକ୍ରି ହୋଇଥାଏ, ଯେହେତୁ ଏହି ରାଜ୍ୟ ଗୁଡିକରେ ମଦ ବେଆଇନ ଅଛି ତେଣୁ ଅନେକ ସମୟରେ ଲୋକ ମାନେ ଚୋରାଚାଲନ ହୋଇଥିବା ମଦ ପି ମୃତ୍ୟୁର ଶିକାର ହୋଇଥାନ୍ତି । ନିକଟରେ ଗୁଜରାଟର ବଟାଡରେ ବିଷାକ୍ତ ମଦ ପି ୪୨ ଲୋକଙ୍କ ମୃତ୍ୟୁ ହେଇଥିଲା ଏବଂ ୯୭ ଜଣ ଲୋକ ଚିକିତ୍ସାଧୀନ ଥିଲେ ।

ଇଣ୍ଡିଆ ଏଗେନଷ୍ଟ କରପସନର ସଭ୍ୟ ଆନ୍ନା ହଜାରେ ନିଜ ଜନ୍ମ ସ୍ଥାନ ରେଲେଗାଁସିଦ୍ଧି କୁ ମଦ ମୁକ୍ତ କରିଛନ୍ତି । ସେଥିପାଇଁ ତାଙ୍କୁ ବହୁତ ସଂଘର୍ଷ କରିବାକୁ ପଡିଥିଲା, ଗାଁର ଲୋକ ଗରିବ, ତା ସହିତ ଯେତେବେଳେ ସେମାନଙ୍କ ପାଖରେ ଅଳ୍ପ ପଇସା ଆସୁଥିଲା ତାକୁ ସେମାନେ ମଦରେ ଖର୍ଚ୍ଚ କରୁଥିଲେ ଏବଂ ଘରର ସ୍ତ୍ରୀ ଏବଂ ଶିଶୁ ଉପରେ ଅତ୍ୟାଚାର କରୁଥିଲେ ।

ଆଜି କ୍ଷୀର ଯେତେ ସହଜରେ ମିଳୁନି ସେତେ ସହଜରେ ମଦ ମିଳୁଛି । ଜମାଟୋ ଓ ସୁଗି ଅଡର କରି ଲୋକ ଘରେ ବସି ମଦ ପାଇ ଯାଉଛନ୍ତି । ମଦ୍ୟ ପାନ କିମ୍ବା ମଦ ପିଇବାକୁ ସାମାଜିକ ସ୍ତରରେ ବହିଷ୍କାର କରାଯିବା କଥା କାରଣ ଏହା ଆମର ସାମାଜିକ ମୂଲ୍ୟ ବୋଧକୁ କ୍ଷୁର୍ଣ୍ଣ କରୁଛି । କୋରୋନା ସମୟରେ ଆମେ ଆମର ଅନେକ ଆତ୍ମୀୟଙ୍କୁ ହରାଇଛୁ । ଦେଶର ଆର୍ଥନୀତି ବ୍ୟକ୍ତି ବିଶେଷର ଆର୍ଥନୀତି ନିଶ୍ଚିତ ଭାବରେ ଦୁର୍ବଳ । ଦୁଇ ବର୍ଷ କୋରୋନାର ଆକ୍ରମଣ ପରେ ଆମେ ସଂଘର୍ଷ କରୁଛେ ଜୀବନକୁ ସଜାଡିବା ପାଇଁ ସେତେବେଳେ ଆମ ରାସ୍ତାରେ ନିଶା ନ ଆସିବା କଥା ।

ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମ ରେ ଏହା ସଫଳ ହୋଇପାରିବ । ଓଡିଶାର ମୋନା (ମିଳିତ ଓଡିଶା ନିଶା ନିବାରଣ ଅଭିଯାନ) **MONA** ସଂଗଠନ ତରଫରୁ ମଦ ବନ୍ଦ କରିବା ପାଇଁ ଯେଉଁ ଅଭିଯାନ ଚାଲି ଥିଲା ସେତେବେଳେ ପୋଲିସ ଓ ପ୍ରଶାସନ ମିଶି ମୋନା କର୍ମୀଙ୍କୁ ମାଡ଼ ମାରି ଥିଲେ ଓ ସେମାନଙ୍କୁ ଗିରଫ କରିଥିଲେ, ଏହା ଦ୍ୱାରା ମଦ ବ୍ୟବସାୟୀଙ୍କ ମନବଳ ବଢିଥିଲା । ସରକାରଙ୍କ କର୍ତ୍ତବ୍ୟ ସାଧାରଣ ଜନତାଙ୍କ ସୁଖ ଓ ସମୃଦ୍ଧି ଦେଖିବା । ମଦ ଆମକୁ ନା ସୁଖ ନା ସମୃଦ୍ଧି ଦେଇପାରୁଛି ।ତେଣୁ ସରକାର ମଦ ଦୋକାନ ଖୋଲିବା ପରିବର୍ତ୍ତେ ରିହେବିଟେଶନ ସେଣ୍ଟର ଖୋଲି ଯେଉଁ ମାନେ ମଦ ଛାଡିପାରୁନାହାନ୍ତି ସେମାନଙ୍କ ଚିକତ୍ସା ଯଦି କରନ୍ତେ ତାହେଲେ ଆମେ ଏକ ସୁସ୍ଥ ସମାଜର ପରିକଳ୍ପନା କରିପାରେନ୍ତେ ।

+ବ୍ରହ୍ମପୁର,
ଖୋଡାସିଙ୍ଗ, କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯

କବିତା କୋଣାର୍କ

# କେତୋଟି ଏକପଦୀ

## ନିରଞ୍ଜନ ସାହୁ



(କଣ୍ଟା)
ନଈ ବହୁଥାଏ ବାରବାଙ୍କ ଦେଇ
ସଳଖି ପାରେନା ଅଣ୍ଟା
ମୁଁ ମରିଗଲେ ତୁ କହିବୁ ଲୋ
ଚାଲିଗଲା ଗୋଟେ କଣ୍ଟା ।

(ଗପ)
ତୋହରି ଶୁଭ ମୁଁ ନିତି ମନସୁଛି
ମନ୍ଦିରରେ ଜାଳି ଦୀପ
ଆମରି କାହାଣୀ ପୁରୁଣା ହେଲାଣି
ଗୋଟେ ମନଗଢ଼ା ଗପ ।

(ମହକ)
କିଆ ମହକିଲା ମଲ୍ଲୀ ମହକିଲା
ଚମ୍ପା ମହକିଲା ସଖି
ମହକୁଥିବୁ ତୁ ଅଜଣା ରାଇଜେ
ନୂଆଲୋକ ମନ ରଖି ।

(ଲୋକହସା)
ଜନ୍ମ ରାଇଜରେ ଘର କରିବି ଲୋ
ମନରେ ବାନ୍ଧିଛି ଆଶା
କେତେକାଳ ଆଉ ତୋତେ ଆଶା ରଖି
ହେଉଥିବି ଲୋକହସା ।

(ପଛ)
ଯାହା ପଚାରିବୁ ସତ କହିବି ମୁଁ
ମୋ କଥାରେ ନାହିଁ ମିଛ
ଦୁନିଆକୁ ପଛେ ପଛ କରିଦେବି
କରିବିନି ତୋତେ ପଛ ।

(ସେବକ)
ମୋ ମନ ମନ୍ଦିରେ
ଦେବୀ ତୁମେ ପ୍ରିୟା
ମୋ ମନ ମନ୍ଦିରେ ଦେବୀ
ଜନ୍ମ ଜନ୍ମାନ୍ତର ତୁମ ଶ୍ରୀଚରଣ
ସେବୁଥିବ ଏହି କବି ।

(ନିନ୍ଦାନାଗରା)
ଟୋପିଟୋପି ହୋଇ
ଚନ୍ଦନ ଚିତା ଲୋ
ତୋ ମଥାକୁ ଭଲ ସାଜେ
ମଉନ ମୁହିଁ ତୁ ମଉନେ ରହିଲୁ
ମୋ ନାମେ ନାଗରା ବାଜେ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ଲଗାଣ ବରଷା ବୁଡ଼ାଇଲା ବିଲ

## ଜୟନ୍ତ କୁମାର ମଲ୍ଲିକ୍



ଲଗାଣ ବରଷା ବୁଡ଼ାଇଲା ବିଲ
ତଳି ସବୁ ଗଲା ଧୋଇ-
ବାଡ଼ି ବଗିଚାର ଫଳନ୍ତି ଗଛତ
ଉପୁଡ଼ିକି ଗଲା ଶୋଇ ।

ତରକାରୀ ପାଇଁ କଦଳୀଟେ ନାହିଁ
ଅମୃତଭଣ୍ଡା ବି ଗଲା-
ଖଡ଼ା ନେଉଟିଆ କୋଶଳା ଶାଗବି
ପାଣି ପଶିଯାଇ ମଲା ।

ପରିବା କିଣିକି ଖାଇବା ପାଇଁତ
ପାଖରେ ପଇସା ନାହିଁ-
ଆଖିକୁ ଜମାରୁ ନିଦ ଆସୁନାହିଁ
ରାତି ବିତେ ଚାହିଁ ଚାହିଁ ।

ଦିନୁଦିନ ଋଣ ଭାର ବଢ଼ିଚାଲେ
ଶୁଝିବି କେମିତି ଭାବେ-
ସଂସାର ସାଗରେ ହୁଏ ଉବୁଟୁବୁ
ବସିଛି ଦଦରା ନାବେ ।

ଦୁଃଖହାରୀ ପ୍ରଭୁ ନହରିଲେ ଦୁଃଖ
ସବୁ ସୁଖ ଯିବ ସରି-
ଅଭାବ କଷଣ ସହି ନପାରିକି
ଶେଷରେ ମୁଁ ଯିବି ମରି ।

+ଶୂରଡିହ, ନନ୍ଦିପୁର,
ଦଶରଥପୁର. ଯାଜପୁର
ମୋ:୯୪୩୭୮୬୫୭୨୭

# ମଦ୍ୟପାନ କରନ୍ତି ନାହିଁ ସନି ଦେଓଲ: ବଖାଣିଲେ ନିଜ ଜୀବନର ଅକୁହା କଥା



ସନି ଦେଓଲ ବଲିଉଡର ଜଣେ ଜଣାଶୁଣା ଚେହେରା, ଯିଏକି ଅନେକଗୁଡ଼ିଏ ହିଟ୍ ଫିଲ୍ମ ଭେଟି ଦେଇଛନ୍ତି। ନିକଟରେ ସେ ନିଜର ନୂଆ ଫିଲ୍ମ 'ବଟବାରା ୧୯୪୭'କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଏକ ପଡକାଷ୍ଟରେ ସେ ନିଜ କ୍ୟାରିୟର, ଜୀବନରେ ସମ୍ମୁଖିନ କରିଥିବା ସମସ୍ୟା, ଅଭିନେତା ହେବାର ଯାତ୍ରା ଏବଂ ମଦ୍ୟପାନ ଓ ସିଗାରେଟ୍ ସମ୍ପର୍କରେ ଖୋଲାଖୋଲି କଥା ହୋଇଛନ୍ତି। ସନି ଦେଓଲ କହିଛନ୍ତି ଯେ ସ୍କୁଲପାଠ ପଢ଼ା ଶେଷ କରିବା ପରେ ହିଁ ସେ ଅଭିନେତା ହେବାକୁ ଚିନ୍ତା କରିଥିଲେ। ଏହା ପୂର୍ବରୁ ଅଭିନୟକୁ ନେଇ ମୋର ବେଶୀ ଆଗ୍ରହ ନଥିଲା। ସେତେବେଳେ ମୋର ବାପା ଧର୍ମେନ୍ଦ୍ର ସୁପରଷ୍ଟାର ଥିଲେ ଏବଂ ତାଙ୍କ ଅଭିନୟ ସମସ୍ତଙ୍କୁ ବହୁତ ଭଲ ମଧ ଲାଗୁଥିଲା। ବାପାଙ୍କୁ ଦେଖି ମୁଁ ଅଭିନୟ ପ୍ରତି ଆକୃଷ୍ଟ ହୋଇଥିଲି। ପରେ ଇଣ୍ଡଷ୍ଟ୍ରିରେ କାମ କରିବା ପରେ ଧର୍ମେନ୍ଦ୍ରଙ୍କ ପୁରୁଣା ଫିଲ୍ମରୁ ମୁଁ ଅନେକ କଥା ଶିଖିଲି ଏବଂ କାମ କରିବାକୁ ପ୍ରେରଣା ମଧ ପାଇଥିଲି। ସନି ନିଜ କ୍ୟାରିୟରରକୁ ନେଇ ମଧ ମତ ରଖିଛନ୍ତି। ସେ କହିଛନ୍ତି 'ଗଦର' ଭଳି ବ୍ଲକବ୍ଲଷ୍ଟର ଫିଲ୍ମ କରିସାରିବା ପରେ ମଧ ତାଙ୍କ କ୍ୟାରିୟରରେ ଏକ ବଡ଼ ପରିବର୍ତ୍ତନ ଆସିଥିଲା। ଫିଲ୍ମ ଇଣ୍ଡଷ୍ଟ୍ରିର ଧାରା ବଦଳିବା ସହ ରାଜନୀତି ମଧ ଚଳଚ୍ଚିତ୍ର ଉପରେ ଗଭୀର ପ୍ରଭାବ ପକାଇଥିଲା। ସଫଳତା ତାଙ୍କ ମନରେ କେବେବି ଅହଂକାର ଆଣିନାହିଁ। ସେ କହିଛନ୍ତି ସଫଳତାର ନିଶାରେ ସେ କେବେ ପ୍ରଭାବିତ ହୋଇନାହାନ୍ତି। ଛୋଟବେଳୁ ସେ ଜୀବନର ଝଡ଼ଝଞ୍ଜାର ସାମ୍ନା କରିଛନ୍ତି। ତେଣୁ ସଫଳତା କିମ୍ବା ବିଫଳତା ତାଙ୍କୁ ଅଧିକ ପ୍ରଭାବିତ କରିପାରେ ନାହିଁ। ମଦ୍ୟପାନ ଏବଂ ସିଗାରେଟ୍ ସମ୍ପର୍କରେ ମଧ ସନି ଦେଓଲ ନିଜ ଅନୁଭୂତି ସେୟାର କରିଛନ୍ତି। ଯୁବାବସ୍ଥାରେ ବିଦେଶରେ ପଢୁଥିବା ସମୟରେ ସେ ମଦ୍ୟପାନ ଓ ସିଗାରେଟ୍ ପିଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏହା ତାଙ୍କୁ ପସନ୍ଦ ଆସିନଥିଲା। ତେଣୁ ଏହାକୁ ସେ ନିୟମିତ ଅଭ୍ୟାସରେ ପରିଣତ କରିନ ଥିଲେ। ସକାଳୁ ଶୀଘ୍ର ଉଠିବା ଏବଂ ଦିନକୁ ସକାରାତ୍ମକ ଭାବେ ଆରମ୍ଭ କରିବାକୁ ସେ ପସନ୍ଦ କରନ୍ତି ବୋଲି କହିଛନ୍ତି। ଏପଟେ ସନି ଦେଓଲଙ୍କ ଆଗାମୀ ଫିଲ୍ମ 'ବଟବାରା ୧୯୪୭'କୁ ନେଇ ମଧ ଚର୍ଚ୍ଚା ଜାରି ରହିଛି। ଫିଲ୍ମରେ ସନିଙ୍କ ସହ ପ୍ରୀତି ଜିଣ୍ଟା ଓ ଶବାନା ଆଜମୀ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଆମିର ଖାନ ଏହାର ପ୍ରଯୋଜନା କରିଥିବା ବେଳେ ରାଜକୁମାର ସନ୍ତୋଷୀ ନିର୍ଦ୍ଦେଶନା ଦେଇଛନ୍ତି।

# 'ପ୍ରଳୟ'ରେ କଲ୍ୟାଣୀ



ରଣବୀର ସିଂହଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ପ୍ରଳୟ'ର ସୁଟିଂ ମୁମ୍ବାଇଠାରେ ଆରମ୍ଭ ହୋଇଯାଇଛି। ତାଙ୍କ ସହିତ ସୁଟିଂ ସେଟ୍‌ରେ ମୁଖ୍ୟ ଅଭିନେତ୍ରୀ ଭାବେ ଯୋଗ ଦେଇଛନ୍ତି କଲ୍ୟାଣୀ ପ୍ରିୟଦର୍ଶନ। କଲ୍ୟାଣୀ ଏହି ଚଳଚ୍ଚିତ୍ରରେ କାମ କରିବା ନେଇ ଖୁବ୍ ଉତ୍ସାହିତ। ଏହାର କାରଣ ହେଲା ସେ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ଅନେକ ସଫଳତା ପାଇଥିଲେ ହେଁ ବଲିଉଡ୍ ଚଳଚ୍ଚିତ୍ରରେ ଏ ଯାଏ କାମ କରି ନଥିଲେ। 'ପ୍ରଳୟ' ଜରିଆରେ ସେ ବଲିଉଡ୍‌ରେ ପଦାର୍ପଣ କରିବେ। ପୁଣି 'ଧୁରନ୍ଧର' ଓ 'ଧୁରନ୍ଧର ୨' ଚଳଚ୍ଚିତ୍ରର ଅଭୂତପୂର୍ବ ସଫଳତା ପରେ ବଲିଉଡ୍‌ର ସବୁଠାରୁ ଅଧିକ ଚାହିଦାରେ ଥିବା ରଣବୀର ସିଂହଙ୍କ ନାୟିକା ହେବାର ସୁଯୋଗ ତାଙ୍କୁ ମିଳିଛି। କଲ୍ୟାଣୀ ଆଞ୍ଚଳିକ ଶିଳ୍ପରେ ଥାଇ ବି ଜାତୀୟ ସ୍ତରରେ ଚର୍ଚ୍ଚିତ ହୋଇଛନ୍ତି। ଗତ ବର୍ଷ ମୁକ୍ତିଲାଭ କରିଥିବା ମାଲୟାଲମ୍ ଚଳଚ୍ଚିତ୍ର 'ଲୋକା'ରେ ଏକ ମହିଳା ସୁପରହିରୋ ଚରିତ୍ରରେ ଅଭିନୟ କରି ସେ ଦର୍ଶକଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ଏବେ 'ପ୍ରଳୟ'ରେ ଏ ଦୁହିଁଙ୍କୁ ଜୋମ୍ବିମାନଙ୍କ ସହ ଲଢୁଥିବାର ଦେଖିବାକୁ ମିଳିବ। ମୁମ୍ବାଇ ସହରରେ ମାରାତ୍ମକ ମହାମାରୀ ପରେ ଜୋମ୍ବିମାନେ ଆତଙ୍କ ଖେଳାଇ ଦେଇଥିବାର କାଳ୍ପନିକ କାହାଣୀ ଏହାର କେନ୍ଦ୍ରରେ ଅଛି। ଏହି ଚଳଚ୍ଚିତ୍ରର ପ୍ରଯୋଜକ ହଂସଲ ମେହେଟା କହିଛନ୍ତି ଭାରତରେ ଏମିତି ଚଳଚ୍ଚିତ୍ର ନିର୍ମାଣ ହୋଇ ନାହିଁ ଏବଂ ଏହା ସଂପୂର୍ଣ୍ଣ ମୌଳିକ କାହାଣୀ ଉପରେ ଆଧାରିତ।

# ଅଧିକାଂଶ ଲୋକ କେବଳ ଟଙ୍କା ରୋଜଗାର ପାଇଁ ରାଜନୀତିକୁ ଆସୁଛନ୍ତି: ସୁରେଶ ଓବରୟ

ବଲିଉଡ୍‌ର ଜଣାଶୁଣା ଅଭିନେତା ସୁରେଶ ଓବରୟ ନିଜର ରାଜନୈତିକ ଯାତ୍ରା ଓ ଏହାକୁ ଛାଡ଼ିବାର କାରଣ ନେଇ ବଡ଼ ଖୁଲାସା କରିଛନ୍ତି। ଏକ ସାକ୍ଷାତକାରରେ ସେ ରାଜନୀତିରେ ନିଜ ଅଭିଜ୍ଞତା ବିଷୟରେ ଖୋଲାଖୋଲି ଆଲୋଚନା କରିଛନ୍ତି। ସୁରେଶ ଓବରୟ ୨୦୦୪ ଲୋକସଭା ନିର୍ବାଚନ ପୂର୍ବରୁ ବିଜେପିରେ ଯୋଗ ଦେଇଥିଲେ। ସେ ଦଳ ପାଇଁ ପ୍ରଚାର ମଧ କରିଥିଲେ। ତେବେ କିଛି ସମୟ ପରେ ସେ ରାଜନୀତିଠାରୁ ଦୂରେଇ ଯାଇଥିଲେ। ଏହାର କାରଣ ସମ୍ପର୍କରେ ସେ କହିଛନ୍ତି, ରାଜନୀତିରେ ଯୋଗଦେବା ପୂର୍ବରୁ ତାଙ୍କର ଧାରଣା ଥିଲା ଯେ ଏହା ଦେଶ ସେବାର ଏକ ମାଧ୍ୟମ। କିନ୍ତୁ ରାଜନୀତି ଭିତରକୁ ଯିବା ପରେ ତାଙ୍କ ଅଭିଜ୍ଞତା ବଦଳି ଯାଇଥିଲା। ସେ କହିଛନ୍ତି, "ମୁଁ ଭାବୁଥିଲି ରାଜନୀତିର ଅର୍ଥ ହେଉଛି ନିଜ ଦେଶ ପାଇଁ କିଛି କରିବା କିନ୍ତୁ ଯୋଗଦେବା ପରେ ମୋର ସେ ଧାରଣା ବଦଳି ଯାଇଥିଲା। ମୁଁ ଜାଣିଲି ଯେ ଅଧିକାଂଶ ଲୋକ କେବଳ ଟଙ୍କା ରୋଜଗାର ପାଇଁ ରାଜନୀତି କରୁଛନ୍ତି।" ତେବେ ସେ ଏହି ମନ୍ତବ୍ୟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଯୋଗୀ ଆଦିତ୍ୟନାଥଙ୍କୁ ବାଦ୍ ଦେଇଥିଲେ। ରାଜନୀତିରେ ଯୋଗଦେବାର ପୁରୁଣା କଥା ମଧ ସେ ମନେ ପକାଇଛନ୍ତି। ତାଙ୍କର ଜଣେ ବନ୍ଧୁ ତାଙ୍କୁ ବିଜେପିରେ ଯୋଗଦେବାକୁ କହିଥିଲେ। ଏହାପରେ ସେ ଦଳର କିଛି ବରିଷ୍ଠ ନେତାଙ୍କ ସହ ମିଶିଥିଲେ। ସୁରେଶ




ଓବରୟ ଆରଏସଏସ୍ ମୁଖ୍ୟ ମୋହନ ଭାଗବତଙ୍କୁ ମଧ ପ୍ରଶଂସା କରିଛନ୍ତି। ସେ ନିଜକୁ ଭାଗବତଙ୍କର ଜଣେ ବଡ଼ ପ୍ରଶଂସକ ବୋଲି କହିଛନ୍ତି। ରାଜନୀତି ଛାଡ଼ିବା ପରେ ସୁରେଶ ଓବରୟ ପୁଣି ଅଭିନୟରେ ଧ୍ୟାନ ଦେଇଥିଲେ। 'ମିର୍ଚ ମସଲା', 'ତେଜାବ', 'ପରିନ୍ଦା' ଓ 'ରାଜା ହିନ୍ଦୁସ୍ତାନୀ' ଭଳି ଫିଲ୍ମରେ ସେ ଅଭିନୟ କରିଛନ୍ତି। ନିକଟରେ 'ଆନିମଲ' ଓ 'କବୀର ସିଂହ' ଫିଲ୍ମରେ ମଧ ତାଙ୍କୁ ଦେଖିବାକୁ ମିଳିଛି। ବ୍ୟକ୍ତିଗତ ଜୀବନ ବିଷୟରେ କହିବାକୁ ଗଲେ ତାଙ୍କର ଦୁଇଟି ସନ୍ତାନ ଅଛନ୍ତି। ବଲିଉଡ୍ ଅଭିନେତା ବିବେକ ଓବରୟ ଏବେ ଫିଲ୍ମ 'ରାମାୟଣ'ରେ ଅଭିନୟ କରି ଚର୍ଚ୍ଚାରେ ଅଛନ୍ତି। ବିବେକ ମଧ ଏକ ବ୍ୟବସାୟ ଚଳାନ୍ତି। ତାଙ୍କର ଏକ ଝିଅ ମେଘନା ଓବରୟ ଯିଏକି ଜଣେ ପ୍ରଚ୍ଛଦପଟ ଗାୟିକା ।

# ରଶ୍ମିକାଙ୍କ ଭୟ !

ନିକଟରେ 'ହିପ୍ ବୋନ୍'ରେ ଆଘାତ ଯୋଗୁଁ ଚିକିତ୍ସିତ ହୋଇ ଏବେ ଧୀରେ ଧୀରେ ସୁସ୍ଥ ହେଉଛନ୍ତି ସାଉଥ୍ ସୁନ୍ଦରୀ ରଶ୍ମିକା ମନ୍ଦାନା। ପୂର୍ବରୁ କାମକୁ ଜୀବନର ଏକମାତ୍ର ଲକ୍ଷ୍ୟ ବୋଲି ଭାବୁଥିବା ଅଭିନେତ୍ରୀ ଏବେ ନିଜର ବ୍ୟସ୍ତ ଜୀବନରୁ ଟିକେ ବିରତି ନେଇଛନ୍ତି। ଡାକ୍ତରଙ୍କ ପରାମର୍ଶରେ କାମକୁ ପଛରେ ପକାଇ ସେ ଏବେ ବିଶ୍ରାମ ନେଉଥିବା ସୋସିଆଲ୍ ମିଡିଆରେ ଜଣାଇଛନ୍ତି। ନିଜର ପୂର୍ବ ଓ ବର୍ତ୍ତମାନର ଚିନ୍ତାଧାରା ମଧ୍ୟରେ ଥିବା ପରିବର୍ତ୍ତନକୁ ନେଇ ମଧ ରଶ୍ମିକା ଅନୁଭୂତି ବାଣ୍ଟିଛନ୍ତି। ତାଙ୍କ କହିବା କଥା, ପୂର୍ବରୁ ଜୀବନର ଗତି ଧୀର ହୋଇଯିବା ତାଙ୍କୁ ଭୟଭୀତ କରୁଥିଲା। ହେଲେ ଏବେ ଦୀର୍ଘ ସମୟ ଧରି ଘରେ ରହି ବିଶ୍ରାମ ନେବା ପରେ କ୍ରମାଗତ ବ୍ୟସ୍ତ ରହି କାମ କରିବାକୁ ମଧ ତାଙ୍କୁ ଭୟ ଲାଗୁଛି। ଏହି ବିରତି ସମୟରେ ରଶ୍ମିକା ପରିବାର ଓ ପ୍ରିୟଜନଙ୍କ ସହ ସମୟ କାଟୁଛନ୍ତି। ଏହାର କିଛି ଝଲକ ମଧ ସେ ପ୍ରଶଂସକଙ୍କ ସହ ସେୟାର କରିଛନ୍ତି। ତାଙ୍କ କହିବା ଅନୁସାରେ, ଏହି ବିରତି ତାଙ୍କୁ ଜୀବନକୁ ଅନ୍ୟ ଏକ ଦୃଷ୍ଟିରୁ ଦେଖିବାର ସୁଯୋଗ ଦେଇଛି। ଚାରିପଟେ ଥିବା ଭଲପାଇବା, ସକାରାତ୍ମକତା, ପ୍ରାର୍ଥନା ଓ କୃତଜ୍ଞତା ତାଙ୍କୁ ଏହି ସମୟରେ ମାନସିକ ଶାନ୍ତି ଦେଉଛି।



# ସମାଜସେବା ହିଁ ମୋ ଜୀବନ : ରାମଚନ୍ଦ୍ର ଜେନା



ଓଡ଼ିଶାର କଳା ସାହିତ୍ୟ ଓ ସଂସ୍କୃତି ତଥା ସମାଜସେବା କୁ ଯେଉଁ ବନ୍ଧୁ ମାନେ ଆପଣେଇ ନେଇଛନ୍ତି ସେମାନଙ୍କ ମଧ୍ୟରେ ଶ୍ରୀ ରାମଚନ୍ଦ୍ର ଜେନା ଓରଫ ଟୀକା ଭାଇ ଅନ୍ୟତମ। ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରୀ ପଞ୍ଚାୟତରେ ଟୀକା ଭାଇ ଜନ୍ମ ଗ୍ରହଣ କରନ୍ତି। ଅନେକ ସମୟରେ ଯେଉଁ ଦୁଃଖୀ ଗରିବ ଲୋକ ମାନେ ବିଭିନ୍ନ ମେଡ଼ିକାଲରେ ଭର୍ତ୍ତି ହୋଇ ଥାଆନ୍ତି ସେମାନଙ୍କୁ ଟୀକା ଭାଇ ସାହାଯ୍ୟ ସହଯୋଗ ଯୋଗାଇ ଦେଇ ଥାଆନ୍ତି। ନିଜେ ଟୀକା ଭାଇ ପ୍ରତ୍ୟେକ ଦିନ ଖଟନ୍ତି, ପରିଶ୍ରମ କରନ୍ତି, ସେଥିରୁ ଯେଉଁ ପଇସା ପାଆନ୍ତି ସେଥିରେ ଅଳ୍ପ ପରିବାର ପାଇଁ ରଖନ୍ତି ଓ ଅବଶିଷ୍ଟ ପଇସା ଦୁଃଖୀ ଗରିବଙ୍କ ପାଇଁ ସେବାରେ ଖର୍ଚ୍ଚ କରିଥାନ୍ତି। ଓଡ଼ିଶାର ବାଲେଶ୍ୱର, ଭଦ୍ରକ, କଟକ, ସୋର,ବାସୁଦେବପୁର ପ୍ରଭୃତି ବିଭିନ୍ନ ସ୍ଥାନରେ ଟୀକା ଭାଇ ସେବା କାର୍ଯ୍ୟ କରିଥାନ୍ତି ଏବଂ ରୋଗୀ ମାନଙ୍କୁ ଅପେଲ, ଅଙ୍ଗୁର, କଦଳୀ, କମଳା ଲେମ୍ବୁ ବାଣ୍ଟି ଥାଆନ୍ତି। ସରକାରୀ ସ୍ତରରେ ଟୀକା ଭାଇ ବିଶେଷ କିଛି ସାହାଯ୍ୟ ସହଯୋଗ ପାଇ ନ ଥିଲେ ମଧ ସେ ଦୁଃଖ କରି ନାହାନ୍ତି। ଶ୍ରୀ ରାମଚନ୍ଦ୍ର ଜେନା ସବୁବେଳେ କୁହନ୍ତି ମୋ ପାଇଁ ମହାପ୍ରଭୁ ଜଗନ୍ନାଥ ହିଁ ସାହା ଭରସା। ଟୀକା ଭାଇଙ୍କ ପରିବାର ଅନେକ ଦୁଃଖ କଷ୍ଟ ମଧ୍ୟରେ ଚଳୁଛି। ଟୀକା ଭାଇ ଅନେକ ସମୟରେ ବୃକ୍ଷ ରୋପଣ କାର୍ଯ୍ୟ କରି ପରିବେଶର ସୁରକ୍ଷା କରିଥାନ୍ତି। ଈଶ୍ୱରଙ୍କ କୃପାରୁ ଶ୍ରୀ ରାମଚନ୍ଦ୍ର ଜେନାଙ୍କ ସମସ୍ତ ସ୍ୱପ୍ନ ଓ ଲକ୍ଷ୍ୟ ପୂରଣ ହେଉ ଏବଂ ତାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଏହାହିଁ କାମନା।

ଉପସ୍ଥାପନା ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ,ବାସୁଦେବପୁର, ଭଦ୍ରକ,
ମୋ: ୯୯୩୭୯୭୬୩୫୧

# କାର୍ତ୍ତିକ ଆର୍ଯ୍ୟନଙ୍କ 'କ୍ୟାପଟେ ଇଣ୍ଡିଆ'ରେ ବଲିଉଡ୍‌କୁ ଫେରିବେ ଏହି ନାୟିକା

ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'କ୍ୟାପଟେନ୍ ଇଣ୍ଡିଆ'କୁ ନେଇ ପୁଣିଥରେ ଚର୍ଚ୍ଚା ଜୋର ଧରିଛି। ପ୍ରାୟ ୫ ବର୍ଷ ପୂର୍ବେ ଏହି ଫିଲ୍ମର ଅଫିସିଆଲ୍ ଘୋଷଣା ହୋଇଥିଲା। ମଝିରେ ଫିଲ୍ମଟି ନିର୍ମାଣ ହେବ କି ନାହିଁ, ତାକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ଏବେ ଫିଲ୍ମର କାଷ୍ଟକୁ ନେଇ ଆସିଥିବା ନୂଆ ଖବର ଦର୍ଶକଙ୍କ ଉତ୍ସାହ ବଢ଼ାଇଛି। ସୂଚନା ଅନୁସାରେ, ଦକ୍ଷିଣ ଭାରତୀୟ ଅଭିନେତ୍ରୀ ପାର୍ବତୀ ଥିରୁଭୋଥୁ ଏହି ଫିଲ୍ମରେ କାର୍ତ୍ତିକ ଆର୍ଯ୍ୟନଙ୍କ ସହ ଅଭିନୟ କରିବାକୁ ଯାଉଛନ୍ତି। 'ବଲିଉଡ୍ ହଙ୍ଗାମା'ର ଏକ ରିପୋର୍ଟରେ ପାର୍ବତୀଙ୍କ 'କ୍ୟାପଟେନ୍ ଇଣ୍ଡିଆ'ରେ ଏଣ୍ଟ୍ରି ନେଇ ଦାବି କରାଯାଇଛି। ତେବେ ଫିଲ୍ମରେ ତାଙ୍କ ଚରିତ୍ର କ'ଣ ରହିବ, ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ। 'କ୍ୟାପଟେନ୍ ଇଣ୍ଡିଆ'ର ଘୋଷଣା ପ୍ରଥମେ ୨୦୨୧ରେ ହୋଇଥିଲା। ସେତେବେଳେ ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ହଂସଲ ମେହତାଙ୍କ ହାତରେ ଥିଲା। ପରବର୍ତ୍ତୀ ସମୟରେ ହଂସଲ ମେହତା ଫିଲ୍ମରୁ ଓହରିଯିବା ପରେ ଫିଲ୍ମର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠିଥିଲା। ଏହାପରେ ଦୀର୍ଘ ସମୟ ଧରି ଫିଲ୍ମକୁ ନେଇ କୌଣସି ବଡ଼ ଅପଡେଟ୍ ଆସିନଥିଲା। ତେବେ ୨୦୨୬ରେ 'କ୍ୟାପଟେନ୍ ଇଣ୍ଡିଆ' ପୁଣିଥରେ ନିର୍ମାଣ ଟ୍ରାକ୍ ?କୁ ଫେରିବା ନେଇ ଖବର ସାମ୍ନାକୁ ଆସିଥିଲା। ଏଥର ଫିଲ୍ମର ନିର୍ଦ୍ଦେଶନା ଭାର 'ଚକ୍ ଦେ ଇଣ୍ଡିଆ' ଭଳି ଚର୍ଚ୍ଚିତ ଫିଲ୍ମର ନିର୍ଦ୍ଦେଶକ ଶିମିତ ଅମିନଙ୍କ ହାତରେ ରହିଛି। ଶିମିତ ଅମିନଙ୍କ ପାଇଁ ମଧ 'କ୍ୟାପଟେନ୍ ଇଣ୍ଡିଆ' ଏକ ଗୁରୁତ୍ୱପୂର୍ଣ୍ଣ ଫିଲ୍ମ। ୨୦୦୯ରେ ମୁକ୍ତିଲାଭ କରିଥିବା 'ରକେଟ୍ ସିଂହ: ସେଲ୍ସମ୍ୟାନ୍ ଅଫ୍ ଦ ଇୟର' ପରେ ପ୍ରାୟ ୧୭ ବର୍ଷର ବ୍ୟବଧାନରେ ସେ ପୁଣି ନିର୍ଦ୍ଦେଶନାକୁ ଫେରୁଛନ୍ତି। ତେଣୁ ଏହି ଫିଲ୍ମ ତାଙ୍କ ଫିଲ୍ମ କ୍ୟାରିୟରରେ ମଧ ଏକ ବିଶେଷ ସ୍ଥାନ ରଖିପାରେ।

ପାର୍ବତୀ ଥିରୁଭୋଥୁ ମୁଖ୍ୟତଃ ମାଲାୟାଲମ୍ ଓ ତାମିଲ୍ ସିନେମାରେ ନିଜ ଦମଦାର ଅଭିନୟ ପାଇଁ ପରିଚିତ। ୨୦୧୭ରେ 'କରିବ କରିବ ସିଙ୍ଗଲ୍' ଫିଲ୍ମ ଜରିଆରେ ସେ ହିନ୍ଦୀ ସିନେମାରେ ପାଦ ରଖିଥିଲେ। ଏହା ପରେ ତାଙ୍କୁ ବଲିଉଡ୍‌ରେ ନିୟମିତ ଭାବେ ଦେଖିବାକୁ ମିଳିନଥିଲା। ଏବେ ପ୍ରାୟ ୯ ବର୍ଷ ପରେ 'କ୍ୟାପଟେନ୍ ଇଣ୍ଡିଆ' ମାଧ୍ୟମରେ ତାଙ୍କ ବଲିଉଡ୍ କମ୍‌ବ୍ୟାକ୍ ହେବାର ଆଶା କରାଯାଉଛି। ଏହି ଫିଲ୍ମ ଜରିଆରେ ପ୍ରଥମ ଥର ପାଇଁ କାର୍ତ୍ତିକ ଆର୍ଯ୍ୟନ୍ ଓ ପାର୍ବତୀ ଥିରୁଭୋଥୁଙ୍କ ଯୋଡ଼ି ପରଦାରେ ଦେଖିବାକୁ ମିଳିପାରେ। ପାନ୍-ଇଣ୍ଡିଆ ସିନେମାର ଲୋକପ୍ରିୟତା ବଢୁଥିବା ବେଳେ ଦକ୍ଷିଣ ଓ ହିନ୍ଦୀ ସିନେମାର କଳାକାରମାନେ ଏକାଠି କାମ କରିବା ଧାରା ମଧ ବଢୁଛି। ତେଣୁ 'କ୍ୟାପଟେନ୍ ଇଣ୍ଡିଆ'ରେ ଏହି ନୂଆ ଯୋଡ଼ିକୁ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ଏବେଠାରୁ ଉତ୍କଣ୍ଠା ବଢ଼ିବାରେ ଲାଗିଛି।



# ସେଲ୍, ରାଉରକେଲା ଇସ୍ପାତ କାରଖାନାର ୩୬ ଜଣ କର୍ମଚାରୀଙ୍କୁ ନେହରୁ ବିଶିଷ୍ଟ କର୍ମଚାରୀ ପୁରସ୍କାର

ରାଉରକେଲା,୨୦/୦୮ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର ୩୬ ଜଣ କର୍ମଚାରୀଙ୍କୁ ୨୦୨୫ ବର୍ଷ ପାଇଁ ପ୍ରତିଷ୍ଠିତନେହରୁ ବିଶିଷ୍ଟ କର୍ମଚାରୀ ପୁରସ୍କାରପ୍ରଦାନ କରାଯାଇଛି। ଅଗଷ୍ଟ ୧୪, ତାରିଖରେ ସିଭିକ୍ ସେଣ୍ଟରଠାରେ ଆୟୋଜିତଭବ୍ୟ ସମ୍ମାନ ସମାରୋହରେ ଆରଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଶ୍ରୀ ତରୁଣ ମିଶ୍ର ଏବଂ ନିର୍ବାହୀ ନିର୍ଦ୍ଦେଶକ (ଏମଡି – ସି ଏମ ଏଲ ଓ ) ଶ୍ରୀ ବି କେ ଗିରି, ଏହି ପୁରସ୍କାରବିଜେତାମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ପୁରସ୍କାର ବିଜେତା କର୍ମଚାରୀମାନଙ୍କ ଜୀବନସାଥୀ ମାନେ ମଧ ସେମାନଙ୍କ ସହ ମଞ୍ଚକୁ




ଆସି ପୁରସ୍କାର ଗ୍ରହଣ କରିଥିଲେ। ପ୍ରତ୍ୟେକ ପୁରସ୍କାର ବିଜେତାଙ୍କୁ ଏକମାନପତ୍ର, ୧୦,୦୦୦ ଟଙ୍କାର ପୁରସ୍କାର ରାଶି, ଯାହା ସେମାନଙ୍କୁ ସୋଡେକ୍ସୋ କାର୍ଡ ମାଧ୍ୟମରେ ପ୍ରଦାନ କରାଯିବା ସହ ଏକ ଉପହାର ମଧ ପ୍ରଦାନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ନେହରୁ ବିଶିଷ୍ଟ କର୍ମଚାରୀ ପୁରସ୍କାର ପ୍ରତିବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଦାନ କରାଯାଇଥାଏ। କାର୍ଯ୍ୟ ପ୍ରତି ପ୍ରତିବଦ୍ଧତା, ସୃଜନଶୀଳତା ଓ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ନିରନ୍ତର ଉତ୍କର୍ଷ ମାଧ୍ୟମରେ କାରଖାନାର କାର୍ଯ୍ୟଦକ୍ଷତା ଓ ଉତ୍ପାଦନରେ ଉଲ୍ଲେଖନୀୟ ଅବଦାନ ରଖିଥିବା କର୍ମଚାରୀମାନଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଏ।

# ପ୍ୟାନେଲ ଓକିଲଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ନୂଆପଡ଼ା,୨୦/୦୮ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ନୂଆପଡ଼ା ଓ ତାଲୁକ୍ ଆଇନ ସେବା ସମିତି, ଖରିଆର୍, ସିନାପାଲି ଏବଂ ବୋଡ଼େନ୍ ଅନ୍ତର୍ଗତ ସମସ୍ତ ପ୍ୟାନେଲ ଓକିଲଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ବିକଳ୍ପ ବିବାଦ ସମାଧାନ କେନ୍ଦ୍ର ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସମର ବିଳାସ ବେହେରା ଉଦ୍ଘାଟନ କରିଥିଲେ। ଏହି ଶିବିରରେ ନୂଆପଡ଼ାର ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଶାନ୍ତ କୁମାର ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ଦୁର୍ବାସା ଦୁର୍ଗା, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶ, ଏସ.ଡି.ଜେ.ଏମ୍ ସ୍ନାତକି ଦାଶ ଓ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଦ୍ୱିତୀୟ ଶ୍ରେଣୀ କାହ୍ନୁ କିସ୍କୁ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଶାନ୍ତ କୁମାର ମିଶ୍ର ମହିଳାଙ୍କର ଭରଣପୋଷଣ ବିଷୟରେଥିବା ଆଇନ, ଘରୋଇ ହିଂସା ଆଇନ ଓ ସମ୍ପତ୍ତିର ଅଧିକାର ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ନବନୀତା ଦାଶ ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭, ଜିଲ୍ଲା ଆଇନ ସେବା ପ୍ରାଧିକରଣର କାର୍ଯ୍ୟଶୈଳୀ ଓ ଜାତୀୟ ଆଇନ ସେବା ପ୍ରାଧିକରଣର ବିଭିନ୍ନ ଯୋଜନା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ । ପ୍ରଶିକ୍ଷକ ତଥା ମହାମାୟା ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅନିଲ କୁମାର ତାଣ୍ଡି କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା ବିଷୟରେ ପ୍ରଶିକ୍ଷଣ ଦେଇଥିଲେ ।

# ଶିକ୍ଷକ ପଦବୀ ପୂରଣ ଦାବିରେ ବିଦ୍ୟାଳୟ ବାହାରେ ତାଲା ପକାଇଲେ ଅଭିଭାବକ




ଚମ୍ପୁଆ,୨୦/୦୮ (ନି.ପ୍ର): ବିଦ୍ୟାଳୟରେ ନାଁହାନ୍ତି ଆବଶ୍ୟକ ଶିକ୍ଷକ। ଶିକ୍ଷକ ପଦବୀ ପୂରଣ ଦାବିରେ ସ୍କୁଲ ବାହାରେ ତାଲା ପକାଇଲେ ଅଭିଭାବକ। କେନ୍ଦୁଝରଜିଲ୍ଲା ଚମ୍ପୁଆ ବ୍ଲକ ଦୋଳିତା ସ୍ଥିତ ରଜିଆ ଗ୍ରାମ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବାହାରେ ଆଜି ତାଲା ପକାଇଛନ୍ତି ଅଭିଭାବକ । ଏହି ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ଯାଏଁ ୨୫୯ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ବିଦ୍ୟାଳୟରେ ମାତ୍ର ୪ ଜଣ ଶିକ୍ଷକ ରହିଛନ୍ତି। ଷଷ୍ଠ ସପ୍ତମ ଅଷ୍ଟମ ଶ୍ରେଣୀ ପାଇଁ ଜଣେ ହେଲେ ଶିକ୍ଷକ ନିଯୁକ୍ତି ହୋଇନଥିବାବେଳେ ନବମ ଦଶମ ଶ୍ରେଣୀ ପାଇଁ ମାତ୍ର ଚାରିଜଣ ଶିକ୍ଷକ ଅଛନ୍ତି। ପିଇଟି ଓ ହିନ୍ଦୀ ଶିକ୍ଷକ ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଛି। ଏହାସହିତ ବିଦ୍ୟାଳୟର ଗଣିତ ଶିକ୍ଷକଙ୍କୁ ଦୁଇମାସରୁ ଅଧିକ ହେବ ଏସଆଇଆର ଡ୍ୟୁଟି ଦିଆଯାଇଥିବାରୁ ଦୁଇମାସ ହେବ ସେ ସ୍କୁଲ ଆସୁନଥିବାରୁ ଦୁଇମାସ ହେବ ସ୍କୁଲରେ ଗଣିତ ପାଠପଢା ବନ୍ଦ ରହିଛି। ଆଗକୁ ମେଟ୍ରିକ୍ ପରୀକ୍ଷା ଥିବାବେଳେ ପାଠପଢ଼ା ହୋଇ ପାରୁନାହିଁ। ଏହାକୁ ନେଇ ଅଭିଭାବକ ଅନେକ ଥର ଶିକ୍ଷା ବିଭାଗ ଚମ୍ପୁଆ ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ ସୁଦ୍ଧା କେହି ଗୁରୁତ୍ୱ ଦେଉନଥିବାରୁ ଆଜି ବିଦ୍ୟାଳୟରେ ଚାବି ପକାଇଛନ୍ତି ଅଭିଭାବକ। ଫଳରେ ଛାତ୍ରଛାତ୍ରୀ ଶିକ୍ଷକ ବାହାରେ ରହିଥିବାରୁ ପାଠପଢା ବନ୍ଦ ରହିଛି।

# ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ମିଳିନି କୋଟିଏରୁ ଅଧିକ ଟଙ୍କା: ଜିଲ୍ଲାପାଳ ଅଫିସ ଘେରିଲେ ଏସଏଚଜି ମହିଳା

ନୂଆପଡ଼ା,୨୦/୦୮ (ନି.ପ୍ର): ମହିଳା ସ୍ୱୟଂ ସହାୟିକା ଦଳ ସରକାରଙ୍କ ଧାନ କିଣା ପ୍ରକ୍ରିୟାରେ ସାମିଲ ହେଲେ କିଛି ଟଙ୍କା ରୋଜଗାର ପାଇବେ ସ୍ୱାବଲମ୍ବୀ ହେବା ପାଇଁ ଏସ୍‌ଏଚ୍‌ଜିଙ୍କ ପାଇଁ ଏହା ସହାୟକ ହେବ ବୋଲି ପୂର୍ବ ସରକାର ପରିକଳ୍ପନା କରିଥିଲେ । କିନ୍ତୁ ନୂଆପଡ଼ା ଜିଲ୍ଲାରେ ଧାନ କିଣା ପ୍ରକ୍ରିୟାରେ ସାମିଲ ହୋଇଥିବା ଏସ୍‌ଏଚ୍‌ଜି ଗ୍ରୁପ୍‌ଙ୍କୁ ସେମାନଙ୍କର କମିସନ ଓ ହେମାଲି(ନିୟୋଜିତ ଶ୍ରମିକ) ବାବଦ ଟଙ୍କା ପାଇ ନଥିବା ଅଭିଯୋଗ ହୋଇଛି। ଟଙ୍କା ପାଇଁ ଏସ୍‌ଏଚ୍‌ଜି ଗ୍ରୁପର ମହିଳାମାନେ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ ଟଙ୍କା ମିଳିପାରିନି। ଆଜି ଜିଲ୍ଲା ଏସଏଚଜି ଗୃପର ମହିଳାମାନେ ଏକତ୍ର ହୋଇ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳ ଅଫିସ ଘେରାଉ କରିଛନ୍ତି। ଏହି ଘେରାଉରେ ଶତାଧିକ ମହିଳା ସହ ବିଜେଡି ଜିଲ୍ଲା ସଭାପତି ଅବନୀ ଯୋଶୀ, ଜିଲ୍ଲାପରିଷଦ ସଭ୍ୟ ଭାନୁ ପ୍ରତାପ ସିଂ ମାଝୀ ଉପସ୍ଥିତ




ରହିଛନ୍ତି। ସୂଚନା ଅନୁସାରେ, ୨୦୨୪-୨୫ରେ ନୂଆପଡ଼ା ଜିଲ୍ଲାର ୫ଟି ବ୍ଲକ୍‌ରେ ୧୩ଟି ଏସ୍‌ଏଚ୍‌ଜି ଗ୍ରୁପ୍‌ଙ୍କୁ ଖରିଫ ଓ ରବି ଧାନ କିଣା ପାଇଁ ଅନୁମତି ଦିଆଯାଇଥିଲା। ସରକାର ନିୟମ ଅନୁଯାୟୀ ଜିଲ୍ଲାର ପ୍ରତ୍ୟେକ ଏସ୍‌ଏଚ୍‌ଜିଙ୍କୁ କ୍ୱିଣ୍ଟାଲ ପିଛା ୩୧ ଟଙ୍କା ୨୫ ପଇସା କମିସନ ରହିଥିଲା । ସେହିପରି ହେମାଲି ପାଇଁ କ୍ୱିଣ୍ଟାଲ ପିଛା ୮ ଟଙ୍କା ୬୭ପଇସା ବ୍ୟବସ୍ଥା କରାଯାଇଥିଲା । ଖରିଫରେ ୨ଲକ୍ଷ ୨୭ ହଜାର ୫୩୫ କ୍ୱିଣ୍ଟାଲ ଧାନ ସଂଗ୍ରହ ବାବଦ କମିସନ ୭୧ ଲକ୍ଷ ୧୦ ହଜାର ୪୯୮ ଟଙ୍କା ହୋଇଥିବାବେଳେ ମଣ୍ଡି ଓ ହେମାଲି ବାବଦକୁ ୨୯ ଲକ୍ଷ ୮୯ ହଜାର ୮୨୨ ଟଙ୍କା ; ମୋଟ ୧ କୋଟି ୧ ହଜାର ୩୨୦ ଟଙ୍କା ବକେୟା ରହିଛି। ଏଥିସହିତ ରବିରେ ୨୮ ହଜାର ୨୭୩ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିଲେ। କମିସନ ବାବଦକୁ ୮ ଲକ୍ଷ ୮୩ ହଜାର ୫୩୯ ଟଙ୍କା, ମଣ୍ଡି ଓ ହେମାଲି ବାବଦକୁ ୩ ଲକ୍ଷ ୭୧ ହଜାର ୫୧୧ ଟଙ୍କା ମୋଟ ୧୨ ଲକ୍ଷ ୫୫ ହଜାର ୫୦ ଟଙ୍କା ବାକି ରହିଛି। ଖରିଫ ଓ ରବିରେ ମୋଟ ୧ କୋଟି ୧୩ ଲକ୍ଷ ୫୫ ହଜାର ୩୭୦ ଟଙ୍କା କମିସନ ଓ ହେମାଲି ବାବଦ ବକେୟା ଟଙ୍କା ଆଜି ପର୍ଯ୍ୟନ୍ତ ଜିଲ୍ଲାର ୧୩ଟି ଏସ୍‌ଏଚ୍‌ଜି ଗ୍ରୁପ୍‌ଙ୍କୁ ସରକାର ଦେଇନଥିବା ଅଭିଯୋଗ ହୋଇଛି।

# ହଡପା ଓ ଜୟନ୍ତିଗିରି ମୌଜାର ଜମି ରେଳ ବିଭାଗକୁ ହସ୍ତାନ୍ତର

ଜୟପୁର,୨୦/୦୮ (ନି.ପ୍ର): ଜୟପୁର -ନବରଙ୍ଗପୁର ରେଳ ପ୍ରକଳ୍ପ ପାଇଁ ଜମି ହସ୍ତାନ୍ତର ହୋଇଛି । ଜୟପୁର ତହସିଲ ଅନ୍ତର୍ଗତ ହଡପା ଓ ଜୟନ୍ତିଗିରି ମୌଜାର ୨୭ଟି ଜମି ମାଲିକଙ୍କର ୧୪ ଏକର ୬୫ ସେଣ୍ଟ ଜମି ରେଳ ବିଭାଗକୁ ହସ୍ତାନ୍ତର କରାଯାଇଛି । ହଡପା ମୌଜାର ୧୪ ଜଣ ଜମି ମାଲିକଙ୍କ ୬ ଏକର ୨୦ ସେଣ୍ଟ, ଜୟନ୍ତିଗିରି ମୌଜାର ୧୩ ଜଣ ଜମି ମାଲିକଙ୍କ ୮ ଏକର ୪୫ ସେଣ୍ଟ ପ୍ରଦାନ କରାଯାଇଛି । ଜମି ମାଲିକଙ୍କୁ କ୍ଷତି ପୂରଣ ଦେବା ପରେ ରାଜସ୍ୱ ବିଭାଗ ଆଜି ରେଳ ବିଭାଗକୁ ଜୟପୁର - ନବରଙ୍ଗପୁର ରେଳେ ପ୍ରକଳ୍ପ ପାଇ ଜମି ହସ୍ତାନ୍ତର କରିଛି । ରାଜସ୍ୱ ବିଭାଗର ଜମିକୁ ରେଳ ବିଭାଗକୁ ହସ୍ତାନ୍ତର ସମୟରେ ଜୟପୁର ତହସିଲଦାର ସବ୍ୟ ସାଚି ଜେନା, ରାଜସ୍ୱ ସୁପରଭାଇଜର ଅଶୋକ ମିଶ୍ର, ଜୟନ୍ତିଗିରି ରାଜସ୍ୱ ନିରିକ୍ଷକ ନିରୁପମା ସାହୁ, ପୁଜାରିପୁଟ ରାଜସ୍ୱ ନିରିକ୍ଷକ ସୌଭାଗ୍ୟ ସାହୁ ଙ୍କ ସହ ରେଳ ବିଭାଗର ଅଧିକାରି ମାନ ଉପସ୍ଥିତ ଥିଲେ ।

# ବାଗ୍ରାରେ ନିର୍ମାଣ ହେଲା ନୂତନ ଚେକ୍ ଡ୍ୟାମ୍



ଜୟପୁର,୨୦/୦୮ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ବାରିଣୀପୁଟ ପଞ୍ଚାୟତର ବାଗ୍ରା ଗ୍ରାମରେ ଚାଷୀଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏକ ନୂତନ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଜଳ ସଂରକ୍ଷଣ କ୍ଷମତା ବୃଦ୍ଧି କରିବା ସହ ଚାଷକାର୍ଯ୍ୟ ପାଇଁ ସୁବିଧାରେ ଜଳ ଯୋଗାଇଦେବା ଲକ୍ଷ୍ୟରେ ପଞ୍ଚାୟତ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଆର୍ଥିକ ବର୍ଷ ୨୦୨୫-୨୬ ଅନ୍ତର୍ଗତ ମୋଟ ୯.୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ଏହି ଚେକ୍ ଡ୍ୟାମ୍ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି। ଏହି ନୂତନ ଜଳସେଚନ ପ୍ରକଳ୍ପ ଦ୍ୱାରା ବାଗ୍ରା ଗ୍ରାମର ପ୍ରାୟ ୩୦ ଏକର କୃଷି ଜମି ସିଧାସଳଖ ଜଳସେଚିତ ହୋଇପାରିବ। ପୂର୍ବରୁ ସ୍ଥାନୀୟ ଚାଷୀମାନେ ଜଳାଭାବ ଯୋଗୁଁ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଏବେ ଏହି ଚେକ୍ ଡ୍ୟାମ୍ ନିର୍ମାଣ ହେବା ଫଳରେ ସେମାନଙ୍କ ବହୁଦିନର ସମସ୍ୟା ଦୂର ହୋଇଛି। ବାରିଣୀପୁଟ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାହ୍ନୁ ଚରଣ ଦଣ୍ଡସେନା ପ୍ରତିକ୍ରିୟା ଦେଇ କହିଛନ୍ତି ଏହି ନିୟମିତ ଜଳସେଚନ ସୁବିଧା ମିଳିବା ଦ୍ୱାରା କେବଳ ଖରିଫ ଋତୁରେ ନୁହେଁ, ବରଂ ରବି ଋତୁରେ ମଧ ଚାଷୀମାନେ ବିଭିନ୍ନ ଫସଲ ଓ ପନିପରିବା ଚାଷ କରିବାକୁ ଉତ୍ସାହିତ ହୋଇଛନ୍ତି। ଏହାଦ୍ୱାରା ସ୍ଥାନୀୟ କୃଷକଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ହେବା ସହ ଅଞ୍ଚଳର କୃଷି କ୍ଷେତ୍ରରେ ପରିବର୍ତ୍ତନ ଆସିବ ବୋଲି ଆଶା ପ୍ରକାଶ ପାଇଛି।

# ଇବ ନଦୀ ପ୍ରଦୂଷଣ ଓ ଭୂତଳ ଜଳ ଉତ୍ତୋଳନ ଅଭିଯୋଗ: ଯାଞ୍ଚ ପାଇଁ ଏନଜିଟି ଗଠନ କଲେ ଯୁଗ୍ମ କମିଟି

ଝାରସୁଗୁଡ଼ା,୨୦/୦୮ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାର ଜୀବନରେଖା ଇବ ନଦୀର ପ୍ରଦୂଷଣ ଓ ଶିଳ୍ପ ସଂସ୍ଥା ପକ୍ଷରୁ କଥିତ ବେଆଇନ୍ ଭୂତଳ ଜଳ ଉତ୍ତୋଳନ ଅଭିଯୋଗକୁ ନେଇ ଜାତୀୟ ସବୁଜ ଟ୍ରିବ୍ୟୁନାଲ (ଏନଜିଟି)ର ପୂର୍ବାଞ୍ଚଳ ବେଞ୍ଚ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଓ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ନେଇ ଏକ ଯୁଗ୍ମ କମିଟି ଗଠନ କରାଯାଇଛି। ଝାରସୁଗୁଡ଼ା ସଦର ବ୍ଲକର ମରାକୁଟାସ୍ଥିତ ଓଡ଼ିଶା ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ୍ ବିରୋଧରେ ଦିଗମ୍ବର ଭୋଇ ଏନ୍‌ଜିଟିରେ ମାମଲା ଦାୟର କରିଥିଲେ। ଆବେଦନରେ ଅଭିଯୋଗ କରାଯାଇଛି ଯେ, ଗ୍ରୀଷ୍ମ ଋତୁରେ କମ୍ପାନୀ ୫୦ରୁ ଅଧିକ ହାଇପାୱାର ବୋର୍ୱେଲ୍ ମାଧ୍ୟମରେ ବ୍ୟାପକ ଭାବେ ଭୂତଳ ଜଳ ଉତ୍ତୋଳନ କରୁଛି। ଏଥିସହ ବର୍ଷାଜଳ ଅମଳ ପ୍ରକଳ୍ପର ଉପଯୋଗ ନକରି ଇବ ନଦୀରୁ ଅତ୍ୟଧିକ ପରିମାଣର ଜଳ ସଂଗ୍ରହ କରାଯାଉଥିବା ମଧ ଆବେଦନରେ ଦର୍ଶାଯାଇଛି। ଏହା ଫଳରେ ନଦୀର ସ୍ୱାଭାବିକ ଜଳପ୍ରବାହ ପ୍ରଭାବିତ ହେବା ସହ ସ୍ଥାନୀୟ ଅଞ୍ଚଳର ଜଳ ଆବଶ୍ୟକତା ଉପରେ ଗମ୍ଭୀର ପ୍ରଭାବ ପଡୁଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ, ପରିବେଶ ମଞ୍ଜୁରୀର ସର୍ତ୍ତ ଅନୁଯାୟୀ କର୍ପୋରେଟ୍ ଏନଭାରଂଟ ରେସପନ୍ସିବିଲିଟି (ସିଇଆର୍) ବାବଦରେ ୨୦୨୪-୨୫ ଓ ୨୦୨୫-୨୬ ଦୁଇ ବର୍ଷରେ ପ୍ରାୟ ୧୫ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିଲେ ମଧ ତାହା ଖର୍ଚ୍ଚ କରାଯାଇନଥିବା ଆବେଦନକାରୀ ଅଭିଯୋଗ କରିଛନ୍ତି। ମାମଲାର ଗମ୍ଭୀରତାକୁ ବିଚାରକୁ ନେଇ ଏନଜିଟିର ବିଚାରପତି ନ୍ୟାୟମୂର୍ତ୍ତି ଅରୁଣ କୁମାର ତ୍ୟାଗୀ, ବିଶେଷଜ୍ଞ ସଦସ୍ୟ ଡ. ଏ. ସେନ୍ଥିଲ ଭେଲ୍ ଓ ଈଶ୍ୱର ସିଂହଙ୍କୁ ନେଇ ଗଠିତ ବେଞ୍ଚ ଅଭିଯୋଗଗୁଡ଼ିକର ଯାଞ୍ଚ ପାଇଁ ଯୁଗ୍ମ କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି।

# ବ୍ରହ୍ମପୁର ଡକ୍ଟର୍ସ ଫୋରମର ବୈଠକ

ଗଂଜାମ,୨୦/୦୮ (ନି.ପ୍ର): ବାବାଜୀ ତୋଟା ସାହି ସ୍ଥିତ ଜେ ବି ପ୍ରାଙ୍ଗଣ ଠାରେ ଡକ୍ଟର୍ସ ଫୋରମ୍ ପକ୍ଷରୁ ଏକ ବୌଦ୍ଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ଼ା ଶଙ୍କର୍ଷଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫୋରମର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଫୋରମ୍ ସଭାପତି ତଥା ବରିଷ୍ଠ ଅସ୍ଥି ଶଲ୍ୟ ବିଶାରଦ ଡ଼ା ଶଙ୍କର୍ଷଣ ପାତ୍ର ଅଷ୍ଟିଓଆର୍ଟିକୁଲାର ଡିଜିଜ ବିଷୟରେ ସ୍ଲାଇଡ ମାଧ୍ୟମରେ ଏହି ରୋଗର ନିଦାନ ଚିକିତ୍ସା ଓ ପ୍ରତିଷେଧ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇ ଥିଲେ। ଏବଂ ସଦସ୍ୟ ମାନଙ୍କ ପ୍ରଶ୍ନୋତ୍ତର ର ସଠିକ୍ ଭାବେ ଉତ୍ତର ଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଜୁ ପଟ୍ଟନାୟକ ହୋମିଓପାଥି କଲେଜ ଅଧ୍ୟକ୍ଷା ଡ଼ା ଗୀତାଞ୍ଜଳି ପଟ୍ଟନାୟକ ଉପସ୍ଥିତ ଥିଲେ।ସମ୍ପାଦକ ଡ଼ା ଅତୁଲ୍ୟ କୁମାର ପଟ୍ଟନାୟକ ଫୋରମ୍ ର ବିଗତ ଦିନରେ ହୋଇଥିବା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଏହି ମାସରେ ଜନ୍ମିତ ଫୋରମ୍ ସଦସ୍ୟ ମାନଙ୍କ ଦୀର୍ଘଜୀବନ କାମନା କରି ତିନିଥର ତ୍ରୟମ୍ବକେ ମନ୍ତ୍ର ଜପ କରାଯାଇଥିଲା। କୁଆସନ୍ତା ସେପଟେମ୍ବର ମାସରେ ଆୟୁର୍ବେଦିକ ଚିକିତ୍ସା କୁ ଭାରତୀୟ ଚିକିତ୍ସାର ମାନ୍ୟତା ପ୍ରଦାନ କରିବା ପାଇଁ ବିଶ୍ୱ ଆୟୁର୍ବେଦ ପରିଷଦ ପକ୍ଷରୁ କରାଯାଇଥିବା ପ୍ରୟାସ କୁ ପ୍ରଶଂସା କରିବା ସହ ଜିଲ୍ଲା ପାଳ ଙ୍କ ମାଧ୍ୟମରେ ଭାରତର ରାଷ୍ଟ୍ରପତି ଙ୍କୁ ଫୋରମ୍ ପକ୍ଷରୁ ସ୍ମାରକ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଶେଷରେ ଫୋରମ୍ ର ଉପ ସଭାପତି ଡ଼ା ସିଧନାଥ କର ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧକ୍ଷ ଡ଼ା ସମରେନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଫୋରମ୍ ର ସହ ସମ୍ପାଦକ ଡ଼ା କିରନ୍ ପାଣିଗ୍ରାହୀ, ଡ଼ାବିପିନ ବିହାରୀ ସାହୁ,ଡ଼ା ପ୍ରଶାନ୍ତ ପଣ୍ଡା, ଡ଼ା ରାଜେନ୍ଦ୍ର ତ୍ରିପାଠୀ,ଡ଼ା ଗାନ୍ଧୀ ଚୌଧୁରୀ, ଡ଼ା ଲିଲିମା ଦାସ, ଡ଼ା ରେଣୁବାଳା ଶତପଥୀ, ଡ଼ା ପ୍ରସନ କର, ଡ଼ା ଅନୀଲ କୁମାର ନାୟକ, ଡ଼ା ସଂସ୍କୃତି ସାହୁ, ଡ଼ା ଦେବୀ ପ୍ରସାଦ ପଟନାୟକ, ଡ଼ା ଟି ଅଜୟ କୁମାର ପାତ୍ର ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମ ବନ୍ଦେ ମାତରଂ ବନ୍ଦନା ଗାନ ସହ ଆରମ୍ଭ ହୋଇ ରାଷ୍ଟ୍ରୀୟ ସଙ୍ଗୀତ ପରିବେଷଣ ରେ ସମାପ୍ତ ହୋଇଥିଲା।

# ନିଶାମୁକ୍ତି ଓ ଆତ୍ମସୁରକ୍ଷା ସଚେତନତା

ନୂଆପଡ଼ା,୨୦/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଶକ୍ତିଶ୍ରୀ ବିଭାଗ ପକ୍ଷରୁ ପ୍ରଜାପତି ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ନିଶାମୁକ୍ତି ଓ ଆତ୍ମସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବି.କେ. ସୂର୍ଯ୍ୟକାନ୍ତି ଭଉଣୀ ଯୋଗଦେଇ ନିଶାମୁକ୍ତ ଜୀବନର ଗୁରୁତ୍ୱ ଏବଂ ଯୁବ ସମାଜକୁ ନିଶାର କୁପ୍ରଭାବରୁ ଦୂରେଇ ରଖିବାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ।

# ସତୀଗୁଡ଼ା ଡ୍ୟାମ୍ ନିକଟରୁ ଅଜଗର ମୃତଦେହ ଜବତ: ଜଣେ ଗିରଫ

ଭୁବନେଶ୍ୱର,୨୦/୦୮ (ନି.ପ୍ର): ବିଧର୍ମ ଚକ୍ର ବିଦାରକ ଦକ୍ଷ ମହାରଥ ବେଦାନ୍ତ କେଶରୀ ରାଷ୍ଟ୍ରସନ୍ଥ ବ୍ରହ୍ମଲୀନ ପୂଜ୍ୟ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକ ମହୋତ୍ସବର ଉଦ୍ଘାଟନ କାର୍ଯ୍ୟକ୍ରମ ଆସନ୍ତା ଶ୍ରାବଣ ଶୁକ୍ଳ ନବମୀ ତିଥି , ଅଗଷ୍ଟ ୨୧ ତାରିଖରେ ପାଳନ କରାଯିବ । ଆସନ୍ତା ବର୍ଷ ୨୦୨୭ ନଭେମ୍ବର ପର୍ଯ୍ୟନ୍ତ ସାରା ଭାରତରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହେବ । ଓଡିଶାର ୨୫ ହଜାର ସ୍ଥାନରେ ମହୋତ୍ସବ ପାଳନ ହେବ ବୋଲି ମହୋତ୍ସବ ସମିତି ତରଫରୁ ବୁଧବାର ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ବିଷୟ ପ୍ରକାଶ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ସଂଗଠନର ଅଧ୍ୟକ୍ଷ ସ୍ୱାମୀ ଜୀବନମୁକ୍ତାନନ୍ଦପୁରୀ ଏବଂ ସଂଯୋଜକ ବିନୟ କୁମାର ଭୂୟାଁ ପ୍ରକାଶ କରିଛନ୍ତି ଯେ, ଅଗଷ୍ଟ ୨୧ ତାରିଖ ଦିନ ତାଳଚେରର ଗୁରୁଜଙ୍ଗା ଠାରେ ଏହି କାର୍ଯ୍ୟକ୍ରମର ଉଦ୍ଘାଟନ ହେବ । ଉଦ୍ଘାଟନୀ କାର୍ଯ୍ୟକ୍ରମରେ କଳସ ଶୋଭାଯାତ୍ରା, ଗୋ ପୂଜନ, ଯଜ୍ଞ, ନଗର ପରିକ୍ରମା, ଧର୍ମସଭା, ପ୍ରସାଦ ସେବନ, ଶତାବ୍ଦୀ କାର୍ଯ୍ୟକର୍ତ୍ତାଙ୍କ ବୈଠକ, ସଂଧ୍ୟାରେ ଗାଆଁର ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଭଜନ ସଂଧ୍ୟା, ନୃତ୍ୟ, ପାଲା ଓ ପୂଜ୍ୟ ସନ୍ଥମାନଙ୍କ ଦ୍ୱାରା ପ୍ରବଚନ ପ୍ରଦାନ ଏବଂ ସ୍ୱାମୀଜୀଙ୍କ ଜୀବନାଦର୍ଶ ସମ୍ପର୍କିତ ପ୍ରଦର୍ଶନୀ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ସନ୍ଥ ବ୍ରହ୍ମାନନ୍ଦ ସରସ୍ୱତୀ, ସଚ୍ଚିଦାନନ୍ଦ ମହାରାଜ, ଶିବଦାସ ବାବା, ସ୍ମୃତି ସାଗର ମହାରାଜ,ଜୀବନ ଚୈତନ୍ୟ ମହାରାଜ, ସଚ୍ଚିଦାନନ୍ଦ ଦାସ ମହାରାଜ, ବାବାଜୀ ବିଶ୍ୱନାଥ ଦାସ, ଶରଧାନନ୍ଦ ସରସ୍ୱତୀ, ଅବିନାଶ ବାବା ତଥା ଅନ୍ୟସାଧୁସନ୍ଥଗଣ ଉପସ୍ଥିତ ରହିବେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କ୍ଷେତ୍ର କାର୍ଯ୍ୟବାହ ଦୁର୍ଗା ପ୍ରସାଦ ସାହୁ ତଥା ରାଜ୍ୟର ଅନ୍ୟ ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ରହି ମାର୍ଗ ଦର୍ଶନ କରିବେ । ଏହାପରେ ଅଗଷ୍ଟ ୨୩ ବଳିଦାନ ଦିବସ ତାରିଖରୁ ସେପଟେମ୍ବର ୪ ବଳିଦାନ ତିଥି ଜନ୍ମାଷ୍ଟମୀ ପର୍ଯ୍ୟନ୍ତ ଗାଆଁ ଓ ବସ୍ତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବ । ଅକ୍ଟୋବର ୨୦୨୬ରେ ଚକାପାଦରେ ସଂସ୍କୃତ ସମ୍ମିଳନୀ, ଜଲେଶପଟ୍ଟାରେ ମହିଳା ସମ୍ମିଳନୀ ଏବଂ ନଭେମ୍ବରରେ ସମ୍ବଲପୁରରେ ପ୍ରଥମ ମହାସମ୍ମିଳନୀ, ବ୍ରହ୍ମପୁରରେ ଦ୍ୱିତୀୟ ଓ ଭୁବନେଶ୍ୱରରେ ତୃତୀୟ ମହାସମ୍ମିଳନୀ ଅନୁଷ୍ଠିତ ହେବ । ଏହା ବ୍ୟତୀତ ଭାରତର ପ୍ରମୁଖ ସ୍ଥାନ ହରିଦ୍ୱାର, ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, ହାଇଦ୍ରାବାଦ ଓ କଲିକତାରେ ମହା ସମାବେଶମାନ ଆୟୋଜନ ହେବ। ୨୦୨୭ ଜାନୁୟାରୀରୁ ଅପ୍ରେଲ ପର୍ଯ୍ୟନ୍ତ ପ୍ରତି ଗାଆଁ ଓ ବର୍ଷରେ ସନ୍ଥମାନଙ୍କ ଦ୍ୱାରା ଜାଗରଣ ଯାତ୍ରା, ଅପ୍ରେଲ ଓ ମଇ ମାସରେ ବ୍ଲକ ଓ ସହର ମାନଙ୍କରେ ବିଶାଳ ହିନ୍ଦୁ ସମ୍ମିଳନୀମାନ ଆୟୋଜନ କରାଯିବ । ଜଣେ ସନ୍ନ୍ୟାସୀ ହୋଇ ସୁଦ୍ଧା ମୋକ୍ଷପାଇଁ ସାଧନାର ମାର୍ଗ ତ୍ୟାଗକରି ଦେଶ ଓ ସମାଜ ସେବାରେ ନିଜକୁ ସମର୍ପଣ କରି ଧର୍ମରକ୍ଷା ପାଇଁ ବଳିଦାନ ଦେଇଥିଲେ ବୋଲି ସ୍ୱାମୀ ଜୀବନମୁକ୍ତାନନ୍ଦପୁରୀ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ସେ କହିଥିଲେ ସ୍ୱାମୀଜୀ ୧୪ ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିଲେ। ୧୯୬୨ ଚୀନ ସହ ଯୁଦ୍ଧ ଏବଂ ୧୯୬୫ରେ ପାକିସ୍ତାନ ସହ ଯୁଦ୍ଧ ସମୟରେ ଯୁଦ୍ଧ ପୀଡିତଙ୍କର ସେବାରେ ନିଜକୁ ସମର୍ପିତ କରିଥିଲେ । ତାଙ୍କ ପ୍ରୟାସ ଓ ପ୍ରେରଣାରେ ଦୁଇଟି ସଂସ୍କୃତ ବିଦ୍ୟାଳୟ ଓ ଦୁଇଟି ମହାବିଦ୍ୟାଳୟ କନ୍ଧମାଳରେ ଏବଂ ଗୋଟିଏ ଉଚ୍ଚ ବିଦ୍ୟାଳୟ ତୁଳସୀପୁରରେ ସ୍ଥାପିତ ହୋଇଥିଲା। ମହିଳାଙ୍କ ପାଇଁ ରାତ୍ରୀ ପାଠଶାଳା କନ୍ଧମାଳରେ ଆରମ୍ଭ କରିଥିଲେ । ଯୋଗ ଓ ବ୍ୟାୟମ ଉପରେ ଗୁରୁତ୍ୱ ଆରୋପ କରିବା ସହ କନ୍ଧମାଳର କଟିଙ୍ଗିଆରେ ଆୟୁର୍ବେଦ ସ୍ୱାସ୍ଥ୍ୟ କେନ୍ଦ୍ର, ରାୟଗଡାରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବି ସ୍ଥାପନ କରିଥିଲେ । ନିଜେ ଜୈବିକ କୃଷି ଓ ଗୋପାଳନ କରିବା ସହିତ ସ୍ଥାନୀୟ ଲୋକମାନଙ୍କୁ ପ୍ରଶିକ୍ଷଣ ଦେଉଥିଲେ । ଛୋଟଛୋଟ ଚେକ୍ ଡ୍ୟାମ କରି ଜଳସେଚନର ବ୍ୟବସ୍ଥା କରାଇଥିଲେ।

# ଛତାମଖନାରେ ସ୍ୱାଧିନତା ସଂଗ୍ରାମୀ ଯୁଧିଷ୍ଠିର ମିଶ୍ରଙ୍କ ଜୟନ୍ତୀ ପାଳିତ

ବଲାଙ୍ଗିର,୨୦/୦୮ (ନି.ପ୍ର): ନିଜ ଜନ୍ମମାଟି ଛତାମଖନାରେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପ୍ରଜା ଆନ୍ଦୋଳନର ପୁରୋଧା ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କ ଜୟନ୍ତୀ ସମାରୋହ ନରସିଂହ ସେନା ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତି ସଭାରେ ଯୁଧିଷ୍ଠିର ମିଶ୍ରଙ୍କ ସ୍ୱାଧିନତା ସଂଗ୍ରାମୀ ଅବଦାନ ଓ ସାଧାରଣ ଲୋକଙ୍କ ଅଧିକାର ଓ ସାମାଜିକ ନ୍ୟାୟ ପାଇଁ ତାଙ୍କ ସଂଘର୍ଷକୁ ସ୍ମରଣ କରାଯାଇଥିଲା । ସଭାରେ ମୁଖ୍ୟ ଅତିଥି ନରସିଂହ ସେନା ସଭାପତି ଶୁଭ୍ରାଂଶୁ ପଣ୍ଡା କହିଥିଲେ ଯୁଧିଷ୍ଠିର ମିଶ୍ର କେବଳ ଜଣେ ସ୍ୱାଧିନତା ସଂଗ୍ରାମୀ ନୁହନ୍ତି ସେ ଥିଲେ ନିଜର ମାଟି ଓ ମାଟିର ମଣିଷମାନଙ୍କ ପାଇଁ ସମର୍ପିତ ଜନନେତା । ତାଙ୍କ ଦେଶପ୍ରେମ, ତ୍ୟାଗ ଓ ନ୍ୟାୟ ପାଇଁ ସଂଘର୍ଷ ସଦାବେଳେ ଅଭିସ୍ମରଣୀୟ । ଜନ୍ମ ମାଟିରେ ତାଙ୍କ ଜୟନ୍ତୀ ପାଳନ କରିବା କେବଳ ଏକ ସ୍ମୃତି ଚାରଣ ନୁହେଁ ତାଙ୍କ ସ୍ୱପ୍ନର ସାମାଜିକ ଚିନ୍ତାଧାରା ଓ ଜନସେବାର ଆଦର୍ଶକୁ ଆଗକୁ ନେଇବାର ଏକ ସଂକଳ୍ପ । ନରସିଂହ ସେନାର କର୍ମକର୍ତ୍ତା ଓ ସଦସ୍ୟମାନେ ଯୁଧିଷ୍ଠିର ମିଶ୍ରଙ୍କ ସ୍ମୃତିଚାରଣ କରି ତାଙ୍କ ଆଦର୍ଶକୁ ଆଗେଇ ନେବା ସହ ସମାଜର ଅବହେଳିତ ନିସ୍ପେଷିତ ବର୍ଗଙ୍କ ଅଧିକାର ପାଇଁ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ । କାର୍ଯ୍ୟକ୍ରମ ରେ ଛତାମଖନା ତଥା ଆଖପାଖ ର ବହୁ ସଂଖ୍ୟକ ମାନ୍ୟଗନ୍ୟ ବ୍ୟକ୍ତି, ବୁଦ୍ଧିଜିବୀ, ଯୁବକ ଓ ସ୍ଥାନୀୟ ବାସିନ୍ଦା ଯୋଗ ଦେଇ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ଯୁଧିଷ୍ଠିର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବାଲେଶ୍ୱର ଉତ୍ତର ଓଡ଼ିଶା ବିକାଶ ଫୋରମ୍‌ରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ



ବାଲେଶ୍ୱର, ୨୦/୮ (ନି.ପ୍ର): ବାଲେଶ୍ୱର ଉତ୍ତର ଓଡ଼ିଶା ବିକାଶ ଫୋରମ ସଭାପତି ବିଭୂପଦ ଦାସଙ୍କ ସଭାପତିତ୍ୱରେ ୮୦ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଭାପତି ବିଭୂପଦ୍ ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜାତୀୟ ସଙ୍ଗୀତ ଗାନ କରିବା ସଙ୍ଗେ ସଙ୍ଗେ ବନ୍ଦେ ମାତରମ୍ ବୁଲିଥିଲେ । ସମ୍ପାଦକ ତପନ କୁମାର ପତି, ପ୍ରତ୍ୟୁଷ କୁମାର ଘୋଷ, ବୈଲୋଚନ ଦାସ, ସରୋଜ କୁମାର ପଣ୍ଡା, ସାହି ରୁଲ ହକ୍ , ପ୍ରଶାନ୍ତ ପଣ୍ଡା, କମଳା କାନ୍ତ ନାୟକ, ଉତ୍ପଳ ମହାପାତ୍ର, ଅସିତ୍ କୁମାର ଜୋସେଫ୍, ମନୋଜ୍ କୁମାର ଖଟୁଆ , ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରମୁଖ ଉପସ୍ଥିତ ଥିଲେ । ସଭାପତି ବିଭୂପଦ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ ବହୁତ୍ ମହାପୁରୁଷ ନିଜ ଜୀବନକୁ ବଳିଦାନ ଦେଇ ଦେଶକୁ ସ୍ୱାଧୀନ କରାଇଥିଲେ । ତେଣୁ ସେହି ମହାପୁରୁଷଙ୍କ ନିକଟରେ ପ୍ରଣାମ ଜଣାଇ ଥିଲେ। ମହାପୁରୁଷ ମାନେ ଦେଖାଇଥିବା ରାସ୍ତା ରେ ଚାଲିବା ପାଇଁ ପରାମର୍ଶ ଦେବା ସହ ଆମ ମାତୃଭୂମି ପାଇଁ କିଛି କାମ କରିବା ପାଇଁ ଚେଷ୍ଟା କରିବା ଉଚିତ୍ ବୋଲି କହିଥିଲେ। ସମ୍ପାଦକ ତପନ କୁମାର ପତି ତାଙ୍କ ବକ୍ତବ୍ୟରେ କହିଥିଲେ ଉତ୍ତର ଓଡ଼ିଶା ବିକାଶ ଫୋରମ୍ ର ସମସ୍ତ ସଭ୍ୟ ସଭ୍ୟା ଉପସ୍ଥିତ ରହି ସ୍ୱାଧୀନତା ଦିବସ ପାଳନ କରୁଥିବା ରୁ ଧନ୍ୟବାଦ ଓ ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ । ଆମ ଦେଶ ବହୁତ ଉନ୍ନତି ହୋଇଛି ଆଗକୁ ବଢ଼ିଛି , ତେଣୁ ଆମେ ସମସ୍ତେ ସମ ମନ ଭାବ ରଖି ଉତ୍ତର ଓଡ଼ିଶା ବିକାଶ ଫୋରମ୍ ରେ କାମ କରିବା କୁ ବିକାଶ ଫୋରମ୍ କୁ ଆଗକୁ ନେଇ ଦେଶ ମା ମାଟିର ଉନ୍ନତି ପାଇଁ କାର୍ଯ୍ୟ କରିବାକୁ କହିଥିଲେ । ଅନ୍ୟ ସମସ୍ତ ସଭ୍ୟ ସଭ୍ୟା ସ୍ୱାଧୀନତା ଦିବସ ବିଷୟରେ ବର୍ଣ୍ଣନା କରିଥିଲେ।୮୦ ତମ ସ୍ୱାଧୀନତା ଦିବସ ର ପତାକା ଉତ୍ତୋଳନ ରେ ଉତ୍ତର ଓଡ଼ିଶା ବିକାଶ ଫୋରମ୍ ର ସମସ୍ତ ସଭ୍ୟ ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।

## କମିଲା ସୁନା ଓ ରୂପା ଦର

ନୂଆଦିଲ୍ଲୀ, ୨୦/୮ (ନି.ପ୍ର): ଦେଶର ସରାଫା ବଜାରରେ ଆଜି ପ୍ରାରମ୍ଭିକ କାରବାର ସମୟରେ ଦର ହ୍ରାସ ଧାରା ଦେଖାଯାଉଛି। ଦେଶର ଅଧିକାଂଶ ସରାଫା ବଜାରରେ ଆଜି ସୁନାର ଦର ପ୍ରତି ୧୦ ଗ୍ରାମରେ ୮୭୦ ଟଙ୍କାରୁ ୯୪୦ ଟଙ୍କା ପର୍ଯ୍ୟନ୍ତ ଶସ୍ତା ହୋଇଛି। ସେହିପରି ରୁପା ଦରରେ ମଧ୍ୟ ଆଜି ପ୍ରତି କିଲୋଗ୍ରାମରେ ୫,୦୦୦ ଟଙ୍କା ପର୍ଯ୍ୟନ୍ତ ହ୍ରାସ ରେକର୍ଡ କରାଯାଇଛି। ଦରରେ ଏହି ପରିବର୍ତ୍ତନ ଯୋଗୁଁ ଦେଶର ଅଧିକାଂଶ ସରାଫା ବଜାରରେ ଆଜି ୨୪ କ୍ୟାରେଟ୍ ସୁନା ପ୍ରତି ୧୦ ଗ୍ରାମରେ ୧,୫୪,୯୬୦ ଟଙ୍କାରୁ ୧,୫୫,୧୧୦ ଟଙ୍କା ମଧ୍ୟରେ କାରବାର କରୁଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କଏଦୀ ଚମ୍ପଟ ପରେ...

ଦୁଇ ଦୁର୍ଦ୍ଦାନ୍ତ ଅପରାଧୀ ରାଜା ସାହାଣୀ ଓ ମଧୁକାନ୍ତ କୁମାର ଚୌଦ୍ୱାର ଜେଲ୍‌ରୁ ଫେରାର୍ ଘଟଣାରେ ସରକାରୀ ଦସ୍ତାବିଜ୍ ଜାଲିଆତି ଅଭିଯୋଗରେ ଜେଲ୍ ଅଧୀକ୍ଷକ ସୁଜିତ୍ ରାହୁଲଙ୍କ ବିରୋଧରେ ଅଭିଯୋଗ କରିଥିଲେ ତତ୍କାଳୀନ ଜେଲର। ଗତବର୍ଷ ଅକ୍ଟୋବର ୧,୨ ଓ ୩ ତାରିଖର ଜେଲ୍ ଗେଟ୍ ପ୍ରବେଶ ଓ ପ୍ରସ୍ଥାନ ରେଜିଷ୍ଟରରେ ଜାଲିଆତି ହୋଇଥିଲା। ସେହି ୩ଦିନ ଅଧୀକ୍ଷକ ଡ୍ୟୁଟି କରିଥିବା ଦର୍ଶାଇଥିଲେ ବି ପ୍ରକୃତରେ ସେ ନଥିଲେ। ୧ ଓ ୨ ତାରିଖରେ କିଛି ସମୟ ପାଇଁ ଆସି ବ୍ୟକ୍ତିଗତ କାମରେ ଖୋର୍ଦ୍ଧା ପଳାଇଥିବା ଅଭିଯୋଗ ହୋଇଥିଲା। ତାଙ୍କ ଅନୁପସ୍ଥିତିରେ ତତ୍କାଳୀନ ଜେଲର ସନ୍ତୋଷିନୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ମିନିଟ୍ ବୁକ୍‌ରେ ସୁଜିତ୍ ଦର୍ଶାଇଥିଲେ। ଏପରିକି ଜେଲରଙ୍କ ଦସ୍ତଖତ ଜାଲ୍ କରିଥିବା ଅଭିଯୋଗ ହୋଇଥିଲା। ଆଉ ଏବେ ଚୌଦ୍ୱାର ଜେଲ୍ ମିନିଟ୍ ବୁକ୍ ଗାଏବ୍ ନେଇ ରିପୋର୍ଟ, ଅଧୀକ୍ଷକଙ୍କ ଅଡୁଆ ବଢ଼ାଇଛି। ଚୌଦ୍ୱାର ଜେଲ୍‌ରେ ସତରେ ଚାଲିଛି କ'ଣ? ସୁନା ଚୋରି, କଏଦୀ ଚମ୍ପଟ ମାରିବା ଏବଂ ମିନିଟ୍ ବୁକ୍ ହଜିଯିବା ପରେ ସନ୍ଦେହଘେରରେ ଜେଲ୍ ଅଧୀକ୍ଷକ।

### ଡ୍ରାଇଭରଙ୍କ ଉପରେ ଆକ୍ସନ୍ ...

କ'ଣ ପାଇଁ ମାଷ୍ଟରକ୍ୟାଣ୍ଟିନ ଛକରେ ରାସ୍ତା ଅବରୋଧ କରିଥିଲେ ? କାହିଁକି ସେଠାକୁ ଯାଇଥିଲେ ? ସରକାରୀ ସମ୍ପତ୍ତି କାହିଁକି ନଷ୍ଟ କଲେ ? ରାସ୍ତା ଉପରେ ଗାଡ଼ି ଛାଡ଼ିକି କାହିଁକି ଯାଇଥିଲେ ? ସାଧାରଣ ଲୋକଙ୍କ ଗମନାଗମନରେ କାହିଁକି ବାଧା ସୃଷ୍ଟି କରିଥିଲେ ଏସବୁର ତଥ୍ୟ ଓ ଗାଡିର ପ୍ରମାଣ ପତ୍ର ସହ ଆରଟିଓ କୋର୍ଟରେ ହାଜର ହେବାକୁ କୁହାଯାଇଛି। ସେପଟେ ସାମ୍ନାକୁ ଆସିଛନ୍ତି ଡ୍ରାଇଭର ମହାସଂଘର ସଭାପତି ପ୍ରଶାନ୍ତ ମେଣ୍ଡୁଲି। କହିଛନ୍ତି, ନିର୍ଦ୍ଦୋଷ ଡ୍ରାଇଭରଙ୍କୁ ତୁରନ୍ତ ଛାଡି ଦିଆଯାଉ। ନହେଲେ ଆନ୍ଦୋଳନକୁ ଓହ୍ଲାଇବ ଡ୍ରାଇଭର ମହାସଂଘ।

### ଗାଁରେ ମିଳିବ ସହରୀ...

ଆଉ ଏହାକୁ ନେଇ ରାଜନୀତିର ଗନ୍ଧ ବାରିଛନ୍ତି । ଆଉ କେଇ ମାସ ପରେ ବାଜିବ ପଂଚାୟତ ନିର୍ବାଚନର ବିଗୁଲ। ଏବେଠୁ ଗ୍ରାମାଂଚଳର ଭୋଟରଙ୍କ ମନ କିଣିବାକୁ ମେଗା ପ୍ଲାନ ପ୍ରସ୍ତୁତ କରିଛି ପଂଚାୟତିରାଜ ବିଭାଗ । ଗାଁରେ ମିଳିବ ସହରୀ ସୁବିଧା। ଗ୍ରାମ ସମ୍ପଦ କାର୍ଯ୍ୟକ୍ରମ ଆଣିବ ପଞ୍ଚାୟତିରାଜ ବିଭାଗ। ପଞ୍ଚାୟତର ବିକାଶ ପାଇଁ ବର୍ଷକୁ ମିଳିବ ପ୍ରାୟ ୩ କୋଟି ଟଙ୍କା। ସହର ପରି ଗାଁରେ ଆସେଟ ତିଆରି କରିବେ ରାଜ୍ୟ ସରକାର। ଏହି କାର୍ଯ୍ୟକ୍ରମ ଅଧୀନରେ ଆଦର୍ଶ କଲ୍ୟାଣ ମଣ୍ଡପ, ଆଦର୍ଶ ଗ୍ରାମୀଣ ପାର୍କ, ଆଦର୍ଶ ଗ୍ରାମୀଣ ହାଟ, ଆଦର୍ଶ ଖେଳ ପଡ଼ିଆ, ଆଦର୍ଶ ପୋଖରୀ, ଆଦର୍ଶ ଶ୍ମଶାନ ନିର୍ମାଣ ହେବ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବା କାର୍ଯ୍ୟକ୍ରମ ଅଧୀନରେ ଆସୁଥିବା ଅର୍ଥକୁ ମିଳିତ ଭାବେ ମିଶାଇ ଗ୍ରାମୀଣ ଆସେଟ ତିଆରି କରାଯିବ । ଟଙ୍କା ଖର୍ଚ୍ଚ ହେବ। ଏ ନେଇ ରାଜ୍ୟ ସରକାର ଏସ୍ ?ଓପି ପ୍ରସ୍ତୁତ କରୁଥିବା କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ।ସରକାରଙ୍କ ଯୋଜନାକୁ ସ୍ୱାଗତ କରିଛନ୍ତି ବିରୋଧୀ ହେଲେ ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ କରିଛନ୍ତି । ବିଜେଡ଼ି କହିଛି, ପଞ୍ଚାୟତିରାଜ ବିଭାଗ ବଜେଟ୍ ଅର୍ଥ ଖର୍ଚ୍ଚ କରିବାରେ ସବୁଠାରୁ ତଳେ। କଥା ଆଉ ବାସ୍ତବତା ଭିତରେ ବହୁ ପାର୍ଥକ୍ୟ।

### ହେଲଦି ଲାଇଫ୍ ଯୋଗ ...

ଗୁରୁତ୍ୱ ସମ୍ପର୍କରେ ସେ କଥା ରଖି ଥିଲେ । ହେଲଦିଲାଇଫ୍ ଭଳି ପ୍ରମୁଖ ଯୋଗ ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ଥିବାରୁ ଅନୁଷ୍ଠାନ ବେକାରୀ ସମସ୍ୟା ନିରାକରଣରେ ସହାୟକ ହୋଇପାରିଛି ବୋଲି ମତାମତ ରଖିଥିଲେ । ଯୋଗ ମହାବିଦ୍ୟାଳୟର ନିର୍ଦ୍ଦେଶକ ଡା ଚିତ୍ତରଂଜନ ସାହୁ ଏଥିରେ ଅଧକ୍ଷତା କରିବା ସହିତ ଏହି ଅନୁଷ୍ଠାନରେ ଭଲ ମଣିଷ ତିଆରି ପାଇଁ ଦୀର୍ଘ ବର୍ଷ ଧରି ପ୍ରୟାସ ଜାରି ରଖିଛି ବୋଲି କହିଥିଲେ । ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ମହାବିଦ୍ୟାଳୟରେ ଶିକ୍ଷାଦାନ କରାଯାଉଥିବା ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଡଃ ଅଭିଶେକ ଦାସ, ଅଧ୍ୟାପକ ଅନୀତା ମିଶ୍ର, ଅଧ୍ୟାପିକା କାନ୍ତିକ୍ରୀଷ୍ଣା ପାଣିଗ୍ରାହୀ ଶୈକ୍ଷିକ ପରିବେଶ ଓ ଶିକ୍ଷାଦାନର ଧାରା ସମ୍ପର୍କରେ ପ୍ରକାଶ କରିଥିଲେ । ଏହି ଅବସରରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଛାତ୍ର କ୍ଷଣପ୍ରଭା ଏହି ଉତ୍ସବରେ ସଭା ପରିଚାଳନାରେ ସହଯୋଗ କରିଥିଲେ, ଏମ୍.ଏ ଇନ୍ ଯୋଗା ୨ବର୍ଷ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ କରାଯାଇଥିଲା । ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

### ଚିନି ଦରରେ...

ବାକି ୯୮ ପ୍ରତିଶତ ଚିନି ଅନ୍ୟ ରାଜ୍ୟରୁ ଆମଦାନୀ ହେଉଛି । ଏଥିସହ ଇଥାନଲ୍ ପାଇଁ ମଧ୍ୟ ଚିନି ଦାମ୍ ବଢୁଥାଇପାରେ ବୋଲି କହିଛନ୍ତି ବ୍ୟବସାୟୀ ସଂଘ ସାଧାରଣ ସଂପାଦକ । ଇଥାନଲ ଉତ୍ପାଦନ ପାଇଁ ବହୁ ପରିମାଣର ଆଖୁ ଆବଶ୍ୟକ ପଡିଥାଏ। ଚିନି ମହଜୁଦକାରୀଙ୍କ ଉପରେ ବଡ଼ କଟକଣା ଲଗାଇଛନ୍ତି କେନ୍ଦ୍ର ସରକାର । ୧୫ ଦିନର ଆବଶ୍ୟକତାରୁ ଅଧିକ ଚିନି ରଖିପାରିବେନି ବୃହତ୍ ବ୍ୟବହାରକାରୀ। ମାସକୁ ୧୦ ଟନ୍‌ରୁ ଅଧିକ ଚିନି ବ୍ୟବହାର କରୁଥିବା ଉପଭୋକ୍ତାଙ୍କ ଉପରେ ଏହି କଟକଣା ଲାଗୁ ହେବ। ସଫ୍ଟ ଡ୍ରିଙ୍କ୍ ନିର୍ମାତା, ଖାଦ୍ୟ ପ୍ରକ୍ରିୟାକରଣ ସଂସ୍ଥା, ବଡ଼ ମିଠା ବ୍ୟବସାୟୀ ଏହାଦ୍ୱାରା ପ୍ରଭାବିତ ହେବେ ବୋଲି କୁହାଯାଉଛି । ଚିନିକଳଗୁଡ଼ିକ ଉପରେ କଡ଼ା ନଜର ରଖାଯିବ ।

### ପରୀକ୍ଷା ବାତିଲ୍ କରିଥିଲେ ସରକାର...

ଥିଲା ସରକାର ପରୀକ୍ଷା ବାତିଲ କରିବା ପୂର୍ବରୁ ପ୍ରଭାବିତ ପ୍ରାର୍ଥୀମାନଙ୍କୁ ନିଜ ପକ୍ଷ ରଖିବାର ସୁଯୋଗ ଦେଇନାହାନ୍ତି । ଅର୍ଥାତ୍, ପ୍ରାର୍ଥୀଙ୍କ କଥା ନଶୁଣି ସିଧାସଳଖ ପରୀକ୍ଷା ଏବଂ ପରବର୍ତ୍ତୀ ନିଯୁକ୍ତିକୁ ବାତିଲ କରାଯାଇଛି ବୋଲି ସେମାନେ କୋର୍ଟରେ ଦାବି କରିଥିଲେ । ସବୁଠାରୁ ବଡ଼ କଥା ହେଉଛି, ଏହି ପରୀକ୍ଷାରେ ସଫଳ ହୋଇ ଅନେକ ପ୍ରାର୍ଥୀ ଇତିମଧ୍ୟରେ ସରକାରୀ ଚାକିରିରେ ଯୋଗ ଦେଇସାରିଛନ୍ତି । ତେଣୁ ପରୀକ୍ଷା ବାତିଲ ହେଲେ ସେମାନଙ୍କ ଚାକିରି ମଧ୍ୟ ସଙ୍କଟରେ ପଡ଼ିବାର ଆଶଙ୍କା ରହିଥିଲା । ଜେଏସ୍ଏସ୍‌ସି-ସିଜିଏଲ୍ ପରୀକ୍ଷାକୁ ନେଇ ମଧ୍ୟ ଆବେଦନକାରୀମାନେ ଗୁରୁତ୍ୱପୂର୍ଣ୍ଣ ଯୁକ୍ତି ରଖିଥିଲେ । ସେମାନଙ୍କ କହିବା ଅନୁସାରେ, ହାଇକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ପାଳନ କରି ପରୀକ୍ଷାର ଫଳ ପ୍ରକାଶ କରାଯାଇଥିଲା ।

### ପ୍ରଧାନମନ୍ତ୍ରୀ ଫସଲ ବୀମା...

କଳାହାଣ୍ଡି, ପୁରୀ, ସୁବର୍ଣ୍ଣପୁର, ବରଗଡ଼, ଭଦ୍ରକ, ଗଜପତି, ଯାଜପୁର ଓ ଜଗତସିଂହପୁର ଜିଲ୍ଲାରେ କେବଳ ଋଣୀ ଚାଷୀମାନଙ୍କ ପାଇଁ ଉପଲବ୍ଧ ହେବ। ମାତ୍ର ଅବଶିଷ୍ଟ ଜିଲ୍ଲାଗୁଡ଼ିକରେ ଅନ୍ୟ ସମସ୍ତ ଯୋଗ୍ୟ ଚାଷୀଙ୍କ ପାଇଁ ବୀମା ପଞ୍ଜୀକରଣ ଉପଲବ୍ଧ ହେବ। ୨୦୨୬ ମସିହାର ଖରିଫ ଋତୁ ପାଇଁ ବିଜ୍ଞାପିତ ଅଞ୍ଚଳ ଓ ବିଜ୍ଞାପିତ ଫସଲ ଅନୁଯାୟୀ ଧାନ, ମକା, ଚିନାବାଦାମ, ମାଣ୍ଡିଆ, କପା, ହରଡ଼, ଅଦା ଏବଂ ହଳଦୀ ଭଳି ଫସଲଗୁଡ଼ିକୁ ବୀମା ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ କରାଯାଇଛି। ସମସ୍ତ ଯୋଗ୍ୟ ଋଣୀ, ଅଣ-ଋଣୀ ଏବଂ ଭାଗଚାଷୀ ଏହି ଯୋଜନାର ଲାଭ ଉଠାଇପାରିବେ। ଓଡ଼ିଶାର ଚାଷୀମାନେ ସର୍ବାଧିକ ୫ ଏକର ପର୍ଯ୍ୟନ୍ତ ଜମି ପାଇଁ ମାଗଣାରେ ଫସଲ ବୀମା ସୁବିଧା ପାଇପାରିବେ।

## ବାଲେଶ୍ୱର ବାରବାଟୀର ସମାଜସେବୀ ରଶ୍ମିତା ପ୍ରଧାନଙ୍କ ଶୋକସଭା



ବାଲେଶ୍ୱର , ୨୦/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାରବାଟୀ ର ସମାଜ ସେବୀ ରଶ୍ମିତା ପ୍ରଧାନଙ୍କ ଶୋକ ସଭା ପାଳିତ ହୋଇଯାଇଛି। ରଶ୍ମିତା ପ୍ରଧାନଙ୍କ ଜନ୍ମସ୍ଥାନ ସୁନହଟ ସେ ମହେଶ୍ୱର ପ୍ରଧାନଙ୍କ ଝିଅ ଥିଲେ । ସେ ବୈଦିକ ରୀତିରେ ଅମିତ୍ ପ୍ରଧାନଙ୍କୁ ବିବାହ କରିଥିଲେ। ତାଙ୍କର ଚିରଞ୍ଜୀବ ପ୍ରଧାନ ନାମକ ୧୪ ବର୍ଷୀୟ ଜଣେ ପୁତ୍ର ଅଛି । ରଶ୍ମିତା ପ୍ରଧାନଙ୍କ ଜନ୍ମ ୧୧/୧୨/୧୯୮୪ ଓ ମୃତ୍ୟୁ ୧୪/୦୮/୨୦୨୬ ।ରଶ୍ମିତା ପ୍ରଧାନ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ହୃତଘାତରେ ମୃତ୍ୟୁ ବରଣ କରିଥିଲେ। ସେ ଜଣେ ପରୋପକାରୀ ଦରଦୀ ମଣିଷ ଥିଲେ।ଏପରିକି ସେ ବ୍ଲୁମିଂ ବୋର୍ଡ ଶିକ୍ଷୟତ୍ରୀ ଭାବରେ ପାଠ ପଢ଼ାଉଥିଲେ । ବାରବାଟୀ ର ଜୟକୃଷ୍ଣ ସେନ ଙ୍କ ଘରେ ଭଡ଼ା ନେଇ ରହୁଥିଲେ । ସେ ଗରିବ ପିଲାଙ୍କୁ ମାଗଣା ପାଠ ପଢ଼ାଇବା ସଙ୍ଗେ ସଙ୍ଗେ ଗରିବ ଦୁଃଖିଙ୍କ କଥା ବୁଝୁଥିଲେ । ତେଣୁ ସ୍କୁଲରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ବହୁତ୍ ଭଲ ପାଉଥିଲେ । ଏପରିକି ବାରବାଟୀ ରେ ରଶ୍ମିତା ପ୍ରଧାନଙ୍କ ମୃତ୍ୟୁର ଶୋକ ସଭା ପାଳନ କରିଥିଲେ । ବାରବାଟୀ ଗ୍ରାମରେ ସମସ୍ତେ ବୁଦ୍ଧିଜୀବୀ, ଗୁଣିଜ୍ଞାନି ଲୋକ ଶୋକ ସଭା ପାଳନ କରିଥିଲେ। ସମସ୍ତେ ଗୋଟିଏ କଥା କହିଥିଲେ ରଶ୍ମିତା ଯେଉଁଠି ଥାନ୍ତୁ ଭଲରେ ରୁହନ୍ତୁ ।

## ବାରିପଦାରେ ଓରମାସ୍ ରାକ୍ଷୀ ଷ୍ଟଲ୍ ଉଦ୍‌ଘାଟିତ



ବାରିପଦା, ୨୦/୮ (ନି.ପ୍ର): ବାରିପଦାସ୍ଥିତ ବୟନିକା ବିକ୍ରୟ ଷ୍ଟୋର 'ମୟୂର ଶିଳ୍ପ' ପରିସରରେ ଆଜି 'ରାଖି ଷ୍ଟଲ୍-୨୦୨୬' ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ମୟୂରଭଞ୍ଜ ଦୁଃଖବନ୍ଧୁ ନାୟକ ଏହି ଷ୍ଟଲ୍‌ର ଉଦ୍‌ଘାଟନ କରିଥିଲେ । ମୟୂରଭଞ୍ଜର ସ୍ଥାନୀୟ କାରିଗରମାନଙ୍କ ହସ୍ତନିର୍ମିତ ଓ ପରିବେଶ ଅନୁକୂଳ ରାଖିକୁ ବ୍ୟାପକ ବଜାର ସୁଯୋଗ ପ୍ରଦାନ ସହ ମହିଳା କାରିଗରମାନଙ୍କ ଜୀବିକା ଓ ଆୟ ବୃଦ୍ଧି ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ପ୍ରକାଶ କରିଛନ୍ତି । ସ୍ଥାନୀୟ ସମ୍ବଳ, ପାରମ୍ପରିକ କାରିଗରୀ ଓ ମହିଳାଙ୍କ ଦକ୍ଷତାକୁ ବଜାର ସହ ଯୋଡ଼ିବା ମାଧ୍ୟମରେ ସେମାନଙ୍କ ଆତ୍ମନିର୍ଭରତା ସୁଦୃଢ଼ ହେବା ସହ ସ୍ଥାନୀୟ ଅର୍ଥନୀତି ମଧ୍ୟ ଅଧିକ ସୁଦୃଢ଼ ହେବ ବୋଲି ସେ ପ୍ରକାଶ କରିଛନ୍ତି । ମୟୂରଭଞ୍ଜ ସବାଇ କୃଷକ ଉତ୍ପାଦନ କମ୍ପାନୀ ଲିମିଟେଡ୍ ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ସଦସ୍ୟମାନଙ୍କ ସହଯୋଗରେ ଏହି ରାଖି ତିଆରି କରିଛି । ସାବାଇ, ଡୋକ୍ରା ଓ ବାଉଁଶ ଭଳି ପ୍ରାକୃତିକ ଓ ସ୍ଥାନୀୟ ସାମଗ୍ରୀରେ ନିର୍ମିତ ଏହି ରାଖିଗୁଡ଼ିକ ମୟୂରଭଞ୍ଜର ସମୃଦ୍ଧ କାରିଗରୀ ପରମ୍ପରା, ସୃଜନଶୀଳତା ଓ ସ୍ଥାନୀୟ ସମ୍ବଳର ସୁନ୍ଦର ସମନ୍ୱୟକୁ ପ୍ରତିଫଳିତ କରୁଛି । ଏହାଦ୍ୱାରା ସ୍ଥାନୀୟ କାରିଗରଙ୍କ ଉତ୍ପାଦକୁ ବଜାର ସହ ଯୋଡ଼ିବା, ବିକ୍ରୟ ସୁଯୋଗ ବୃଦ୍ଧି କରିବା ଏବଂ ମହିଳା କାରିଗରମାନଙ୍କୁ ନିଜ ଦକ୍ଷତାର ଉପଯୋଗ କରି ଅତିରିକ୍ତ ଆୟର ସୁଯୋଗ ପ୍ରଦାନ କରିବାର ଲକ୍ଷ୍ୟ ଏହି ପଦକ୍ଷେପ ଦ୍ୱାରା ପୂରଣ କରାଯାଇ ପାରୁଛି । ମୟୂରଭଞ୍ଜର ଏହି ହସ୍ତନିର୍ମିତ ରାଖିର ଚାହିଦା ଜିଲ୍ଲା ସୀମା ଅତିକ୍ରମ କରିଛି । ବାଲେଶ୍ୱର, ସମ୍ବଲପୁର, ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଓରମାସ୍ ମଧ୍ୟ ମୟୂରଭଞ୍ଜ ଓରମାସ୍ ନିକଟରୁ ଏହି ରାଖି ସଂଗ୍ରହ କରିଛନ୍ତି । ଏହା ମୟୂରଭଞ୍ଜର ରାଖି ପ୍ରସ୍ତୁତକାରୀ କାରିଗରମାନଙ୍କ ଉଚ୍ଚମାନର କାରିଗରୀ ଦକ୍ଷତା, ସୃଜନଶୀଳତା ଓ ସେମାନଙ୍କ ଉତ୍ପାଦର ବୃଦ୍ଧିଶୀଳ ବଜାର ଚାହିଦାର ପ୍ରମାଣ । ଏହା ମୟୂରଭଞ୍ଜର ସ୍ଥାନୀୟ ହସ୍ତଶିଳ୍ପକୁ ବ୍ୟାପକ ବଜାର ସହ ଯୋଡ଼ିବାରେ ଓରମାସ୍‌ର ପ୍ରୟାସର ସଫଳତାକୁ ମଧ୍ୟ ପ୍ରତିଫଳିତ କରୁଛି । ଏହି ଅବସରରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ୍)ର ଡେପୁଟି ନିର୍ବାହୀ ଅଧିକାରୀ ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ରାଉତ, ଓଡ଼ିଶା ଜୀବିକା ମିଶନ୍‌ର ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ରୀ ନବୀନ କୁମାର ସେନାପତି, ମିଶନ୍ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶ୍ରୀ ନିରଞ୍ଜନ ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ମମତାମୟୀ ବିଶ୍ୱାଳ ଏବଂ ପିଏମ୍ ଲିଭଲିହୁଡ୍‌ର ଶ୍ରୀମତୀ ମଧୁସ୍ମିତା ଭୂୟାଁଙ୍କ ସମେତ ଓରମାସ୍, ମିଶନ୍ ଶକ୍ତି ଓ ସମ୍ପୃକ୍ତ ସଂସ୍ଥାର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ବାସୁଦେବପୁରରେ ବିଶ୍ୱ ମାନବିକତା ଦିବସ ପାଳିତ



ବାସୁଦେବପୁର, ୨୦/୮ (ନି.ପ୍ର): ଦିନକୁ ଦିନ ହଜିଯାଉଛି ମାନବିକତା । ହରାଇ ବସୁଛନ୍ତି ନୈତିକ ମୂଲ୍ୟବୋଧ । ଦୁର୍ଘଟଣାର ଶିକାର ବ୍ୟକ୍ତିକୁ ସାହାର୍ଯ୍ୟ ସହଯୋଗ ପରିବର୍ତ୍ତେ ସୋସିଆଲ ମିଡିଆରେ ମତୁଆଲା ପଥଭ୍ରଷ୍ଟ ସମାଜ । ଭିଡିଓ ବନାଇ ଅପଲୋଡ କରିବାରେ ବ୍ୟସ୍ତ । ଭୁଲି ଯାଉଛେ ସାମାଜିକ ଦାୟିତ୍ୱ ବୋଧ । ବନ୍ୟା ବାତ୍ୟା ହେଉ କି ଘର ପୋଡି ପରି ବିପର୍ଯ୍ୟୟ ସମୟରେ ଦେବ ଦୂତ ସାଜି ସହଯୋଗର ହାତ ବଢାଇଥାନ୍ତି ହାତ ଗଣତି ଲୋକ । ସମାଜରେ କିଛି ଲୋକଙ୍କ ପାଖରେ ଭରି ରହିଛି ମାନବିକତା । ପରସ୍ପର ମଧ୍ୟରେ ଭାଇଚାରା ବଜାୟ ରହିଲେ ମାନବିକତା ଉଜ୍ଜୀବିତ ହେବ ବୋଲି ବାସୁଦେବପୁର ବ୍ଲକ ସଭାଗୃହ ପରିସରରେ ଅନୁଷ୍ଠିତ ହୋଇ ଯାଇଛି ବିଶ୍ୱ ମାନବିକତା ଦିବସ ପାଳନ ଅବସରରେ ବକ୍ତାମାନେ କହିଥିଲେ । ସିଡିସ୍ ଓ ମାଇକ୍ରୋସଫ୍ଟ ମିଳିତ ଆନୁକୂଲ୍ୟରେ ଆୟୋଜିତ ସଭାରେ ସିଡିସ୍ ପ୍ରତିନିଧି ଦିପ୍ତିମୟୀ ବାରିକ ସଭାପତିତ୍ୱ କରିଥିଲେ । ବରେଣ୍ୟ ଅତିଥି ଭାବେ ବାସୁଦେବପୁର ବ୍ଲକର ଇଇଉଡ଼ ମୃତ୍ୟୁଞ୍ଜୟ ନାୟକ, ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ, ବାସୁଦେବପୁର ଥାନାର ଓଓଉ ନିରୋଜ କୁମାର ସାମଲ, ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ ଯୋଗଦେଇ ଉଦବୋଧନ ଦେଇଥିଲେ । ଶିକ୍ଷକ ଅମୀୟ ପାଣିଗ୍ରାହୀ ସଂଯୋଜନା କରିଥିଲେ । ସମାଜର ମାନବିକତା ଡୋରୀରେ ବାନ୍ଧିବାର ପ୍ରୟାସ କରୁଥିବା ସାମାଜିକ କର୍ମୀ ସୀତାକାନ୍ତ ରାଉତ, ଛାୟାରାଣୀ ସାହୁ, ରଶ୍ମିରଞ୍ଜନ ମହାକୁଡ , ଶଙ୍କର୍ଷଣ ମଲ୍ଲିକ, ଦେବଦର୍ଶନ ଦାଶ, ବିଶ୍ୱଜିତ ନାୟକ ଓ ରମାକାନ୍ତ ଡାଙ୍ଗୁଆ ପ୍ରମୁଖ ସାମାଜିକ କର୍ମୀମାନଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । କର୍ମମୟ ଜୀବନର ଉଦାରତା ଓ ମାନବିକତା ମୂଲ୍ୟବୋଧର ପ୍ରତୀକ ଭାବେ ବାସୁଦେବପୁର ଥାନାର ଇନ୍‌ସପେକ୍ଟର ନିରୋଜ କୁମାର ସାମଲ, ବ୍ଲକ ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

## ସୁବର୍ଣ୍ଣରେଖାରେ ବନ୍ୟା ବିଭୀଷିକା : ବ୍ଲକର ୧୯ଟି ପଞ୍ଚାୟତର ୧ ଲକ୍ଷ ଲୋକ ପ୍ରଭାବିତ



ବାଲିଆପାଳ , ୨୦/୮ (ନି.ପ୍ର): ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ଆସିଥିବା ଦ୍ୱିତୀୟ ବନ୍ୟା ସରକାରୀ ଆକଳନକୁ ଭୁଲ ପ୍ରମାଣିତ କରିଛି। ବୁଧବାର ମଧ୍ୟ ରାତ୍ରରୁ ଗୁରୁବାର ଭୋର ୫ଟା ପର୍ଯ୍ୟନ୍ତ ସୁବର୍ଣ୍ଣରେଖା ନଦୀର ରାଜଘାଟ ଠାରେ ନଦୀର ଜଳସ୍ତର ୧୧.୮୨ ମିଟର ଛୁଇଁଥିଲା। ସୁବର୍ଣ୍ଣରେଖା ବନ୍ୟାର କରାଳ ରୂପ ବିଷ୍ଣୁପୁର ପଞ୍ଚାୟତରେ ସର୍ବାଧିକ ଦେଖିବାକୁ ମିଳିଛି। ବୁଧବାର ରାତିରେ ବିଷ୍ଣୁପୁର ପଞ୍ଚାୟତର ବାଗିଚା ବାଡି ଠାରେ ବନ୍ଧ ଭାଙ୍ଗିଥିବା ବେଳେ ଏହି ପଞ୍ଚାୟତର ରସୁଲପୁର,ନୟାବାଲି ଓ ଇକଡପାଳ ଠାରେ ନଦୀ ବନ୍ଧରେ ଘାଇ ସୃଷ୍ଟି ହୋଇଥିବା ଜଣାପଡିଛି ।ତେବେ ଗୁରୁବାର ଅପରାହ୍ନରୁ ନଦୀର ଜଳ ସ୍ତର ଧିରେ ଧିରେ କମ ହେଉଥିବା ଦେଖିବାକୁ ମିଳିଛି। ବାଲିଆପାଳ ବ୍ଲକର କୁମାରୀ ,ନିଖିରା, ଘଣ୍ଟୁଆ, ଶ୍ରୀରାମପୁର,ଦେଭୋଗ,ଅସ୍ତି, ବାଲିଆପାଳ, ମଧୁପୁରା, ବିଷ୍ଣୁପୁର, ଜାମକୁଣ୍ଡା ପ୍ରଭୃତି ୧୦ଟି ପଞ୍ଚାୟତର ୫୦ରୁ ଉର୍ଦ୍ଧ୍ୱ ଗାଁ ସମ୍ପୂର୍ଣ୍ଣ ପାଣିଘେରରେ ରହିଥିବା ବେଳେ ଦେଉଳା ,ବାଲିକୁଟି, ଜଗତିପୁର ରତେଇ, ପ୍ରଭୃତି ୪ଟି ପଞ୍ଚାୟତରେ ବନ୍ୟା ପାଣି ପ୍ରବେଶ କରିଛି। ସୁବର୍ଣ୍ଣରେଖା ନଦୀର ବନ୍ୟାରେ ୧୪ଟି ପଞ୍ଚାୟତର ଲୋକମାନେ ପ୍ରଭାବିତ ହୋଇଛନ୍ତି। ସେହିପରି ଜଳକା ନଦୀର ବନ୍ୟାରେ ବାଲିଆପାଳ ବ୍ଲକର କୁଣ୍ଡୁଳୀ, ସାଉଡି, ବଣିଆଡିହା, ବୋଳଂ,ପଞ୍ଚୁପାଲି ପ୍ରଭୃତି ୫ଟି ପଞ୍ଚାୟତ ଜଳମଗ୍ନ ହୋଇଛି। ସୁବର୍ଣ୍ଣରେଖା ଓ ଜଳକା ନଦୀର ବନ୍ୟାରେ ବାଲିଆପାଳ ବ୍ଲକର ୧୯ଟି ପଞ୍ଚାୟତର ଏକ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ଏବେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବାଲିଆପାଳ ବ୍ଲକର ଚଡପାଳପଡା, ତଳ ଧାନଦା, ଚଡବଢାପାଳ, ପାଳଚମ୍ପେଇ, ଛୋଟ ଖାନପୁର, କଣ୍ଠାବଣି, ଡାଲୁଆ ୨, ପାରଦୀପା, ସୂର୍ଯ୍ୟାପୁର, ପାରୁଳିଆ, ଖାଳପାଖ, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଘମୁହଁ, ତଳ ବାଲିଆପାଳ, ଆଠଡାଟିଆ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି । ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ଫଂଚୁରୁଖି-ଚଉଧୁରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, ବାଲିଆପାଳ-ବିଷ୍ଣୁପୁର ପ୍ରଭୃତି ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ବନ୍ୟା ପ୍ରଭାବିତ ଲୋକମାନଙ୍କ ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ବ୍ଲକର ଜାମକୁଣ୍ଡା, ବିଷ୍ଣୁପୁର, ମଧୁପୁରା, ବାଲିଆପାଳ ,ଅସ୍ତି, କୁମାରୀ,କୁଣ୍ଡୁଳୀ ଓ ସାଉଡି ପଞ୍ଚାୟତର ୨୩୧୮୫ ଜଣ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ମଧ୍ୟାହ୍ନରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ବ୍ଲକର ବନ୍ୟା ପ୍ରଭାବିତ ମାନଙ୍କୁ ୨୯୦ କ୍ୟୁଣ୍ଟାଲ ଚୁଡା ଓ ୨୬.୪୪ କ୍ୟୁଣ୍ଟାଲ ଗୁଡ଼ ଯୋଗାଇ ଦିଆଯାଇଛି ।ସେହିପରି ଲୋକମାନଙ୍କ ଯାତାୟତ ପାଇଁ ଇକଡପାଳ, କୁହ୍ଲାଚଡ,ତାଳପଦା, ବିଷ୍ଣୁପୁର,ଲକପାଳ, ଚୌଧୁରିକୁଦ, କୁଦମାନସିଂ ପ୍ରଭୃତି ସ୍ଥାନରେ ଏସଆରସିର ୯ଟି ପାୱାର ବୋଟ ଯୋଗାଇ ଦିଆଯାଇଥିବା ବେଳେ ଓଡ୍ରାଫ ଟିମର ୯ଟି ପାୱାର ବୋଟ ବିଭିନ୍ନ ସ୍ଥାନରେ ଲୋକଙ୍କ ଯାତାୟତ ପାଇଁ ନିୟୋଜିତ କରାଯାଇଛି। ବ୍ଲକର ୮ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଧାନଚାଷ ଜଳମଗ୍ନ ହୋଇରହିଛି। ଧନ ଜମି ଉପରେ ୮ଫୁଟରୁ ଉର୍ଦ୍ଧ୍ୱ ବନ୍ୟା ପାଣି ଲହଡ଼ି ଭାଙ୍ଗୁଛି। ସେହିପରି ବ୍ଲକରେ ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ହେମନ୍ତ କୁମାର ସିଂହ ବାଲିଆପାଳରେ ପହଞ୍ଚି ବନ୍ୟା ପରିସ୍ଥିତି ଉପରେ ନଜର ରଖିଛନ୍ତି।

## ପଶ୍ଚିମବାଡ଼ ପଞ୍ଚାୟତରେ ବିଚ୍ଛିନ୍ନ ସାତଘରିଆ ସାହି: ୧୦ ଫୁଟର ଘାଇ ଯୋଗୁଁ ବାହ୍ୟ ଜଗତରୁ ବିଚ୍ଛିନ୍ନ



ଜଳେଶ୍ୱର , ୨୦/୮ (ନି.ପ୍ର): ଜଳେଶ୍ୱର ବ୍ଲକ ପଶ୍ଚିମବାଡ଼ ପଞ୍ଚାୟତ ୧୩ ନମ୍ବର ୱାର୍ଡ଼ ଅନ୍ତର୍ଗତ ସାତଘରିଆ ସାହିରେ ବନ୍ୟା ଓ ଜଳବନ୍ଦୀ ସ୍ଥିତି ଗମ୍ଭୀର ରୂପ ନେଇଛି । ସାହିର ମୁଖ୍ୟ ରାସ୍ତାରେ ପ୍ରାୟ ୧୦ ଫୁଟର ଏକ ବଡ଼ ଘାଇ ସୃଷ୍ଟି ହୋଇଥିବାରୁ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଫଳରେ ସାହିର ପ୍ରାୟ ୨୦ ରୁ ଉର୍ଦ୍ଧ୍ୱ ଘରର ୧୦୦ ରୁ ଉର୍ଦ୍ଧ୍ୱ ପରିବାର ବାହ୍ୟ ଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ପଡ଼ିଥିଲେ। ପାଣିର ପ୍ରଖର ସ୍ରୋତରେ ମୁଖ୍ୟ ରାସ୍ତାର ୧୦ ଫୁଟ ର ଘାଇ ସୃଷ୍ଟି ହୋଇ ଯାଇଥିବାରୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସହାୟତା ନେଇ ପ୍ରଶାସନିକ ଟିମ୍ ସେଠାରେ ପହଞ୍ଚିବା ଅସମ୍ଭବ ହୋଇପଡ଼ିଥିଲା। ତେବେ ସ୍ଥାନୀୟ ସାହିବାସିନ୍ଦାଙ୍କ ନିରନ୍ତର ଉଦ୍ୟମ ଓ ସହଯୋଗ କ୍ରମେ ଶେଷରେ ପ୍ରଶାସନିକ ପ୍ରତିନିଧିମାନେ ଦୁର୍ଗମ ସ୍ଥିତି ଦେଇ ଗ୍ରାମରେ ପହଞ୍ଚିବାରେ ସଫଳ ହୋଇଥିଲେ। ଆଜି ଅପରାହ୍ନ ପ୍ରାୟ ୩ ଟା ସମୟରେ ସାହିରେ ଥିବା ମଙ୍ଗଳାମାତା ପ୍ରାଥମିକ ବିଦ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ବିପନ୍ନ ପରିବାରଗୁଡ଼ିକୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି ।ଦୀର୍ଘ ସମୟ ପରେ ଆବଶ୍ୟକ ଖାଦ୍ୟ ସହାୟତା ପାଇବା ପରେ ସାହିବାସିନ୍ଦାଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି ।ତେବେ ଗମନାଗମନ ସ୍ୱାଭାବିକ କରିବା ପାଇଁ ତୁରନ୍ତ ଘାଇ ମରାମତି କରିବା ସହ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଯୋଗାଇଦେବାକୁ ବିଚ୍ଛିନ୍ନ ଅଞ୍ଚଳବାସୀ ଦାବି କରିଛନ୍ତି।

ଶୁକ୍ରବାର, ଅଗଷ୍ଟ ୨୧, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବାରିପଦାରେ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ



ବାରିପଦା , ୨୦/୮ (ନି.ପ୍ର): ମୟୁରଭଞ୍ଜ ଫଟୋଗ୍ରାଫର ଓ ଭିଡିଓ ଗ୍ରାଫର ଏସୋସିଏସନ ଦ୍ୱାରା ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି । ବାରିପଦା ସ୍ଥିତ ମା ଅମ୍ବିକା ମନ୍ଦିର ପ୍ରାଙ୍ଗଣରୁ ଏକ ମଟର ସାଇକେଲ ଶୋଭା ଯାତ୍ରା ସହର ପରିକ୍ରମା କରିଥିଲା । ଷ୍ଟେସନ ବଜାର ସ୍ଥିତ ବିବାହ ମଣ୍ଡପ ଠାରେ ପ୍ରାୟ ୭୦ରୁ ଉର୍ଦ୍ଧ ଫଟୋଗ୍ରାଫର ଓ ଭିଡିଓ ଗ୍ରାଫରଙ୍କ ଉପସ୍ଥିତିରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଚିରପରିଚିତ ବର୍ଷୀୟାନ ସିନେ କଳାକାର ଅସିତ ବରଣ ପତି ଯୋଗଦେଇ ଉଦବୋଧନ ଦେଇଥିଲେ । ଏହି ଅବସରରେ ବାରିପଦାର ବାର୍ଷୀୟାନ ଫଟୋଗ୍ରାଫର ଅନନ୍ତ କୁମାର ବାଗଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମୟୁରଭଞ୍ଜ ଫଟୋଗ୍ରାଫର ଓ ଭିଡିଓ ଗ୍ରାଫର ଏସୋସିଏସନର ସଭାପତି ସଂଜୀବ କୁମାର ଦ୍ୱିବେଦୀ, ସମ୍ପାଦକ ଭବାନୀ ଶଙ୍କର ରାମ, କୋଷାଧକ୍ଷ କୌଶିକ ଭକତ, ଉପ କୋଷାଧକ୍ଷ ଜି. ଜାନକୀ ରାମ ଯୋଗଦେଇ ଫୋଟଗ୍ରାଫର ଏବଂ ଭିଡିଓ ଗ୍ରାଫର ମାନଙ୍କର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରି ଆଗାମୀ ଦିନରେ ଏକଜୁଟ ହୋଇ କାମ କରିବାକୁ ପରାମର୍ଶ ଦେଇଥିଲେ । ଅପରାହ୍ନରେ ବାରିପଦାର ରଘୁନାଥ ସ୍ଥିତ ରୋଜମେରୀ ଆବାସିକ ରେ ରହୁଥିବା ମାନସିକ ଅନଗ୍ରସର ପିଲାମାନଙ୍କୁ ବିସ୍କୁଟ ଓ ଚକଲେଟ ବିତରଣ କରାଯାଇଥିଲା ।

## ଜିଲ୍ଲାପାଳଙ୍କୁ ଭେଟି ଦୂରାବସ୍ଥା ଦୂର ପାଇଁ ଦାବିପତ୍ର ପ୍ରଦାନ



ଭଦ୍ରକ, ୨୦/୮ (ନି.ପ୍ର): ଭଣ୍ଡାରିପୋଖରୀ ବିଧାୟକଙ୍କ ନେତୃତ୍ୱରେ ରାନ୍ଦିଆ ବେଦାନ୍ତ (ଫେକର) ଠାରୁ ବନ୍ଦାଳ–ମଢିଆଳି ଭାୟା କେନ୍ଦୁଆପଦା–ମଞ୍ଜୁରୀରୋଡ଼ ରାସ୍ତାର ଦୂରାବସ୍ଥା ଦୂର ନିମନ୍ତେ ତୁରନ୍ତ ମରାମତି କରିବା ଦାବିରେ ବନ୍ତ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଭଦ୍ରକ ଜିଲ୍ଲାପାଳ:-ସୋମେଶ ଉପାଧ୍ୟାୟଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିଲା ବେଳେ ଏହି ରାସ୍ତା ଉପରେ ଦୈନିକ ୧୦ ରୁ ୧୫ ଗ୍ରାମ ପଞ୍ଚାୟତ ର ବାସିନ୍ଦାଙ୍କ ସମେତ ସରକାରୀ ବୈଷୟିକ ଶିକ୍ଷା ଅନୁଷ୍ଠାନ ର ଛାତ୍ରଛାତ୍ରୀ ମାନେ ଯାତାୟାତ କରୁଥିବାରୁ ଏହାର ତୁରନ୍ତ ମରାମତି ଅତ୍ୟନ୍ତ ଜରୁରୀ ଜନସାଧାରଣଙ୍କ ସୁରକ୍ଷିତ ଓ ସୁଗମ ଯାତାୟାତକୁ ପ୍ରାଥମିକତା ଦେଇ ଯାଥା ଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନା କରାଯାଏ ଥିବା ବେଳେ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା,ବରିଷ୍ଠ ନେତା ପ୍ରଶାନ୍ତ ଦାସ, ବିଧାୟକ ପ୍ରତିନିଧି ଲାଲା ସ୍ୱାଇଁ, ବନ୍ତ ବ୍ଲକ ଉପାଧ୍ୟକ୍ଷା ପ୍ରଗତିବାଳା ସ୍ୱାଇଁ, ବ୍ଲକ ସଭାପତି ଲକ୍ଷ୍ମୀକାନ୍ତ ମହାନ୍ତି,ବନ୍ତ ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ,ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଚିନ୍ମୟ ଦାସ, ଯୁବନେତା ବିପିନ ବିହାରୀ ନାୟକ, ଅକ୍ଷୟ ଦାସଙ୍କ ସମେତ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କ ଦେହାନ୍ତ

ନୂଆଦିଲ୍ଲୀ,୨୦/୮ : ପୂର୍ବତନ କଂଗ୍ରେସ ସାଂସଦ ସଜ୍ଜନ କୁମାରଙ୍କର ଗୁରୁବାର ଦିନ ଦେହାନ୍ତ ହୋଇଛି । ସେ ୮୦ ବର୍ଷ ବୟସ୍କ ଥିଲେ ଏବଂ ୧୯୮୪ ଶିଖ ବିରୋଧୀ ଦଙ୍ଗାର ତିନୋଟି ମାମଲା ମଧ୍ୟରୁ ଦୁଇଟି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ଦିଲ୍ଲୀର ତିହାର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିଲେ । ଗୋଟିଏ ମାମଲାରେ ସେ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ । ସଜ୍ଜନ କୁମାରଙ୍କ ଘନିଷ୍ଠ ନେତାଙ୍କ କହିବା ଅନୁଯାୟୀ, ତିହାର ଜେଲରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ତାଙ୍କୁ ଦିଲ୍ଲୀର ସଫଦରଜଙ୍ଗ ଡାକ୍ତରଖାନାକୁ ଅଣାଯାଇଥିଲା, ଯେଉଁଠାରେ ଡାକ୍ତରମାନେ ପରୀକ୍ଷା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ । ସଜ୍ଜନ କୁମାର ୧୯୪୫ ମସିହା ସେପ୍ଟେମ୍ବର ୨୩ ତାରିଖରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ । ୧୯୭୦ ଦଶକରେ ସେ ରାଜନୀତିରେ ପ୍ରବେଶ କରିଥିଲେ ଏବଂ ଦିଲ୍ଲୀ ମହାନଗର ନିଗମର କାଉନସିଲର ହୋଇଥିଲେ । ପରେ ସେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ । ସେ ୧୯୮୦, ୧୯୯୧ ଭାବରେ ନିର୍ବାଚିତ ହୋଇଥିଲେ ଏବଂ ୨୦୦୪ ରେ ଲୋକସଭାର ସଦସ୍ୟ ହୋଇଥିଲେ । ସଞ୍ଜୟ ଗାନ୍ଧୀଙ୍କ ନିକଟତର ବୋଲି ବିବେଚନା କରାଯାଉଥିବା ସଜ୍ଜନ କୁମାର ବାହ୍ୟ ଦିଲ୍ଲୀ ନିର୍ବାଚନମଣ୍ଡଳୀରୁ ଜଣେ ଶକ୍ତିଶାଳୀ କଂଗ୍ରେସ ଚେହେରା ଥିଲେ ।

## ସାଇସାଧନାରେ ୮୦ ତମ ଗଣତନ୍ତ୍ର ଦିବସ ପାଳିତ



ମୟୂରଭଞ୍ଜ, ୨୦/୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଉଦଳାସ୍ଥ ସାଇସାଧନା ଟ୍ରଷ୍ଟ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନ ସମୂହର ମିଳିତ ଉଦ୍ୟମରେ ଦେଶର ୮୦ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଚେୟାରମେନ୍ ଶ୍ରୀ ପୂର୍ଣଚନ୍ଦ୍ର ବିନ୍ଧାଣୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦେଶର ଜାତୀୟ ପତାକାକୁ ଉତ୍ତୋଳନ କରିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଦେଶର ସାଧୀନତା ଲାଭ ପାଇଁ ସଙ୍ଘଟିତ ହୋଇଯାଇଥିବା ପ୍ରସଙ୍ଗ ସବୁକୁ ଅବତାରଣା କରିଥିଲେ ଏବଂ ଦେଶ ପରିଚାଳନାରେ ଭାରତର ସମ୍ବିଧାନର ଗୁରୁତ୍ୱ ସମ୍ପର୍କରେ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଛାତ୍ରୀମାନଙ୍କ ଦ୍ୱାରା ମିଳିତ ଭାବେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ଅନୁଷ୍ଠାନ ସମୂହର ଏକାଡେମୀକ୍ ଡାଇରେକ୍ଟର ପ୍ରଫେସର ଅନାଦି ଚରଣ ଗାଁଣଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସମ୍ପାଦକ ଶ୍ରୀ ସୁକାନ୍ତ କୁମାର ବିନ୍ଧାଣୀ, କୋଷାଧ୍ୟକ୍ଷ ଶ୍ରୀ ସୁରେନ୍ଦ୍ର ନାଥ ପରିଛା, ସାଇସାଧନା ପରିବାରର ଜୁନିୟର ପିଢ଼ି ଶ୍ରୀ ସତ୍ୟମ ପରିଛା, ଶ୍ରୀ ବିଭୂତି ବିନାୟକ ବିନ୍ଧାଣୀ, ଶ୍ରୀ ଶିବମ୍ ପରିଛା ଓ ଅଧକ୍ଷ ଶ୍ରୀ ପ୍ରିୟବ୍ରତ ବେହେରା, ଛାତ୍ର ମଙ୍ଗଳ ଉନ୍ନୟନ ଅଧିକାରୀ ଶ୍ରୀ ପ୍ରଭାତ କୁମାର ସାହୁ ସମେତ ସାଇସାଧନା କଲେଜ ଅଫ୍ ବେସିକ୍ ସାଇନ୍ସ, ସାଇସାଧନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସାଇସାଧନା ଆଇ.ଟି.ଆଇ ଓ ସାଇସାଧନା ଶିଶୁ ବିଦ୍ୟା ମନ୍ଦିରର ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟତ୍ରୀ ତଥା କର୍ମଚାରୀ ବୃନ୍ଦ ଯୋଗ ଦେଇ ଦେଶ ପ୍ରତି ନିଜର ଆନୁଗତ୍ୟ ପ୍ରକାଶ କରିଥିଲେ ।

## ମଦ୍ୟପ ଯୁବକଙ୍କ ଉନ୍ମତ୍ତ କାଣ୍ଡ: ଏନ୍ଏସି କାର୍ଯ୍ୟାଳୟରେ ହଙ୍ଗାମା, ୨ କର୍ମଚାରୀ ଆହତ



ନୀଳଗିରି, ୨୦/୮ (ନି.ପ୍ର): ଗୁରୁବାର ମଧ୍ୟାହ୍ନ ସମୟରେ ଜୈନିକ ମଦ୍ୟପ ନୀଳଗିରି ଏନଏସି କାର୍ଯ୍ୟାଳୟ ଭିତରେ ପଶି ମନଇଚ୍ଛା ଭଙ୍ଗାରୁଜା କରିବା ସହିତ ଦୁଇଜଣ କର୍ମଚାରୀଙ୍କୁ ଆକ୍ରମଣ କରିବାରୁ ସେମାନେ ଆହତ ହୋଇଥିବା ସୂଚନା ମିଳିଛି ।ସୂଚନା ମୁତାବକ ମଧ୍ୟାହ୍ନ ସମୟରେ ହଠାତ ରଞ୍ଜନ ବେହେରା ନାମକ ଜଣେ ଯୁବକ ନିଶାଶକ୍ତ ଅବସ୍ଥାରେ ନୀଳଗିରି ଏନ୍ଏସି କାର୍ଯ୍ୟାଳୟରେ ପ୍ରବେଶ କରି ଖରାପ ଭାଷାରେ ଗାଳିଗୁଲଜ କରିବା ସହ କାର୍ଯ୍ୟାଳୟର କଠୋରୀର କବାଟ ଗୁଡିକୁ ଭାଙ୍ଗିବାକୁ ଉଦ୍ୟମ କରିଥିଲେ । ଏହାକୁ ପ୍ରତିବାଦ କରିବାକୁ ଯାଇ ଏନ୍ଏସି କାର୍ଯ୍ୟାଳୟର ଦୁଇଜଣ କର୍ମଚାରୀ ରଞ୍ଜନଙ୍କ ଆକ୍ରମଣରେ ଆହତ ହୋଇଥିଲେ ।ପରବର୍ତ୍ତୀ ସମୟରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଯୁବକଙ୍କୁ କାବୁକରି ପଚରାଉଚୁରା ଜାରି ରଖିଛି ।

## ୟୁକୋ ବ୍ୟାଙ୍କ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ୍ ବଣ୍ଟନ



ବସ୍ତା, ୨୦/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ୍ରେ ଜଳକା ନଦୀର ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ଜନଜୀବନ ବେହାଲ ହୋଇପଡ଼ିଛି । ଇଡିଦା ପଞ୍ଚାୟତର ଭିତରବ୍ରହ୍ମତ୍ର ଓ କାଳୁଖା ଅଞ୍ଚଳକୁ ଯୋଗାଯୋଗ ପାଞ୍ଚ ଦିନ ହେବ ବିଚ୍ଛିନ୍ନ ରହିଛି । ଏହି ଖବର ପାଇ ଜାମଶୁଳୀ ୟୁକୋ ବ୍ୟାଙ୍କ ପକ୍ଷରୁ ବନ୍ୟାବିପନ୍ନଙ୍କ ନିକଟରେ ସହାୟତାର ହାତ ବଢ଼ାଯାଇଛି । ବ୍ୟାଙ୍କ ପକ୍ଷରୁ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ମୁଢ଼ି, ବିସ୍କୁଟ, ମିକ୍ସଚର ସମେତ ବିଭିନ୍ନ ପ୍ରକାର ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମରେ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ଦେବୀପ୍ରସାଦ ଭଞ୍ଜ, ଜାମଶୁଳୀ ୟୁକୋ ବ୍ୟାଙ୍କର ବ୍ୟାଙ୍କ ପରିଚାଳକ ପାଟାଇ ସୋରେନ ଏବଂ ବାଲେଶ୍ୱର ୟୁକୋ ବ୍ୟାଙ୍କର ଜିଲ୍ଲା ପରିଚାଳକ ଯୋଗେନ୍ଦ୍ର ମୋଦି ପ୍ରମୁଖ ଯୋଗଦେଇ ବନ୍ୟାବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରିଥିଲେ ।ବନ୍ୟା ସମୟରେ ବ୍ୟାଙ୍କ ପକ୍ଷରୁ ଏଭଳି ମାନବିକ ପଦକ୍ଷେପ ନିଆଯାଇଥିବାରୁ ସ୍ଥାନୀୟ ଲୋକେ ୟୁକୋ ବ୍ୟାଙ୍କକୁ ପ୍ରଶଂସା କରିଛନ୍ତି ।

## ବନ୍ୟା ଧୋଇନେଲା ଭାତ ହାଣ୍ଡି : ଜମିରୁ ଛାଡୁନି ପାଣି

ଲଙ୍ଗଳେଶ୍ୱର, ୨୦/୮ (ନି.ପ୍ର): ବାଲିଆପାଳ ବ୍ଲକର ୪ ପଞ୍ଚାୟତର ବନ୍ୟା ଧୋଇନେଲା ଚାଷୀଙ୍କ ଭାତ ହାଣ୍ଡି । ଜଳକା ନଦୀରେ ପାଞ୍ଚ ଥର ବନ୍ୟା ଆସିବାରୁ ୨୦ ଦିନ ଧରି ଚାଷ ଜମିରୁ ବନ୍ୟା ପାଣି ଛାଡ଼ିବାର ନା ଧରୁନି ଫଳରେ ତଳି ଓ ରୋଆ ଧାନ ଗଛଗୁଡ଼ିକ ପଚି ନଷ୍ଟ ହେଇଯାଇଛି ବାଲିଆପାଳ ବ୍ଲକର ବଣିଆଡିହା ବୋଳଂ କୁଣ୍ଡୁଳି ସାଉଡି ପଞ୍ଚାୟତର ଚାଷ ଜମିରେ ବନ୍ୟାଜଳ ଲହଡି ଭାଙ୍ଗୁଛି । ଦୀର୍ଘ ଦିନ ଧରି ଚାଷ ଜମିରେ ବନ୍ୟା ଜଳ ଜମି ରହିବାରୁ ଚାଷ ନଷ୍ଟ ହୋଇଗଲାଣି । ଚାଷୀମାନେ ଧାର କରଜ କରି ଅଧିକ ଅମଳକ୍ଷମ ଧାନ ବିହନ କିଣି ତଳା ପକାଇଥିଲେ । କିଛି ଲୋକ ରୋଆ ରୁଇ କାର୍ଯ୍ୟ ସାରିଦେଇଥିଲେ ।ମାତ୍ର ଭାଦ୍ରବ ମାସ ହୋଇଯାଇଥିବାରୁ ଚାଷ କାର୍ଯ୍ୟ ପାଇଁ ଅନୁକୂଳ ପାଗ ନାହିଁ ବାରମ୍ବାର ବନ୍ୟା ଆସିବାରୁ ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି ।ଚାଷ ଉଯୋଡି ଜିବାରୁ ଚିନ୍ତାରେ ପଡ଼ିଛନ୍ତି ଚାଷୀ କୋଳ ଏବେ କେବଳ ସରକାରୀ ସହାୟତା କୁ ଅପେକ୍ଷା ।




## ସିନ୍ଧିଆ ଓ ଗୋପୀନାଥପୁର ବନ୍ୟାଞ୍ଚଳ ପରିଦର୍ଶନ କଲେ ସଦର ବିଧାୟକ ମାନସ ଦତ୍ତ: ବନ୍ୟା ବିପନ୍ନଙ୍କୁ ବଣ୍ଟନ କଲେ ଶୁଖିଲା ଖାଦ୍ୟ



ବାଲେଶ୍ୱର, ୨୦/୮ (ନି.ପ୍ର): ବନ୍ୟା ପ୍ରଭାବିତ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ସିନ୍ଧିଆ ଓ ଗୋପୀନାଥପୁର ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ କରିଛନ୍ତି ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ । ବିଧାୟକ ବନ୍ୟା ପ୍ରଭାବିତ ପରିବାରମାନଙ୍କୁ ଭେଟି ସେମାନଙ୍କ ସମସ୍ୟା ଓ ଅସୁବିଧା ସମ୍ପର୍କରେ ଅବଗତ ହେବା ସହ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ବନ୍ୟା ଜଳ ଅନେକ ସ୍ଥାନରେ ହ୍ରାସ ପାଇବା ଆରମ୍ଭ କରିଥିଲେ ମଧ୍ୟ ପ୍ରଭାବିତ ଲୋକଙ୍କ ଦୁର୍ଦ୍ଦଶା ଏବେ ମଧ୍ୟ ଜାରି ରହିଛି । ବିଶେଷକରି ଗୋପୀନାଥପୁର ପଞ୍ଚାୟତର ନୀଳିଦା ଗ୍ରାମ ବର୍ତ୍ତମାନ ସୁଦ୍ଧା ବନ୍ୟାଜଳ ଘେରରେ ରହିଛି । ଏହାଫଳରେ ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନଯାପନ ପ୍ରଭାବିତ ହୋଇଛି । ବିଧାୟକ ଗ୍ରାମବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ଆବଶ୍ୟକତା ଓ ସମସ୍ୟା ବୁଝିବା ସହ ଆବଶ୍ୟକ ସହାୟତା ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଲୋକଙ୍କ ଜୀବନଜୀବିକା, କୃଷି, ମତ୍ସ୍ୟଚାଷ, ରାସ୍ତାଘାଟ ଓ ଅନ୍ୟାନ୍ୟ ଭିତ୍ତିଭୂମିର ହୋଇଥିବା କ୍ଷୟକ୍ଷତିର ଉପଯୁକ୍ତ ଆକଳନ କରି ପ୍ରଭାବିତ ପରିବାରଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚାଇବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ବିଧାୟକ ଶ୍ରୀ ଦତ୍ତ ମତପ୍ରକାଶ କରିଛନ୍ତି । ଏହି ପରିପ୍ରେକ୍ଷୀରେ ବନ୍ୟା ବିପନ୍ନଙ୍କ ସୁରକ୍ଷା, ଜନଜୀବନକୁ ସ୍ୱାଭାବିକ କରିବା ଏବଂ କୃଷି, ଜୀବିକା, ଭିତ୍ତିଭୂମି ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଛନ୍ତି । ଏହି ସ୍ୱତନ୍ତ୍ର ପ୍ୟାକେଜ୍ ଅଧୀନରେ ବନ୍ୟା ପ୍ରଭାବିତ ଚାଷୀ, ମତ୍ସ୍ୟଜୀବୀ, କାରିଗର ଓ ବିପନ୍ନ ପରିବାରଗୁଡ଼ିକୁ ଆବଶ୍ୟକୀୟ ଆର୍ଥିକ ସହାୟତା ସହ ବିହନ, ଖାଦ୍ୟ ଏବଂ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯିବ । ବନ୍ୟାରେ କ୍ଷତିଗ୍ରସ୍ତ ଭିତ୍ତିଭୂମିର ପୁନରୁଦ୍ଧାରକୁ ମଧ୍ୟ ପ୍ରାଥମିକତା ଦିଆଯିବ । ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାରର ଦୁଃଖ ଓ ସମସ୍ୟା ପ୍ରତି ଆମ ସରକାର ସମ୍ବେଦନଶୀଳ ବୋଲି ବିଧାୟକ କହିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସରକାର ବନ୍ୟା ବିପନ୍ନଙ୍କ ସୁରକ୍ଷା, ସହାୟତା ଓ ପୁନରୁଦ୍ଧାର ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି । ସରକାର ସବୁବେଳେ ଆପଣଙ୍କ ସହ ରହିଛନ୍ତି ବୋଲି ବିଧାୟକ ଶ୍ରୀ ଦତ୍ତ ପ୍ରକାଶ କରିଛନ୍ତି ।

## ସରପଂଚ ବିଜୟା ମୁର୍ମୁଙ୍କ ନେତୃତ୍ୱରେ ଆରମ୍ଭ ହେଲା ନିଶାମୁକ୍ତ ଅଭିଯାନ




ଉଦଳା, ୨୦/୮ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ଭୀମତାଳି ପଂଚାୟତର ସରପଂଚ ବିଜୟା ମୁର୍ମୁଙ୍କ ନେତୃତ୍ୱରେ ଚଳିତ ଅଗଷ୍ଟ ୧୯ ତାରିଖ ବୁଧବାର ଠାରୁ ନିଶାମୁକ୍ତ ଅଭିଯାନ ସହିତ ବୃକ୍ଷରୋପଣର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଅବସରରେ ଭୁରୁଡୁବଣି ଗ୍ରାମସ୍ଥିତ ଜାହିରାପୀଠ ପରିସରରେ ନିଶାଦ୍ରବ୍ୟ ସେବନର କୁପରିଣାମ ସମ୍ପର୍କରେ ଏକ ଆଲୋଚନାଚକ୍ର ସହ ଏହାକୁ ସମ୍ପୂର୍ଣ୍ଣ ପରିତ୍ୟାଗ କରିବା ପାଇଁ ଶପଥପାଠର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମ ବର୍ଷ ତମାମ ଜାରି ରହିବା ସହ ସମଗ୍ର ଭୀମତାଳି ପଂଚାୟତକୁ ଏକ ନିଶାମୁକ୍ତ ପଂଚାୟତ ଭାବରେ ଘୋଷଣା ପାଇଁ ଉଦ୍ୟମ କରାଯାଉଛି ବୋଲି ସରପଂଚ ସୂଚନା ପ୍ରଦାନ କରିଛନ୍ତି । ପ୍ରାରମ୍ଭରେ ଜାହିରାପୀଠର ପୂଜକ (ନାଏକେ) ସୁକୁମାର ସୋରେନ ଓ ମାଝିହାଡ଼ାମ ବୁଧିରାମ ମୁର୍ମୁ ପୂଜାପାଠ ସାରିବା ପରେ ବୃକ୍ଷରୋପଣ ପର୍ବ ଆରମ୍ଭ ହୋଇଥିଲା । ଏହାପରେ ଆୟୋଜିତ ଆଲୋଚନାଚକ୍ରରେ ସରପଂଚ ବିଜୟା ମୁର୍ମୁ ଅଧକ୍ଷତା କରି ନିଶାଦ୍ରବ୍ୟ ସେବନ କିପରି ଆମକୁ ଭୟଙ୍କର ଅନ୍ଧକାର ମଧ୍ୟକୁ ଠେଲି ଦେଉଛି ବିଭିନ୍ନ ଦୃଷ୍ଟାନ୍ତମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାକୁ ଉପସ୍ଥିତ ଥିବା ଶତାଧିକ ଆଦିବାସୀ ଭାଇ ଭଉଣୀ ସମର୍ଥନ ଜଣାଇବା ସହ ପ୍ରଥମେ ନିଜ ପରିବାରକୁ ନିଶାଠାରୁ ଦୁରେଇ ରଖିବା ପାଇଁ ଶପଥ ପାଠ କରିଥିଲେ । ଜାହିରାପୀଠରେ ଆଦିବାସୀ ଭାଇ ଭଉଣୀ ମାନେ ଏକତ୍ରିତ ହୋଇ ଏପରି ଏକ ଉତ୍ସବ ପାଳନ କରିଥିବାରୁ ଏକ ଭିନ୍ନସ୍ୱାଦର ବାତାବରଣ ଖେଳି ଯାଇଥିଲା । ଆଗାମି ଦିନରେ ଏହା ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିବା ସହ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିବ ବୋଲି ବହୁ ଜ୍ଞାନି ଗୁଣି ଲୋକେ ମତ ଦେଇଛନ୍ତି । ସରପଂଚଙ୍କର ଏତାଦୃଶ କାର୍ଯ୍ୟକଳାପକୁ ଲୋକ ସଂଗଠନ ଜନଜାଗୃତି ମଂଚର ସଦସ୍ୟମାନେ ମଧ୍ୟ ପ୍ରଶଂସା କରିଥିବାର ଜଣାଯାଇଛି । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ କରୁଣାକର ମୁର୍ମୁ, ଚାନ୍ଦରାୟ ମାର୍ଣ୍ଡି, ଗାଲୁରାମ ଟୁଡୁ, ରତ୍ନାକର ମାର୍ଣ୍ଡି, ସୁନାରାମ ସୋରେନ, ମଙ୍ଗଳ ମାର୍ଣ୍ଡି, ବାଲକା ହେମ୍ବ୍ରମ, ରଶ୍ମିଲତା ଟୁଡୁ, ସିନିଗ ମାର୍ଣ୍ଡି, ପାନ ମୁର୍ମୁ, ଫୁଲମଣି ମାର୍ଣ୍ଡି, ଡୁମୁନି ମାର୍ଣ୍ଡି ପ୍ରମୁଖ ସହଯୋଗ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida